# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

SAMBALPUR | ♦VOLUME- 42 ♦ISSUE-344 ♦BHUBANESWAR ♦THURSDAY ♦12 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୪୪ ♦ଭୁବନେଶ୍ୱର ♦ଗୁରୁବାର ♦୧୨ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ହାତୀବେଶେ ଶ୍ରୀଜୀଉ



■ ପୁରୀ, ୧୧।୬ (ସମିସ): ବୁଧବାର ଥିଲା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ନିଜ ଜନ୍ମ ତିଥିରେ ରତ୍ନବେଦୀରୁ ଓହ୍ଲାଇ ଆସି ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେଇଛନ୍ତି ମହାବାହୁ। ସ୍ନାନବେଦୀରେ ଦାରୁବିଗ୍ରହଙ୍କ ଗଜାନନ ବା ହାତୀବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଭକ୍ତ। ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଅଭିମନ୍ତ୍ରିତ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି

### ଅଣସର ପିଣ୍ଡିକୁ ବିଜେକଲେ ଚତୁର୍ଦ୍ଧାମୂର୍ତ୍ତି
### ଆଜିଠୁ ଗୁପ୍ତ ସେବା, ଦର୍ଶନ ଦେବେ ପଟିଦିଅଁ

ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ମହାପ୍ରଭୁଙ୍କ ଏହି ଦିବ୍ୟସ୍ନାନ ଏବଂ ଦୁର୍ଲ୍ଲଭ ହାତୀବେଶ ଦର୍ଶନ ଲାଗି ସକାଳୁ ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ବଡ଼ଦାଣ୍ଡରେ ଲାଗିଥିଲା ଗହଳିଚହଳି। ପ୍ରବଳ ଖରା ସତ୍ତ୍ୱେ ଭକ୍ତଙ୍କ ଗହଳିରେ ଉଚ୍ଛୁଳି ପଡ଼ିଥିଲା ସିଂହଦ୍ୱାର ▶ପୃଷ୍ଠା-୭

**ଶ୍ରୀକ୍ଷେତ୍ରରେ ଚାଞ୍ଚଲ୍ୟ**

# ସ୍ନାନ ପୂର୍ଣ୍ଣିମାରେ ସେବାୟତଙ୍କୁ ହତ୍ୟା

### ମୁଖ୍ୟ ଅଭିଯୁକ୍ତ ନାରାୟଣ ପାଟଯୋଶୀ ଗିରଫ
### ଆଇନଶୃଙ୍ଖଳାର ଧଜିଆ ଉଡ଼ାଇଲେ ଦୁର୍ବୃତ୍ତ
### ମୃତଦେହ ଫିଙ୍ଗିବା ଭିଡିଓ ସିସିଟିଭିରେ କଏଦ

■ ପୁରୀ, ୧୧।୬ (ସମିସ): ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀରେ ମାଳ ମାଳ ପୁଲିସ। ସାହି ଗଳିରେ ବି ମୁତୟନ ହୋଇଛନ୍ତି ପୁଲିସ କର୍ମୀ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୦ ପ୍ଲାଟୁନ ଫୋର୍ସ ନିୟୋଜିତ ଥିବାବେଳେ ସମ୍ପୂର୍ଣ୍ଣ ସହରକୁ ଜଗିଛି ସିସି କ୍ୟାମେରା। ଏହାସତ୍ତ୍ୱେ ଶ୍ରୀକ୍ଷେତ୍ରରେ ଗଡ଼ିଛି ମୁଣ୍ଡ। ପବିତ୍ର ସ୍ନାନ ପୂର୍ଣ୍ଣମୀରେ ଜଣେ ବୃଦ୍ଧ ସେବାୟତଙ୍କୁ ହତ୍ୟା କରାଯାଇଛି। ଟାଉନ୍ ଥାନା ଅନ୍ତର୍ଗତ ଗୁଡ଼ିଆସାହିରେ ୮୩ ବର୍ଷୀୟ ସୁପକାର ସେବାୟତ ଜଗନ୍ନାଥ ଦୀକ୍ଷିତ୍‌ଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯିବା ଘଟଣା ଆଧ୍ୟାତ୍ମିକ ପରିବେଶରେ ଭୟର ବାତାବରଣ ଖେଳାଇ ଦେଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିବାବେଳେ ଜଣେ ବରିଷ୍ଠ ସେବାୟତଙ୍କ ହତ୍ୟା ଆଇନଶୃଙ୍ଖଳା ପ୍ରତି ଅଙ୍ଗୁଳି ଉଠିଛି। ତେବେ ହତ୍ୟାକାରୀ ଗୁଡ଼ିଆସାହିର ନାରାୟଣ ପାଟଯୋଶୀ ଘଟଣାସ୍ଥଳରୁ ଫେରାର୍ ଥିବାବେଳେ ତାଙ୍କୁ ତାଙ୍କ ଶଶୁର ଘର ତଥା ପୁରୀ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁରରୁ ଟାଉନ୍ ଥାନା ପୁଲିସ ଗିରଫ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲେ ହେଁ ଏ ନେଇ କୌଣସି ସ୍ୱଷ୍ଟତା ଆସିନାହିଁ।

ପ୍ରକାଶ ଯେ, ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଦେଖିବା ପାଇଁ ବୁଧବାର ଭୋରୁ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼। ବିଶ୍ୱବ୍ୟାପୀ କୋଟି କୋଟି ▶ପୃଷ୍ଠା-୭

# ଯାଜପୁରରେ ବେକାବୁ ହେଉଛି ଡାଇରିଆ

## ୭ ମୃତ | ଆକ୍ରାନ୍ତ ସଂଖ୍ୟା ୫୦୦ ଟପିଲା

- ▶▶ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ସ୍ଥିତି ସମୀକ୍ଷା
- ▶▶ ଯାଜପୁରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଚିକିତ୍ସା
- ▶▶ ରାପିଡ୍ ଆକ୍ସନ୍ ଟିମ୍ ଓ ବିଶେଷଜ୍ଞ ଦଳ ମୁତୟନ
- ▶▶ କାରଣ ଖୋଜୁଛି ରାଜ୍ୟ ମାଇକ୍ରୋବାୟୋଲୋଜି ଟିମ୍

■ ଯାଜପୁର/ଭୁବନେଶ୍ୱର, ୧୧।୬ (ସମିସ): ଯାଜପୁର ଜିଲ୍ଲାରେ ଦୁଇ ଦିନ ଧରି ଜାରି ରହିଥିବା ଡାଇରିଆ ଆତଙ୍କ ଥମିବାର ନାଁ ନେଉନାହିଁ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଝାଡ଼ାବାନ୍ତିରେ ସଂକ୍ରମିତ ହୋଇଛନ୍ତି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାଠାରୁ ଆରମ୍ଭ କରି ଯାଜପୁରରୋଡ୍, କୋରେଇ, ଦାନଗଦି ଏବଂ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଖୁନ୍ଦି ହୋଇଯାଇଛନ୍ତି। ଡାକ୍ତରଖାନାଗୁଡ଼ିକରେ ଶଯ୍ୟା ଅଭାବରୁ ଅନେକ ରୋଗୀ ବାରଣ୍ଡାରେ ଚିକିତ୍ସିତ ହେଉଥିବାବେଳେ ବହୁ ଲୋକ ଘରେ ଚିକିତ୍ସାଧୀନ ଅଛନ୍ତି।

ଗତକାଲି ଝାଡ଼ାବାନ୍ତି ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ଦାନଗଦି ବ୍ଲକ ଉଛବାଳି ପଞ୍ଚାୟତ ତରାଇଲୋ ଗାଁର ସୁଦର୍ଶନ ପାତ୍ର ଓ ବସନ୍ତ ପାତ୍ର, କୋରେଇ ବ୍ଲକ କନ୍ତୋର ପଞ୍ଚାୟତ ଜଳନ୍ଦା ଗାଁର ପଞ୍ଚାନ ମଳିକଙ୍କ



ପତ୍ନୀ ଜାନକୀ(୫୫), ବଡ଼ଚଣା ବ୍ଲକର ସମିଆଁ ପଞ୍ଚାୟତ କଳକଳା ଗ୍ରାମର ନଙ୍ଗୁଳି ନାୟକଙ୍କ ପୁଅ ମଦନମୋହନ ନାୟକ (୨୮) ଏବଂ ଶାଳପଡା ପଞ୍ଚାୟତ ତିଳପଦା ଗାଁର ଭାସ୍କର ▶ପୃଷ୍ଠା-୭

## ରାଜ୍ୟରେ ବିଜେପି ଶାସନକୁ ପୂରିଲା ବର୍ଷେ

# ସରକାରଙ୍କ ଉପରେ 'ପ୍ରତିଶ୍ରୁତି' ଚାପ

■ ଭୁବନେଶ୍ୱର, ୧୧।୬ (ସମିସ): ଆସନ୍ତାକାଲି ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାରକୁ ପୂରିବ ବର୍ଷେ। ଏହି ବର୍ଷକ ମଧ୍ୟରେ ସରକାର ନିଜ ଉପଲବ୍ଧିକୁ ଜୋରସୋର ଢଙ୍ଗରେ ପ୍ରଚାର କରୁଛନ୍ତି। ଏପରିକି ନିର୍ବାଚନୀ ଇସ୍ତାହାରରେ ରଖିଥିବା ୨୧ଟି ପ୍ରତିଶ୍ରୁତି ପୂରଣ ମଧ୍ୟରୁ ୧୧ଟି ପୂରଣ କରିଥିବା ସରକାର ଦାବି କରୁଛନ୍ତି। ତେବେ ସରକାରଙ୍କ ଦାବି ଓ ବାସ୍ତବତା ମଧ୍ୟରେ ଆକାଶପାତାଳ ଫରକ ଥିବା ରାଜନୈତିକ ସମୀକ୍ଷକ ଓ ବିରୋଧୀମାନେ ମତପ୍ରକାଶ କରିଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପାହାଡ଼ ପରି ପ୍ରତିଶ୍ରୁତି ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିବାବେଳେ ହୁଗୁଳା ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡବିନ୍ଧା



**ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡବିନ୍ଧା ପାଲଟିଛି ହୁଗୁଳା ପ୍ରଶାସନ**

ପାଲଟିଛି। ଉତ୍ତମ ବିତ୍ତୀୟ ପରିଚାଳନା, ଶୃଙ୍ଖଳିତ ପ୍ରଶାସନ, ନିୟନ୍ତ୍ରଣାଧିନ ଆଇନ ଶୃଙ୍ଖଳା ଏବଂ ବିକାଶ କାର୍ଯ୍ୟକୁ ଗତି ଦେବା ଆଗାମୀ ବର୍ଷରେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିବା ଆଶଙ୍କା ସୃଷ୍ଟି କରିଛି।

ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ୨ ବର୍ଷରେ ୫୦ ହଜାର ଟଙ୍କା 'ସୁଭଦ୍ରା' ଭାଉଚର ପରିବର୍ତ୍ତେ ବର୍ଷକୁ ୧୦ ହଜାର ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ସହାୟତାକୁ ନେଇ ସରକାର ସମାଲୋଚନାର ଶରବ୍ୟ ହୋଇଛନ୍ତି। ଏ କ୍ଷେତ୍ରରେ ସରକାର ପ୍ରତିଶ୍ରୁତି ରକ୍ଷା କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ଭତ୍ତା କ୍ଷେତ୍ରରେ ମଧ୍ୟ କେବଳ ୮୦ ବର୍ଷରୁ ଅଧିକ ଏବଂ ୮୦ % ▶ପୃଷ୍ଠା-୭







## ୭ ଦିନରେ ଦେଶର ତାପମାତ୍ରା ୮ରୁ ୧୩ ଡିଗ୍ରୀ ବୃଦ୍ଧି ପାଇଛି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ସାରାଦେଶରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗତ ୭ ଦିନ ମଧ୍ୟରେ ଦେଶବ୍ୟାପୀ ତାପମାତ୍ରା ୮ରୁ ୧୩ ଡିଗ୍ରୀ ସେଲସିଅସ୍ ବୃଦ୍ଧି ପାଇଛି। ମଙ୍ଗଳବାର ପଞ୍ଜାବର ଭଟିଣ୍ଡାରେ ତାପମାତ୍ରା ୪୭.୬ ଡିଗ୍ରୀ ରେକର୍ଡ କରାଯାଇଛି ଓ ଦେଶର ସବୁଠାରୁ ଉତ୍ତପ୍ତ ସହର ବିବେଚିତ ହୋଇଛି। ସେହିପରି ହରିୟାଣାର ସିର୍ସାରେ ମଙ୍ଗଳବାର ତାପମାତ୍ରା ୪୭.୨ ଡିଗ୍ରୀ ରହିଥିଲା। ରାଜସ୍ଥାନରେ ମଧ ହିଟ୍‌ୱେଭ୍ ଜାରି ରହିଛି। ରାଜସ୍ଥାନର ୩ଟି ସହରର ତାପମାତ୍ରା ୪୬ ଡିଗ୍ରୀରୁ ଊର୍ଦ୍ଧ୍ୱ ରେକର୍ଡ କରାଯାଇଛି। ଶ୍ରୀଗଙ୍ଗାନଗରରେ ୪୭.୪, କୋଟାରେ ୪୬.୩ ଓ ବିକାନେରରେ ତାପମାତ୍ରା ୪୬ ଡିଗ୍ରୀ ରହିଥିଲା। ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ବ୍ୟତୀତ ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶରେ ଆଗାମୀ ଦୁଇଦିନ ଲୁ ସତର୍କତା ଜାରି କରାଯାଇଛି। ଅନ୍ୟପଟେ କେରଳରେ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି।

## ଦୁଷ୍କର୍ମ ପୀଡିତାଙ୍କୁ ଗର୍ଭପାତ ପାଇଁ ହାଇକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଜଣେ ୧୪ ବର୍ଷୀୟା ଦୁଷ୍କର୍ମ ପୀଡିତା ନାବାଳିକାଙ୍କୁ ଗର୍ଭପାତ ପାଇଁ ବମ୍ବେ ହାଇକୋର୍ଟ ଅନୁମତି ଦେଇଛନ୍ତି। ପୀଡିତା ୨୪ ସପ୍ତାହର ଗର୍ଭବତୀ ଅଛନ୍ତି। ଯଦି ଚାହାନ୍ତି ତେବେ ସେ ଗର୍ଭପାତ କରାଇପାରିବେ ବୋଲି କୋର୍ଟ କହିଛନ୍ତି। ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ ଏହି ଘଟଣା ଘଟିଛି। ଜଣେ ଯୁବକ ଇନଷ୍ଟାଗ୍ରାମରେ ନାବାଳିକାଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିବା ପରେ ତାଙ୍କର ଯୌନ ଶୋଷଣ କରିଥିଲେ। ପୀଡିତାଙ୍କ ପିରିୟଡ଼ ନ ହେବା ଫଳରେ ତା'ର ମାଙ୍କ ସନ୍ଦେହ ହୋଇଥିଲା। ଟେଷ୍ଟ ପରେ ସେ ଗର୍ଭବତୀ ଅଛନ୍ତି ବୋଲି ମା ଜାଣିବାକୁ ପାଇଥିଲେ। ଅଭିଯୁକ୍ତ ଯୁବକଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇଛି। ମେଡିକାଲ ଯାଞ୍ଚ ପରେ କୋର୍ଟ ଗର୍ଭପାତ କରିବାକୁ ଅନୁମତି ଦେଇଛନ୍ତି।

## ଇରାନ୍ ପେଟ୍ରୋକେମିକାଲ ପ୍ଲାଣ୍ଟରେ ନିଆଁ: ୩ ମୃତ

ତେହେରାନ, ୧୧।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ଇରାନ୍‌ର ବୁସେହର ରାଜ୍ୟରେ ଥିବା କାଙ୍ଗେସ୍ ପେଟ୍ରୋକେମିକାଲ ପ୍ଲାଣ୍ଟରେ ଭିଷଣ ନିଆଁ ଲାଗିଛି। ଏହି ଘଟଣାରେ ୩ଜଣ ମୃତ୍ୟୁ ବରଣ କରିଛନ୍ତି। ବୁଧବାର ଏହି ପ୍ଲାଣ୍ଟରେ ନିଆଁ ଲାଗିଥିଲା ଓ ଅଶାନ୍ତ ହୋଇଥିଲା। ୧୦ ଜଣ ଲୋକ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମ ତରଫରୁ ସୂଚନା ଦିଆଯାଇଛି। ଏହାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଉଛି। ତେହେରାନଠାରୁ ଏହି ପ୍ଲାଣ୍ଟ ୧, ୨୦୦ କିମି ଦକ୍ଷିଣରେ ଅବସ୍ଥିତ। ଉଲ୍ଲେଖଥାଉ କି, ପାଖାପାଖି ମାସକ ପୂର୍ବରୁ ବନ୍ଦର ଆବାସସ୍ଥିତ ଶହିଦ ରାଜି ପୋର୍ଟରେ ଘଟିଥିବା ଏକ ବଡ଼ ଧରଣର ବିସ୍ଫୋରଣରେ ୫୮ ଲୋକ ମୃତ୍ୟୁବରଣ କରିଥିଲେ ଓ ପ୍ରଭୁତ କ୍ଷତି ଘଟିଥିଲା।

## ହିମାଚଳରେ ଇସ୍ରାଏଲ୍ ପର୍ଯ୍ୟଟକ ନିଖୋଜ

ଧର୍ମଶାଳା, ୧୧।୬(ଏଜେନ୍ସି): ହିମାଚଳ ପ୍ରଦେଶରେ ସାମୁଏଲ ଭେଙ୍ଗରିନୋଭିକ ନାମକ ଜଣେ ବିଦେଶୀ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ସେ ୩୫ରୁ ୪୦ ବର୍ଷ ବୟସ୍କ ବୋଲି ଅନୁମାନ କରାଯାଉଛି ଓ ଇସ୍ରାଏଲର ନାଗରିକ ବୋଲି ଜଣାଯାଉଛି। ଧର୍ମଶାଳାରେ ଟ୍ରାକିଂ ରୁଟ୍ ତ୍ରିୟୁଣ୍ଡରୁ ସେ ନିଖୋଜ ହୋଇଛନ୍ତି। ତାଙ୍କ ସାଥି ଏଡିକଲନ୍ ସୋମବାର ମେକ୍ଲୋଡଗଞ୍ଜ ଥାନାରେ ଏ ନେଇ ସୂଚନା ଦେଇଛନ୍ତି। ସେ ଜୁନ୍ ୬ରେ ଟ୍ରାକିଂ କରିବାକୁ ବାହାରିଥିଲେ ଓ ରାତି ପର୍ଯ୍ୟନ୍ତ ଫେରିନାହାନ୍ତି। ସାମୁଏଲ ଧର୍ମକୋଟରେ ରହୁଥିଲେ। ୫ଜଣ ଲୋକ ହିମାଚଳ ଯାତ୍ରାରେ ଆସିଥିଲେ। କିନ୍ତୁ ସାମୁଏଲ ଟ୍ରାକିଂ ବେଳେ ନିଖୋଜ ହୋଇଥିଲେ। ଫଳରେ କାଙ୍ଗରା ଜିଲ୍ଲା ପ୍ରଶାସନ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଏ ନେଇ ସ୍ଥାନୀୟ ଲୋକଙ୍କୁ ସୂଚନା ଦେବାକୁ ଅପିଲ କରାଯାଇଛି। ଏ ସମ୍ପର୍କରେ ଦିଲ୍ଲୀସ୍ଥିତ ଇସ୍ରାଏଲ ଦୂତାବାସକୁ ସୂଚନା ଦିଆଯାଇଛି।

## ଜଳନ୍ତା ଜାହାଜରୁ ୧୮ ଉଦ୍ଧାର

ତାଇପେ ସିଟି, ୧୧।୬(ଏଜେନ୍ସି): ଭାରତୀୟ ନୌବାହିନୀକୁ ଚାନ୍ ପରେ ତାଇୱାନ କୃତଜ୍ଞତା ଜଣାଇଛି। ଆରବ ସାଗରରେ କେରଳର କୋଚିଠାରୁ ପାଖାପାଖି ୪୪ ନୋଟିକାଲ ମାଇଲ୍ ଦୂରରେ ଏକ କଣ୍ଟେନର ଜାହାଜ ଏମ୍‌ଭି ୱାନ ହାଇ ୫୦୩ରେ ଜୁନ୍ ୯ରେ ଏକ ବିସ୍ଫୋରଣ ପରେ ଭୀଷଣ ନିଆଁ ଲାଗିଥିଲା। ନିଆଁ ଦ୍ରୁତଗତିରେ ବ୍ୟାପିଥିଲା ଓ ଆହୁରି କେତୋଟି ବିସ୍ଫୋରଣ ହୋଇଥିଲା। ଫଳରେ ଜାହାଜ ବୁଡ଼ିବା ଭଳି ସ୍ଥିତି ଉପୁଜିଥିଲା। ନୌବାହିନୀ ଏହି ଜାହାଜରୁ ୧୮ ଜଣ କ୍ରିୟୁ ମେମ୍ବରଙ୍କୁ ଉଦ୍ଧାର କରିଥିଲା। ଏମାନଙ୍କ ମଧ୍ୟରେ ଚାନ୍ ଓ ତାଇୱାନର କେତେକଣ ନାଗରିକ ରହିଥିଲେ। ତେଣୁ ଚାନ୍ ଓ ତାଇୱାନ ଭାରତୀୟ ନୌବାହିନୀର ସାହସିକତା ଓ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛି। ଏଥିସହ ଆହତ ହୋଇଥିବା କ୍ରିୟୁ ମେମ୍ବରଙ୍କୁ ଶୀଘ୍ର ଉପଚାର କରାଇବାକୁ ଦୁଇ ଦେଶର ଅଧିକାରୀ ଆଶା ପ୍ରକାଶ କରିଛନ୍ତି। ଏହି ଜାହାଜ ଶ୍ରୀଲଙ୍କାର କଲମ୍ବୋରୁ ମୁମ୍ବଇର ହାବା ସେବା ବନ୍ଦର ଯାଉଥିଲା ଓ ୧୦ ଜୁନ୍‌ରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା।

ଏହି ଜାହାଜରେ ପାଖାପାଖି ୬୫୦ କଣ୍ଟେନର ଥିଲା ଓ ଏଥିରେ ୨୦୦୦ ଟନ୍ ତେଲ ଓ ୨୪୦ ଟନ୍ ଡିଜେଲ ରହିଥିଲା। ଜୁନ୍ ୯ ସକାଳ ୯.୩୦ରେ ନୌବାହିନୀକୁ ଏ ନେଇ ସୂଚନା ମିଳିଥିଲା। ପାଖାପାଖି ୭ ଘଣ୍ଟାର ରେସକ୍ୟୁ ଅପରେସନ ହୋଇଥିଲା।

## 'ସାରା ବିଶ୍ୱକୁ ଡକାଇଥିଲା ବିସିସିଆଇ'



ବେଙ୍ଗାଲୁରୁ, ୧୧।୬ (ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିଜୟ ଉତ୍ସବରେ ଦଳାଚକଟାକୁ ନେଇ କର୍ଣ୍ଣାଟକ ସରକାର ହାତ ଟେକି ଦେଇଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ସଠିକ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ୧୧ ଜଣ ଲୋକଙ୍କ ଜୀବନ ଯାଇଥିଲା ବୋଲି ଅଭିଯୋଗ ହେଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସିଦ୍ଧରାମୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଯୋଗ ଦେଇଥିବା ସତ୍ତ୍ୱେ ସରକାର ନିଜ ଉପରୁ ଦୋଷ ଛଡ଼ାଇ ଦେଇଛନ୍ତି। ଦଳାଚକଟା ପାଇଁ ଆରସିବି ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ରାଜ୍ୟ ସରକାର ଦାୟୀ କରିଛନ୍ତି। ବୁଧବାର କର୍ଣ୍ଣାଟକ ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ବିଜୟ ଉତ୍ସବ କାର୍ଯ୍ୟକ୍ରମ ପାଇଁ କୌଣସି ପ୍ରକାରର ଅନୁମତି ଦିଆଯାଇ ନ ଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆୟୋଜକମାନେ ସୋସିଆଲ ମିଡିଆ ମାଧ୍ୟମରେ ସାରା ବିଶ୍ୱକୁ ଡାକିଥିଲେ। ଏହି ମାମଲାରେ ଆରସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସଲେ ଏବଂ ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଏମାନେ ଗିରଫକୁ ଚ୍ୟାଲେଞ୍ଜ କରିଥିଲେ। ଏହା ବିରୋଧରେ ଦାଏର ଆବେଦନ ଉପରେ ଆଜି ହାଇକୋର୍ଟ ଶୁଣାଣି କରିଥିଲେ। ଗତ ୧୦ ତାରିଖରେ ସୋସଲେ କହିଥିଲେ ଯେ ପୁଲିସ ଅଧିକାରୀଙ୍କୁ କୋର୍ଟ କେବଳ ନିଲମ୍ବନ କରାଯାଇଛି। ତାଙ୍କୁ ଗିରଫ କରାଯାଇ ନାହିଁ। କେବଳ ମୋ ସହ ଏପରି କାହିଁକି କରାଯାଉଛି? ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଶଶି କିରଣ ସେଟ୍ଟି କୋର୍ଟଙ୍କୁ ଜଣାଇ ଥିଲେ ଯେ ବିଜୟ ଉତ୍ସବ କିମ୍ବା ଷ୍ଟାଡିୟମରେ କାର୍ଯ୍ୟକ୍ରମ ନେଇ ଆରସିବି ପକ୍ଷରୁ ଅନୁମତି ନିଆଯାଇ ନ ଥିଲା। କେବଳ ଜୁନ୍ ୩ରେ ମ୍ୟାଚ୍ ଆରମ୍ଭ ହେବାର ଏକ ଘଣ୍ଟା ପୂର୍ବରୁ ଆରସିବି ପକ୍ଷରୁ ଏକ ଚିଠି ଲେଖା ଯାଇଥିଲା। ଏଥିରେ ବିଜୟ ଉତ୍ସବ ଆୟୋଜନ କରାଯିବ ବୋଲି କୁହାଯାଇଥିଲା। ସେମାନେ ଅନୁମତି ମାଗି ନ ଥିଲେ, କେବଳ ଯୋଜନା ବିଷୟରେ ସୂଚନା ଦେଇଥିଲେ।

## ନ୍ୟାୟିକ ସକ୍ରିୟତା ନ୍ୟାୟିକ ଆତଙ୍କବାଦରେ ପରିଣତ ନ ହେଉ



ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଭାରତୀୟ ସମ୍ବିଧାନ କେବଳ ଅଧିକାର ଦେଇନାହିଁ, ବରଂ ଏହା ସମାଜର ପଛୁଆ ଏବଂ ଦଳିତ ବର୍ଗଙ୍କୁ ପ୍ରଗତି ପାଇଁ ମଧ୍ୟ କାର୍ଯ୍ୟ କରୁଛି ବୋଲି ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି। ସେ ଅକ୍ସଫୋର୍ଡ ୟୁନିଅନର ଏକ କାର୍ଯ୍ୟକ୍ରମରେ ଏହି ମନ୍ତବ୍ୟ ଦେଇ ନ୍ୟାୟିକ ଆତଙ୍କବାଦୀ ନେଇ ଚେତାବନୀ ମଧ୍ୟ ଦେଇଛନ୍ତି। ଦେଶରେ ନ୍ୟାୟିକ ସକ୍ରିୟତା (ଜୁଡିସିଆଲ ଆକ୍ଟିଭିଜିମ୍)ର ଭୂମିକା ଜାରି ରହିବ। କିନ୍ତୁ ଏହା ନ୍ୟାୟିକ ଆତଙ୍କବାଦରେ ପରିଣତ ନ ହେବା ଉଚିତ। ଅର୍ଥାତ୍ ନ୍ୟାୟିକ ସକ୍ରିୟତାକୁ ଏତେ ପ୍ରୋତ୍ସାହନ ଦେବା ଉଚିତ ନୁହେଁ, ଯାହାକି ଏହା ନ୍ୟାୟିକ ଆତଙ୍କବାଦରେ ପରିଣତ ହୋଇଯିବ। ଅନେକ ସମୟରେ ଏପରି ଦେଖାଯାଇଥାଏ। ଯେଉଁ କ୍ଷେତ୍ରରେ ନ୍ୟାୟପାଳିକା ମୁଣ୍ଡ ଖେଳାଇବା ଅନୁଚିତ ସେହି କ୍ଷେତ୍ରରେ ହିଁ ଏହା ହସ୍ତକ୍ଷେପ କରିଥାଏ। ପ୍ରଧାନ ବିଚାରପତି କହିଛନ୍ତି ଯେ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବାରେ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ବିଫଳ ହେଲେ ନ୍ୟାୟପାଳିକାକୁ ହସ୍ତକ୍ଷେପ କରିବାକୁ ପଡ଼ିଥାଏ। ଏହି ପ୍ରକ୍ରିୟା ଜାରି ରହିବ। କିନ୍ତୁ ଏହି ହସ୍ତକ୍ଷେପର ନିର୍ଦ୍ଦିଷ୍ଟ ସୀମା ଏବଂ ମର୍ଯ୍ୟାଦା ରହିବା ଉଚିତ। ଏହାସହିତ ସେ ସ୍ପଷ୍ଟ କରିଦେଇଛନ୍ତି ଯେ କେଉଁସି ପଦକ୍ଷେପ ସମ୍ବିଧାନର ବିରୁଦ୍ଧାଚରଣ କଲେ କୋର୍ଟ ହସ୍ତକ୍ଷେପ କରିବା ଜରୁରି।

**ଅପରେସନ୍ ହନିମୁନ୍: ସ୍ୱୀକାର କଲା ସୋନମ୍**

# ହଁ, ମୁଁ ସ୍ୱାମୀଙ୍କୁ ହତ୍ୟା କରିଛି

ସିଲଂ, ୧୧।୬ (ଏଜେନ୍ସି): ଶେଷରେ ସୋନମ ମାନିଲା ଯେ ସେ ହିଁ ତାର ପତି ରାଜା ରଘୁବଂଶୀଙ୍କୁ ହତ୍ୟା କରିଛି। ହନିମୁନରେ ମେଘାଳୟ ଯିବା ପୂର୍ବରୁ ରାଜାଙ୍କୁ ହତ୍ୟା କରିବା ଲାଗି ସୋନମ ତାର ପ୍ରେମିକ ରାଜ ସହିତ ମିଶି ଷଡ଼ଯନ୍ତ୍ର କରିଥିଲା। ସ୍ୱାମୀଙ୍କୁ ହତ୍ୟା କରିବା ଲାଗି ସେ କଣ୍ଟ୍ରାକ୍ଟ କିଲରମାନଙ୍କୁ ନିୟୋଜିତ କରିଥିଲା।

ମେଘାଳୟ ପୁଲିସ ଆଜି ଏହି ସୂଚନା ଦେଇଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଉତ୍ତର ପ୍ରଦେଶରୁ ଆଣିବା ପରେ ସିଲଂରେ ସୋନମକୁ ପଚରାଉଚରା କରାଯାଇଛି। ଗାଜିପୁରରୁ ସିଲଂ ଆସିବା ଲାଗି ୭୨ ଘଣ୍ଟା ଲାଗିଥିଲା। ଯାତ୍ରା ସମୟରେ ସୋନମ ପୁଲିସ ସହିତ କୌଣସି ପ୍ରକାର କଥାବାର୍ତ୍ତା କରିନଥିଲା। ସିଲଂରେ ପହଞ୍ଚିବା ପରେ ତାକୁ ଜେରା କରିବା ଆରମ୍ଭ କରିଥିଲା ପୁଲିସ। ପ୍ରଥମେ ସୋନମ ଏହି ହତ୍ୟାକାଣ୍ଡରେ ସାମିଲ ଥିବା ନେଇ ମନା କରିଥିଲା। କହିଥିଲା ଯେ ତାଠାରୁ ଜିନିଷପତ୍ର ଲୁଟ୍ କରିବା ପରେ ଲୁଟେରାମାନେ ଏଭଳି ହତ୍ୟାକାଣ୍ଡ ଘଟାଇ ଥାଇପାରନ୍ତି। ତେବେ ପୁଲିସ ସମସ୍ତ ତଥ୍ୟ ପ୍ରମାଣ ତା ଆଗରେ ଉପସ୍ଥାପିତ କରିବା ପରେ ସୋନମ କାନ୍ଦିବା ଆରମ୍ଭ କରିଥିଲା ଏବଂ ହତ୍ୟାକାଣ୍ଡରେ ଜଡିତ ଥିବା ସ୍ୱୀକାର କରିଥିଲା। ହତ୍ୟାକାଣ୍ଡ ପରେ ହତ୍ୟାକାରୀମାନଙ୍କୁ ସୋନମ ଭେଟୁଥିବାର ଦୃଶ୍ୟ ସମ୍ବଳିତ ସିସିଟିଭି ଫୁଟେଜ, ମୋବାଇଲ କଲ୍ ରେକର୍ଡସ ଏବଂ ହତ୍ୟାକାଣ୍ଡ ସ୍ଥଳରୁ ମିଳିଥିବା ରେନକୋଟ୍ ଏବଂ ରକ୍ତଭିଜା ସାର୍ଟ ଭଳି କିଛି ସାମଗ୍ରୀ ପୁଲିସ ଅଧିକାରୀ ସୋନମକୁ ଦେଖାଇଥିଲେ। ରେନକୋଟ୍ ଓ ରକ୍ତଭିଜା ସାର୍ଟ ତାର ବୋଲି ସୋନମ ଚିହ୍ନଟ କରିବା ସହିତ ହତ୍ୟା କଥା ସ୍ୱୀକାର କରିଥିଲା। ସିଲଂ ଏସ୍‌ପି କହିଲେ ଯେ ରାଜା ହତ୍ୟାକାଣ୍ଡରେ ତାଙ୍କର ପତ୍ନୀ ସୋନମ ସଂପୃକ୍ତ ଥିବାର ଠୋସ୍ ପ୍ରମାଣ ପୁଲିସ ପାଖରେ ରହିଛି। ଗତକାଲି ସୋନମର ପ୍ରେମିକ ରାଜ ଏବଂ ଅନ୍ୟ ତିନି ଜଣ



**■ ପ୍ରେମିକ ସହ ମିଶି ହତ୍ୟା ଷଡ଼ଯନ୍ତ୍ର କରିଥିଲି**

ହତ୍ୟାକାରୀ ରାଜାଙ୍କୁ ହତ୍ୟା କରିଥିବା ପୁଲିସ ଆଗରେ ମାନିନେଇଥିଲେ। ସେମାନେ କେବଳ ହତ୍ୟା କଥା ମାନି ନାହାନ୍ତି, ସେମାନେ ଆହୁରି କହିଛନ୍ତି ଯେ ହତ୍ୟା ବେଳେ ସୋନମ ସେଠାରେ ଉପସ୍ଥିତ ଥିଲା ଏବଂ ରାଜା ମରୁଥିବାର ଦୃଶ୍ୟ ସେ ଦେଖିଥିଲା।

ସୂଚନାଯୋଗ୍ୟ ଯେ ମେ ୧୧ ତାରିଖରେ ସୋନମ ଏବଂ ରାଜାଙ୍କ ବିବାହ ଇନ୍ଦୋରରେ ହୋଇଥିଲା। ଏହାପରେ ସେମାନେ ହନିମୁନ ପାଇଁ ମେଘାଳୟ ଯାଇଥିଲେ। ରାଜାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ କାମାକ୍ଷା ମନ୍ଦିର ଦର୍ଶନ ସହିତ ମେଘାଳୟ ଯିବା ଲାଗି ସୋନମ ଜିଦ୍ ଧରିଥିଲା। ସେ ରାଜାଙ୍କୁ ବୁଝାଇଥିଲା ଯେ କାମାକ୍ଷା ମନ୍ଦିର ଦର୍ଶନ ନକରିବା ପର୍ଯ୍ୟନ୍ତ ସେମାନଙ୍କର ବିବାହ ଅଧୁରା ରହିବ। ସୋନମ କଥାରେ ରାଜି ହୋଇଥିଲେ ରାଜା। କାମାକ୍ଷା ମନ୍ଦିର ଦର୍ଶନ ପରେ ପତିପତ୍ନୀ ରାଜ୍ୟ ମେଘାଳୟ ଯିବା ଲାଗି ଯୋଜନା କରିଥିଲେ। ମେ ୨୩ ତାରିଖରେ ସେମାନେ ମେଘାଳୟର ଏକ ହୋଟେଲରୁ ବାହାରୁ ଥିବାର ଦେଖାଯାଇଥିଲା। ଏହାପରେ ସେମାନେ ନିଖୋଜ ହୋଇଯାଇଥିଲେ। ଏହାର ୧୦ଦିନ ପରେ ସେଠାରୁ ୨୦ କିଲୋମିଟର ଦୂରରେ ୨୦୦ ଫୁଟ୍ ଗଭୀର ଏକ ଗାତରେ ରାଜାଙ୍କର ମୃତଦେହ ମିଳିଥିଲା। କିନ୍ତୁ ପତ୍ନୀ ସୋନମ ନିଖୋଜ ରହିଥିଲା। ତାକୁ ଠାବ କରିବା ଲାଗି ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା। ତେବେ ଗତ ୯ ତାରିଖ (ସୋମବାର) ବିଳମ୍ବିତ ରାତିରେ ସିଲଂ ଠାରୁ ୧୩୦୦ କିଲୋମିଟର ଦୂର ଉତ୍ତର ପ୍ରଦେଶର ଗାଜିପୁରରେ ସୋନମ ଆତ୍ମପ୍ରକାଶ କରିଥିଲା। ସେ ଲୁଟ୍‌ର ଶିକାର ହୋଇଥିବା ନେଇ କାହାଣୀ ଶୁଣାଇଥିଲା। କିନ୍ତୁ ସେତେବେଳେ ମେଘାଳୟ ପୁଲିସ ହାତରେ ସୁରାକ୍ ମିଳିଯାଇଥିଲା ଯେ ସ୍ୱାମୀଙ୍କୁ ହତ୍ୟା କରି ସୋନମ ଫେରାର ହୋଇଯାଇଛି। ସୋନମ ସମେତ ତାର ପ୍ରେମିକ ରାଜ ଏବଂ ଅନ୍ୟ ତିନି ଜଣ ହତ୍ୟାକାରୀ ଏବେ ପୁଲିସ ହାଜତରେ ଅଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ସୋନମର ପ୍ରେମିକ ରାଜ ମେଘାଳୟ ଯାଇନଥିଲେ ମଧ୍ୟ ଇନ୍ଦୋରରେ ରହି ହତ୍ୟା ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା।

ଇତିମଧ୍ୟରେ ସୋନମର ଭାଇ ଗୋବିନ୍ଦ ଆଜି ରାଜାଙ୍କ ଘରକୁ ଯାଇ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ ତାଙ୍କ ଭଉଣୀ ସୋନମ ଏହି ହତ୍ୟାକାଣ୍ଡରେ ସଂପୃକ୍ତ ରହିଛି। ତାକୁ ଫାଶୀ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ମୋଦୀଙ୍କୁ ଭେଟିବାକୁ ହେଲେ ମନ୍ତ୍ରୀଙ୍କୁ ଆରଟି- ପିସିଆର୍ ଟେଷ୍ଟ ଜରୁରୀ



ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଦେଶରେ କରୋନା ଭାଇରସର କେସ୍ ଓ ଏ ନେଇ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବା ପାଇଁ ଏବେ ସବୁ ମନ୍ତ୍ରୀଙ୍କୁ ଆରଟି- ପିସିଆର ଟେଷ୍ଟ କରିବାକୁ ହେବ ବୋଲି କୁହାଯାଇଛି। ସରକାରଙ୍କ ତରଫରୁ ଏହି ନିର୍ଦ୍ଦେଶ ଦିଆଯାଇଛି ବୋଲି କୁହାଯାଉଛି। ଦେଶବ୍ୟାପୀ କରୋନାର ଆକ୍ଟିଭ ସଂଖ୍ୟା ୬୮୧୫ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ନୂଆ ୩୦୦ ମାମଲା ସାମ୍ନାକୁ ଆସିଛି। କେରଳରେ ସବୁଠାରୁ ଅଧିକ ୨୦୫୩ କେସ୍ ଚିହ୍ନଟ ହୋଇଛି। ଏହାପରେ ଗୁଜରାଟରେ ୧୧୨୩, ଦିଲ୍ଲୀର ୫୭୫ ଓ ପଶ୍ଚିମବଙ୍ଗରେ ୭୪୭ଟି ପ୍ରଭୃତିରୁ ରୋଗୀ ଚିହ୍ନଟ ହୋଇଛନ୍ତି। କରୋନାର ଏହି ନୂଆ ଭେରିଏଣ୍ଟ ଦ୍ୱାରା ଏପର୍ଯ୍ୟନ୍ତ ୭୪ ଲୋକ ପ୍ରାଣ ହରାଇଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଗତ ମଙ୍ଗଳବାର ୬ଜଣ ଲୋକ କରୋନାରେ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ କେରଳରେ ୩, କର୍ଣ୍ଣାଟକରେ ୨ ଓ ମହାରାଷ୍ଟ୍ରରେ ଜଣେ ଲୋକଙ୍କର ମୃତ୍ୟୁ ହୋଇଛି। ଗତ ୧୦ ଦିନ ମଧ୍ୟରେ ୩୦୦୦ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ୪୦ଜଣ ପ୍ରାଣ ହରାଇଛନ୍ତି। ପ୍ରତିଦିନ ୩୫୦ରୁ ଅଧିକ କେସ୍ ସାମ୍ନାକୁ ଆସୁଛି। କେରଳର ସବୁ ହସ୍ପିଟାଲରେ ଶର୍ଦ୍ଦି, କାଶ ଓ ନିଶ୍ୱାସ ନେବାର ସମସ୍ୟା ଥିବା ରୋଗୀଙ୍କ କୋଭିଡ଼ ଟେଷ୍ଟ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏଲନ ମସ୍କ ଅନୁତପ୍ତ

ୱାଶିଂଟନ, ୧୧।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୁକ୍ତି ଓ ବିବାଦ କରି ଟେସ୍‌ଲା ମୁଖ୍ୟ ଏଲନ ମସ୍କ ଏବେ ଅନୁଶୋଚନା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କୁ ନେଇ ଗତ ସପ୍ତାହରେ କରିଥିବା କେତୋଟି ପୋଷ୍ଟକୁ ନେଇ ଅନୁଶୋଚନା କରୁଛି। ଆବଶ୍ୟକତାଠାରୁ ଅଧିକ କିଛି ପୋଷ୍ଟ କରିଦେଇଥିଲି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ସ୍ୱୀକାର କରିଛନ୍ତି। ମସ୍କଙ୍କ ସହ ସମ୍ପର୍କ ଶେଷ ହେବା କଥା ଘୋଷଣା କରିବାର ଦିନ କେତୋଟି ପରେ ମସ୍କ ଏହି



କଥା କହିଛନ୍ତି। ଫଳରେ ଏବେ ଦୁହିଁଙ୍କ ମଧ୍ୟରେ ଅଲ୍ ଇଜ୍ ୱେଲ୍ ଅର୍ଥାତ ସବୁକିଛି ଠିକଠାକ ହେବ ବୋଲି ଆଶା କରାଯାଉଛି। ବିଗ୍ ବ୍ୟୁଟିଫୁଲ୍ ବିଲ୍‌କୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା ଓ ପରେ ଏହା ଚରମ ସୀମାରେ ପହଞ୍ଚିଥିଲା।

ଅବଶ୍ୟ ଗତ କେତୋଟି ପୋଷ୍ଟରେ ମସ୍କ ଟ୍ରମ୍ପଙ୍କ ମନ୍ତବ୍ୟ ଓ ବିଭିନ୍ନ ନୀତିକୁ ସମର୍ଥନ କରି ପୋଷ୍ଟ କରିଥିଲେ। ଲସ୍ ଏଞ୍ଜେଲ୍ସରେ ଅବୈଧ ପ୍ରବାସୀଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ମସ୍କ ସମର୍ଥନ କରିଥିଲେ। ଏ ସମ୍ପର୍କରେ ଟ୍ରମ୍ପଙ୍କୁ ମସ୍କଙ୍କ ବାବଦରେ ପ୍ରଶ୍ନ ପଚରାଯାଇଥିଲା। ଟ୍ରମ୍ପ ମଧ୍ୟ ଏ ନେଇ ସକାରାତ୍ମକ ମନ୍ତବ୍ୟ ଦେଇଛନ୍ତି। 'ଆମ ଭିତର ଭଲ ସମ୍ପର୍କ ଥିଲା ଓ ଆଗକୁ ଭଲ ହେବ ବୋଲି କାମନା କରୁଛି' ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏହି ସମ୍ପର୍କିତ ଏକ ଭିଡିଓରେ ମସ୍କ ରେଡ୍ ହାର୍ଟ ଇମୋଜି କମେଣ୍ଟ କରିଛନ୍ତି। ଇତିମଧ୍ୟରେ ଟ୍ରମ୍ପଙ୍କ ସହିତ ଜଡ଼ିତ ସବୁ ପୋଷ୍ଟକୁ ମସ୍କ ହଟାଇ ଦେଇଛନ୍ତି। ଜଣେ ଯୌନ ଅପରାଧୀଙ୍କ ଟ୍ରମ୍ପଙ୍କ ସମ୍ପର୍କ ଓ ତାଙ୍କ ବିରୋଧରେ ମହା ଅଭିଯୋଗ ଆଣିବା ନେଇ ମସ୍କ ପୋଷ୍ଟ କରି ବିବାଦକୁ ଚରମ ସୀମାରେ ପହଞ୍ଚାଇଥିଲେ। ପୂର୍ବରୁ ମସ୍କଙ୍କ ସହ ସବୁ ସମ୍ପର୍କ ଶେଷ ହୋଇଛି ବୋଲି ଟ୍ରମ୍ପ ଘୋଷଣା କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସର ୪ ପ୍ରଶ୍ନ


ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): କଂଗ୍ରେସ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୪ଟି ପ୍ରଶ୍ନ କରାଯାଇଛି। ସର୍ବଦଳୀୟ ବୈଠକ ଡକାଇବା, ଅପରେସନ ସିନ୍ଦୁର ଉପରେ ସମୀକ୍ଷା କମିଟି ଗଠନ, ମୌସୁମୀ ଅଧିବେଶନ ସମୟରେ ୨ ଦିନିଆ ଆଲୋଚନା ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସାମିଲ ଆତଙ୍କବାଦୀଙ୍କୁ ଧରିବା ପ୍ରୟାସ ସମ୍ବନ୍ଧିତ ପ୍ରଶ୍ନ ପଚରାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏହି ପ୍ରଶ୍ନ ପଚାରିଛନ୍ତି ଯେ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କେବେ କରିବେ? ଦଳର ସାଂସଦଙ୍କ ପରିବର୍ତ୍ତେ ନେତାଙ୍କୁ କେବେ ଭେଟିବେ? ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସାମ୍ନାକୁ ଆସିଥିବା ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ଆହ୍ୱାନ ମାମଲାରେ ନେତାଙ୍କୁ କେବେ ବିଶ୍ୱାସକୁ ନେବେ? ଜୟରାମ ପୁଣି ପଚାରିଛନ୍ତି ଯେ କାରଗିଲ ଯୁଦ୍ଧ ସମୟରେ ଦେଶରେ କାରଗିଲ ସମୀକ୍ଷା କମିଟି ଥିଲା। ସିଙ୍ଗାପୁରରେ ସିଡିଏସ୍ ଖୁଲାସା ପରେ ବି ଏଭଳି ପଦକ୍ଷେପ ନିଆଯିବ କି? ସମୀକ୍ଷା କିମ୍ବା ବିଶେଷଜ୍ଞ କରାଯିବ କି? କିଛି ରିପୋର୍ଟ ପ୍ରସ୍ତୁତ କରି ସଂସଦରେ ଉପସ୍ଥାପନ କରାଯିବ କି? ତୃତୀୟରେ ମୌସୁମୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା, ନୂଆ ଟେକ୍ନୋଲୋଜି ଆହ୍ୱାନ ଏବଂ ଆମେରିକା ରାଷ୍ଟ୍ରପତିଙ୍କ ଦାବି ଉପରେ ସୂଚନା ଦେବେ କି?

## ମୋଦୀ ୧୧ ବର୍ଷରେ ୩୩ ଭୁଲ୍ କରିଛନ୍ତି: ଖଡ଼୍‌ଗେ



ନୂଆଦିଲ୍ଲୀ: ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୩ ଭୁଲ୍ କରିଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ। ସେ କହିଛନ୍ତି ଯେ ଗତ ୧୧ ବର୍ଷରେ ମୋଦୀ ସରକାର ଭାରତୀୟ ଗଣତନ୍ତ୍ର, ଅର୍ଥବ୍ୟବସ୍ଥା ଏବଂ ସାମାଜିକ ସ୍ଥିତିକୁ ଗଭୀର ଆଘାତ ଦେଇଛନ୍ତି। ବିଜେପି-ଆରଏସଏସ ସବୁ ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିଦେଇଛି। ଏହାର ସ୍ୱାଧୀନତା ଉପରେ କଡ଼ା ପ୍ରହାର କରିଛି। ଅନେକ ସରକାର ଭାଙ୍ଗି ଦିଆଯାଇଛି। ଏକଦଳୀୟ ଏକଛତ୍ରଶାସନ ଜବରଦସ୍ତି ଥୋପି ଦିଆଯାଉଛି। ରାଜ୍ୟର ହକ୍‌କୁ ଅଣଦେଖା ଏବଂ ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରାଯାଇଛି। ସମାଜରେ ଭୟ, ଘୃଣା ଏବଂ ଧମକର ପରିବେଶ ବଢ଼ିବାରେ ଲାଗିଛି। ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଏବଂ ଦୁର୍ବଳ ବର୍ଗଙ୍କ ପ୍ରତି ଶୋଷଣ ବଢ଼ି ଚାଲିଛି। ଏମାନଙ୍କୁ ନିଜ ଅଧିକାରଠାରୁ ବଞ୍ଚିତ ରଖାଯାଇଛି। ମଣିପୁର ହିଂସା ବିଜେପିର ପ୍ରଶାସନିକ ବିଫଳତାର ସବୁଠୁ ବଡ଼ ପ୍ରମାଣ ପାଲଟିଛି। ୨ କୋଟି ଚାକିରି ଦେବା ପରିବର୍ତ୍ତେ ଲୋକଙ୍କୁ ଚାକିରି ଛଡ଼ାଇ ନିଆଯାଉଛି। ମହଙ୍ଗା ମାଡ଼ ଏତେ ବଢ଼ିଛି ଯେ ଲୋକଙ୍କ ସଞ୍ଚୟ ୫୦ ବର୍ଷରେ ସବୁଠୁ କମ୍ ରହିଛି। ଗତ ୧୧ ବର୍ଷରେ କେବଳ ସମ୍ବିଧାନର ପ୍ରତ୍ୟେକ ପୃଷ୍ଠାକୁ ଏକଛତ୍ରବାଦର କାଳୀରେ ରଗଡ଼ା ଯାଉଛି।

## ପ୍ରିୟଙ୍କାଙ୍କୁ କେରଳ ହାଇକୋର୍ଟଙ୍କ ନୋଟିସ୍



କୋଚି, ୧୧।୬(ଏଜେନ୍ସି): କେରଳ ହାଇକୋର୍ଟ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କୁ ବୁଧବାର ନୋଟିସ ଜାରି କରିଛନ୍ତି। ୱାଏନାଡ ଲୋକସଭା ଆସନରେ ହୋଇଥିବା ଉପ-ନିର୍ବାଚନରେ ତାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ବିଜେପି ନେତା ନବ୍ୟା ହରିଦାସ ପିଟିସନ ଫାଇଲ କରିଥିଲେ। ପ୍ରିୟଙ୍କା ନିର୍ବାଚନ ସତ୍ୟପାଠରେ ନିଜର ଓ ନିଜ ପରିବାର ସମ୍ପତ୍ତି ନେଇ ଭୁଲ ତଥ୍ୟ ପ୍ରଦାନ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରିୟଙ୍କା ଜାଣିଶୁଣି ନିଜ ସମ୍ପତ୍ତି ଲୁଚାଇଛନ୍ତି। ଏହା ଭ୍ରଷ୍ଟ ଅଚାରଣର ଅଂଶବିଶେଷ। ମିଛ ତଥ୍ୟ ପ୍ରଦାନ କରି ସେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବୋଲି ହରିଦାସ ଅଭିଯୋଗ ଆଣିଛନ୍ତି।

# ଟ୍ରେନ୍ ଆଗରେ ୪ ପୁଅ ସହିତ ବାପାର ଆତ୍ମହତ୍ୟା

**■ ଫରିଦାବାଦରେ ହୃଦୟ ବିଦାରକ ଘଟଣା**

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଦିଲ୍ଲୀର ଫରିଦାବାଦ ବଲ୍ଲଭଗଡ଼ ଅଞ୍ଚଳରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ୪ ପୁଅଙ୍କ ସହ ଟ୍ରେନ ଆଗକୁ ଡେଇଁ ବାପା (୩୬) ଜୀବନ ହାରିଛି। ସବୁଠାରୁ ସାନ ପୁଅର ବୟସ ତିନି ବର୍ଷର ଥିବାବେଳେ ବଡ଼ର ୯ ବର୍ଷ ରହିଛି। ପତ୍ନୀକୁ ନେଇ ମନରେ ଏତେ ଘୃଣା ଭାବନା ଆସିଥିଲା ଯେ ପୁଅଙ୍କ ବିକଳ ଡାକକୁ ବି ବାପା କର୍ଣ୍ଣପାତ କରି ନ ଥିଲା। ବାପା ଟ୍ରେନ ଆସୁଛି। ଚାଲ ପଳାଇବା କହିଥିଲେ ବି ସେ ଶୁଣି ନ ଥିଲେ। ଜମାରୁ ପିଲାଙ୍କ ହାତ ଛାଡ଼ି ନ ଥିଲେ। ଶେଷରେ ଗୋଲ୍ଡେନ ଟେମ୍ପଲ ଏକ୍ସପ୍ରେସ ମାଡ଼ ହେବାରୁ ସମସ୍ତଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଦିପହର ୧ଟା ୧୦ରେ ଏଲ୍‌ସନ ଛକ ଫ୍ଲାଇଓଭର ତଳେ ଏହି ହୃଦୟବିଦାରକ ଘଟଣା ଘଟିଥିଲା। ଏହି ଟ୍ରେନର ଲୋକ ପାଇଲଟ ହିଁ ପୁଲିସକୁ ଘଟଣାର ସୂଚନା ଦେଇଥିଲେ। ପରେ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।



ସୂଚନା ଅନୁଯାୟୀ ମନୋଜଙ୍କ ପକେଟରୁ ଆଧାରକାର୍ଡ ମିଳିଥିଲା। ଏହି ନମ୍ବରରେ ଫୋନ କରିବାରୁ ପତ୍ନୀ ଫୋନ ଉଠାଇ ଥିଲେ। ସ୍ୱାମୀ ପୁଅଙ୍କୁ ନେଇ ପାର୍କକୁ ଯାଉଥିବା କହିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ମନୋଜ ପୁଅଙ୍କୁ ଚିପ୍ସ ଏବଂ କୋଲ୍ଡଡ୍ରିଙ୍କ୍ସ ଦେଇ ଆତ୍ମହତ୍ୟା କରିବାକୁ ଫ୍ଲାଇଓଭର ତଳକୁ ଯାଇଥିଲା। ସେଠାରେ ଟ୍ରେନ୍‌କୁ ଅପେକ୍ଷା କରି ଘଣ୍ଟାଏ ପର୍ଯ୍ୟନ୍ତ ଟ୍ରାକ୍‌ରେ ବସି ରହିଥିଲେ। ଟ୍ରେନ ଆସୁଥିବା ଦେଖି ପୁଅମାନେ ଭୟରେ ହାତ ଛାଡ଼ିବାକୁ କହିଥିଲେ ବି ସେ ଛାଡ଼ି ନ ଥିଲେ। ଶେଷରେ ଏକ ପରିବାର ନିଶ୍ଚିହ୍ନ ହୋଇଗଲା।

# ସ୍ନାନକଲେ ଶ୍ରୀଜୀଉ... ଭାବରେ ଭିଜିଲେ ଭକ୍ତ





## ରଜ ପାଇଁ ସୋମବାର ନନ୍ଦନକାନନ ଖୋଲା

ବାରଙ୍ଗ/ନନ୍ଦନକାନନ,୧୧।୬(ସମିସ): ଓଡ଼ିଶାର ଗଣପର୍ବ ରଜକୁ ଆଖି ଆଗରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ବଡ଼ ନିଷ୍ପତ୍ତି ନେଇଛନ୍ତି। ସୋମବାର ରଜ ପର୍ବ ତୃତୀୟ ଦିନ ପଡୁଥିବାରୁ ପର୍ଯ୍ୟଟକମାନଙ୍କ ପାଇଁ ନନ୍ଦନକାନନ ଖୋଲା ରହି ମଙ୍ଗଳବାର ବନ୍ଦ ରହିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି। ପ୍ରାଣୀ ଉଦ୍ୟାନ ନନ୍ଦନକାନନ ସପ୍ତାହର ପ୍ରତ୍ୟେକ ସୋମବାର ବନ୍ଦ ରହିଥାଏ। ୨୦୨୪ ମସିହା ପହିଲି ରଜରେ ୧୭,୪୪୬ଜଣ ପର୍ଯ୍ୟଟକ ଆସିଥିବା ବେଳେ ୨ୟ ରଜରେ ୨୮,୫୨୦ ଜଣ ଓ ଶେଷ ରଜରେ ୩୦,୩୨୩ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଯାହାକି ୨୦୨୩ ମସିହା ଶେଷ ରଜରେ ୧୪,୬୨୪ ଜଣ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୪ ମସିହା ଶେଷ ରଜରେ ୨୦୨୩ଠାରୁ ୧୫ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିଲେ।

■ ଗ୍ରାମୀଣ ଡାକସେବକ ନିଯୁକ୍ତିରେ ଜାଲ୍ ପ୍ରମାଣପତ୍ର ଘଟଣା

## ଆଉ ୫ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ



କଟକ,୧୧।୬(ସମିସ): ଗ୍ରାମୀଣ ଡାକସେବକ ପଦରେ ନିଯୁକ୍ତି ପାଇଁ ଆବେଦନବେଳେ ବିଭିନ୍ନ ଅନୁଷ୍ଠାନର ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଟିମକୁ ସଫଳତା ମିଳିଛି। ଏହି ଘଟଣାରେ ପୂର୍ବରୁ କ୍ରାଇମବ୍ରାଞ୍ଚ ମୋଟ ୨୦ ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ଆଉ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗିର ଥାନା ଅନ୍ତର୍ଗତ ମୁରିବାହାଲର ବାସିନ୍ଦା କୁଳମଣି ରଣା (୨୪), ବଲାଙ୍ଗିର ସଦର ଥାନା ଅନ୍ତର୍ଗତ କୁତୁମଡ଼ୋଲା ବାସିନ୍ଦା ଅଜାଉଦିନ କୁମ୍ଭାର (୨୮), ବଲାଙ୍ଗିର ଥାନା ଜଗନ୍ନାଥପଡ଼ା ଅଞ୍ଚଳର ରଜତ କୁମାର ନାଏକ (୩୨), ବୁଢ଼ାମୁଣ୍ଡା ଅଞ୍ଚଳର ସୁଧୀର ଭୁଏ (୨୭) ଓ ସୁବର୍ଣ୍ଣପୁର ସରଗଜ ଅଞ୍ଚଳର ତୋଫାନ ବାଗ (୪୫)। ସେମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ନକଲି ଏବଂ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରି ଗ୍ରାମୀଣ ଡାକ ସେବକ (ଜିଡିଏସ) ଚାକିରି ହାତେଇବା ପାଇଁ ଠକେଇ କରିଥିଲେ। ଏହି ମାମଲାରେ ମୋଟ ୨୫ ଜଣ ଗିରଫ ହୋଇସାରିଛନ୍ତି। କ୍ରାଇମବ୍ରାଞ୍ଚ ଦଳ ଅଧିକ ତଦନ୍ତ ଜାରି ରଖିଛି। ଗ୍ରାମୀଣ ଡାକ ସେବକ ପଦ ପାଇଁ ୩୮ ଜଣ ପ୍ରାର୍ଥୀଙ୍କ ଦ୍ୱାରା ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ନକଲି ଏବଂ ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ ସମ୍ପର୍କରେ ବଲାଙ୍ଗିର ଡାକ ଡିଭିଜନର ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ବଲାଙ୍ଗୀର ଟାଉନ ଥାନାରେ ଗତ ୨୯୨୩ ମାର୍ଚ୍ଚ୩୧ରେ ଏକ ଏତଲା ଦେଇଥିଲେ। ସେହି ସମୟରେ ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଠକମାନଙ୍କର ଏକ ସଂଗଠିତ ନେଟୱର୍କ ଚାକିରି ଆଶାୟୀମାନଙ୍କୁ ନକଲି ପ୍ରମାଣପତ୍ର ଯୋଗାଇବା ପାଇଁ କାର୍ଯ୍ୟ କରୁଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଅଭିଜିତ କୁମାର ଭକତ ସହ ଅନ୍ୟ ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ପଠାଯାଇଥିଲା।

## ବିଜ୍ଞାପନରେ ସୀମିତ ଓଡ଼ିଶା ବିକାଶ

# ଅବିଭକ୍ତ କୋରାପୁଟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଛବି ଧୂସର

ଭୁବନେଶ୍ୱର,୧୧।୬(ସମିସ): ପଛୁଆ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ବିଜେପି ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ଆଦିବାସୀମାନେ ବିଜେପିର ଆତ୍ମା ଓ ସେମାନଙ୍କ କଲ୍ୟାଣ ପାଇଁ ଅହରହ କାମ କରୁଛନ୍ତି ଦଳୀୟ ନେତା ଓ ମନ୍ତ୍ରୀମାନେ ଘଣ୍ଟ ପିଟୁଛନ୍ତି । ଏଥିପାଇଁ ବିଭିନ୍ନ ଗଣମାଧ୍ୟମରେ ବଡ଼ବଡ଼ ବିଜ୍ଞାପନ ପ୍ରକାଶ କରୁଛନ୍ତି। ମାତ୍ର ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାର ବାସ୍ତବ ଛବି ସରକାରଙ୍କ ଘୋଷିତ ବିକାଶ ଉପରୁ ଉଠାଇ ଦେଉଛି ପରଦା । ପୋଲାଭରମ୍ ପ୍ରସଙ୍ଗରେ ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅନାନ୍ତରିକତା ଓ ଆଦିବାସୀ ଉତ୍ପୀଡ଼ନ ନୀତି ସ୍ପଷ୍ଟ ହୋଇ ଯାଇଛି। ଏହି ପ୍ରକଳ୍ପ ଯୋଗୁଁ ହଜାର ହଜାର ଆଦିବାସୀ ଭିଟାମାଟି ହରାଇବା ନିଶ୍ଚିତ ହୋଇଥିଲେ ହେଁ ରାଜ୍ୟ ସରକାର ଆନ୍ଧ୍ର ବିରୋଧରେ ମୁହଁ ଖୋଲୁ ନାହାନ୍ତି। ଅନ୍ୟପକ୍ଷରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଧୂସର ଛବି ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ପ୍ରୀତି କେବଳ ପ୍ରହେଳିକା ବୋଲି ପ୍ରମାଣିତ କରିଛି। ରାଜ୍ୟ ମୁଖ୍ୟ ସଚିବ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରି ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ନିକଟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇଥିଲେ। ତେବେ କୋରାପୁଟରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାର ଦୁରାବସ୍ଥାର ଯେଉଁ ବିବରଣୀ ସେ ବିଭିନ୍ନ ବିଭାଗଗୁଡ଼ିକୁ ଦେଇଛନ୍ତି, ତାହା ଅତ୍ୟନ୍ତ ମାର୍ମିକ । ମୁଖ୍ୟ ସଚିବ କୋରାପୁଟ

### ମୁଖ୍ୟ ସଚିବଙ୍କ ଉଦ୍‌ବେଗ ଖୋଲିଲା ଗୁମର

ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବାକୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଥିବା ଉଲ୍ଲେଖ କରି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ବିକଳ ଛବି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ସେହିପରି ବିଶେଷକରି ଜିଲ୍ଲାବ୍ୟାପୀ ସ୍କୁଲଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ଖାଲିଥିବାରୁ ସେ ଉଦ୍‌ବେଗ ପ୍ରକାଶ କରି ଆବଶ୍ୟକସ୍ଥଳେ ଅତିଥି ଶିକ୍ଷକ ନିଯୁକ୍ତି ଦେଇ ଶୈକ୍ଷିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ଅତିଥି ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଥିବା ନିୟମାବଳୀକୁ ଆବଶ୍ୟକସ୍ଥଳେ କୋହଳ କରିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଅନୁରୂପ ଭାବରେ ଜିଲ୍ଲାର ସହରାଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରିବାକୁ ବିଭାଗକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ସଚିବ। ଦଶମନ୍ତପୁର ବ୍ଲକର କନ୍ୟାଶ୍ରମର ଅବ୍ୟବସ୍ଥା ମୁଖ୍ୟ ସଚିବଙ୍କୁ କ୍ଷୁବ୍ଧ କରିଛି। ଛାତ୍ରୀନିବାସରେ ବ୍ୟବହାର ହେଉଥିବା ପୁରୁଣା ଏବଂ ଛିଣ୍ଡା ବିଛଣା ଗୁଡ଼ିକର ବ୍ୟବହାରକୁ ଦେଖି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେହିପରି ଜିଲ୍ଲାରେ ଖାଲି ପଡ଼ିଥିବା ଡାକ୍ତରୀ ପଦବୀଗୁଡ଼ିକର ତୁରନ୍ତ ପୂରଣ ଏବଂ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ମଞ୍ଜୁର ପ୍ରାପ୍ତ ଟିଚିଂ ଷ୍ଟାଫ ପଦବୀ ପୂରଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଜିଲ୍ଲାରେ ହସ୍ପିଟାଲ ଗୁଡ଼ିକରେ ଆବଶ୍ୟକୀୟ ମେଡିକାଲ ଯନ୍ତ୍ରାଂଶକୁ ସଠିକ୍ ଭାବରେ ଉପଲବ୍ଧ କରାଇବାକୁ ମୁଖ୍ୟ ସଚିବ ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ଲିମିଟେଡକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକର ନିର୍ମାଣାଧିନ ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ କାର୍ଯ୍ୟରେ ମନ୍ଥରତାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏହାକୁ ଶେଷ କରିବାକୁ କହିଛନ୍ତି ।

■ ଭାଙ୍ଗୁଛି ମୌସୁମୀର ଅଭିମାନ

## ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

ଭୁବନେଶ୍ୱର,୧୧।୬(ସମିସ): ମୌସୁମୀର ଅଭିମାନ ଭାଙ୍ଗୁଛି। କିଛି ଦିନର ବିରତି ପରେ ପୁଣି ଥରେ ସକ୍ରିୟ ହେବାକୁ ମୌସୁମୀ ପାଗ ଭିଡ଼ିଛି। ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି। ବୁଧବାର ସ୍ନାନପୂର୍ଣ୍ଣିମାରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଫଳରେ କିଛି ଦିନ ହେବ ଜାରି ରହିଥିବା ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ୧୨ ତାରିଖରେ ମଧ୍ୟ ରାଜ୍ୟରେ ଏଭଳି ସ୍ଥିତି ଜାରି ରହିବା ସହ ୧୩ରୁ ବର୍ଷାର ପ୍ରଭାବ ବୃଦ୍ଧି ହେବା ସମ୍ଭାବନା ରହିଛି। ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିବ ଓ ଏହା ମୌସୁମୀକୁ ପୁଣି ଥରେ ସକ୍ରିୟ କରାଇବା ସହ ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକୁ ମୌସୁମୀ ଅଗ୍ରସର ହେବ। ତେଣୁ ରାଜ୍ୟରେ ୧୩ରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ୧୫-୨୦ ତାରିଖ ମଧ୍ୟରେ ରାଜ୍ୟରେ ବିସ୍ତୃତ ବର୍ଷା ହେବାକୁ ଥିବା ବେଳେ ସମ୍ଭବତଃ ଏହି ସମୟରେ ସାରା ରାଜ୍ୟକୁ ମୌସୁମୀ ଅଗ୍ରସର ହୋଇଯିବ। ଅନ୍ୟପଟେ ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି ହୋଇଛି। ଏହି ସମୟରେ ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ସାଙ୍ଗକୁ କିଛି କିଛି ସ୍ଥାନରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳ ସ୍ଥିତିକୁ ଦେଖାଇଛି ଯାଜପୁର ଝାଡ଼ାବାନ୍ତି: ଯୁବ କଂଗ୍ରେସ

ଭୁବନେଶ୍ୱର,୧୧।୬(ସମିସ): ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତମାନେ ଯାଜପୁର ଜିଲ୍ଲା ହସ୍ପିଟାଲ୍ ଏବଂ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ବାସ୍ତବରେ ଏହି ସଂଖ୍ୟା ୪୦୦ରୁ ଅଧିକ ବୋଲି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଛନ୍ତି।

ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀ ସାମଲ ଅଭିଯୋଗ କହିଛନ୍ତି ଯେ ଯାଜପୁର ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହା ସରକାରୀ ବ୍ୟବସ୍ଥା ରହିଛି, ତାହା ଝାଡ଼ାବାନ୍ତିକୁ ନିୟନ୍ତ୍ରଣ ପାଇଁ ବି ସମର୍ଥ ନୁହେଁ। ସମୁଦାୟ ୬୩ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀରୁ ମାତ୍ର ୧୧ ଜଣ ଡାକ୍ତର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଦେଉଛନ୍ତି। ମୋହନ ସରକାର ଯାଜପୁର ଜିଲ୍ଲା ତଥା ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣୁଥିବାର ଯେଉଁ ଡିଣ୍ଡିମ ପିଟୁଛନ୍ତି, ତାହାର ବିକଳ ଚିତ୍ର ଏଠାରେ ପରିଲକ୍ଷିତ ହେଉଛି। ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ନାହାନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ ବର୍ଷାଦିନ ହୋଇଥିବା ହେତୁ ଝାଡ଼ାବାନ୍ତି ହୁ ହୁ ହୋଇ ବ୍ୟାପିଯିବାର ସମ୍ଭାବନା ରହିଛି। ତେଣୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ସାମଲ ଦାବି କରିଛନ୍ତି। ପରିସ୍ଥିତି ସଂଗୀନ ଥିବାବେଳେ ସ୍ୱାସ୍ଥ୍ୟ ସଚିବ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ତତ୍ପରତା ଦେଖାଦେବା କଥା, ତାହା ଦେଖାଉନାହାନ୍ତି ବୋଲି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ଯେଉଁ ଆକ୍ରାନ୍ତମାନେ ସରକାରୀ ଡାକ୍ତରଖାନାଗୁଡ଼ିକରେ ଭର୍ତ୍ତି ହୋଇଛନ୍ତି, ରାଜ୍ୟ ସରକାର ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ସହ କିପରି ଭାବରେ ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସିବ, ସେଥିପ୍ରତି ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଯୁବ କଂଗ୍ରେସ ଜଣାଇଛି।

## ଚାଷୀ ପଞ୍ଜୀକରଣ ଓ ଧାନ କିଣାରେ ବଡ଼ କାରସାଦି

# ଜମି କି ଅମଳ ବଢୁନି; ବର୍ଷକୁ ବର୍ଷ ବଢୁଛନ୍ତି ଚାଷୀ

ବଲାଙ୍ଗିର,୧୧।୬(ସମିସ): ବଲାଙ୍ଗିର ଜିଲ୍ଲାରେ ଧାନକିଣା ଓ ଚାଷୀ ପଞ୍ଜିକରଣକୁ ନେଇ ଚାଲିଛି ବଡ଼ ଧରଣର କାରସାଦି। ବର୍ଷକୁ ବର୍ଷ ଆଶା ଠାରୁ ଅଧିକ ଚାଷୀଙ୍କ ଉଭୟ ଖରିଫ ଓ ରବି ଋତୁରେ ପଞ୍ଜୀକରଣ କରାଯାଉଥିବାବେଳେ ସେହି ଅନୁସାରେ ଧାନକିଣା ପରିମାଣ ମଧ୍ୟ ବଢୁଛି। କିନ୍ତୁ ଜମି ପରିମାଣ ଓ ଅମଳ ପରିମାଣ ସମାନ ରହୁଥିବାବେଳେ କେଉଁଠୁ ଆସୁଛି ଧାନ, କିଏ ବିକୁଛି ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନବାଚୀ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ବିନା କୌଣସି ନୂତନ ଜଳସେଚନ ବ୍ୟବସ୍ଥା ସତ୍ତ୍ୱେ ଚଳିତ ରବିରେ ଏତେ ଚାଷୀ ବଢିଲେ କେମିତି ଓ ଧାନ ଆସିଲା କେଉଁଠୁ। କାହା ଧାନ କିଣୁଛନ୍ତି ରାଜ୍ୟ ସରକାର। ଆଠଶହ ଟଙ୍କା ବୋନସ ଘୋଷଣା ପରେ ଏହିଭଳି ଅଭିଯୋଗ ସାମ୍ନାକୁ ଆସିଥିବା ବେଳେ ଚାଷୀ ପଞ୍ଜୀକରଣ ଭିଜିଲାନ୍ସସ୍ତରୀୟ ତଦନ୍ତ କରାଗଲେ ଶହ ଶହ ନକଲି ଚାଷୀ ଓ ଚାଷୀ କାର୍ଡ ସାମ୍ନାକୁ ଆସିବାର ସମ୍ଭାବନା ରହିଛି। ଏହିସବୁ କାରବାର କୃଷି ମନ୍ତ୍ରୀଙ୍କ ଜିଲ୍ଲାରେ ଚାଲିଥିବାବେଳେ ଏନେଇ କିନ୍ତୁ ମନ୍ତ୍ରୀ ନିରବତା ଅବଲମ୍ବନ କରିଛନ୍ତି।

ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରେ ଚାଲିଛି ରବି ଧାନକିଣା। କିନ୍ତୁ ଚଳିତବର୍ଷ ଉଭୟ ଖରିଫ ଓ ରବି ଧାନକିଣାରେ ଅନେକ ଡଙ୍କକତା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଧାନକିଣା ଅନିୟମିତତା କରିବା ପାଇଁ ବିଭାଗୀୟ ଅଧିକାରୀ ଓ ପାକ୍ସ ଅଧିକାରୀ ମିଳିତ ଭାବେ ନକଲି ଚାଷୀ କାର୍ଡ ପ୍ରସ୍ତୁତ କରି ଭୂତଚାଷୀ ପଞ୍ଜୀକରଣ କରିଥିବା ନେଇ ଅଭିଯୋଗ ହୋଇଛି। ଯାହାକି ବିଗତ ବର୍ଷ ଓ ଚଳିତବର୍ଷର ଚାଷୀ ପଞ୍ଜୀକରଣ ଓ ଧାନକିଣା ରିପୋର୍ଟ ହିଁ ସ୍ପଷ୍ଟ କରିଛି। ବିଭାଗୀୟ ସୂଚନା ଅନୁସାରେ ୨୧୨୧-୨୨ ଖରିଫରେ ୬୩ହଜାର ୩୮୩ ଚାଷୀ ପଞ୍ଜୀକରଣ କରିଥିବାବେଳେ ୨୮ ଲକ୍ଷ ୪୭ ହଜାର ୩୧୯ କ୍ୱିଣ୍ଟାଲ ଧାନ ପ୍ରଶାସନ

### ଯୋଗାଣ ଓ ସମବାୟ ବିଭାଗ ଅଧିକାରୀଙ୍କ ମିଳିତ ଷଡ଼ଯନ୍ତ୍ର ଅଭିଯୋଗ

କିଣିଥିଲା। ୨୦୨୨-୨୩ ରେ ୭୪ ହଜାର ୪୫୦ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୩୪ ଲକ୍ଷ ୭ ହଜାର ୬୬୬ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ୨୦୨୩-୨୪ ରେ ୮୯ ହଜାର ୪୨୩ ଚାଷୀ ପଞ୍ଜୀକରଣ କରିଥିବାବେଳେ ୩୪ ଲକ୍ଷ ୩୪ ହଜାର ୩୨୬ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ସେହିପରି ୨୦୨୪-୨୫ ଖରିଫରେ କିନ୍ତୁ ଚାଷୀ ପଞ୍ଜୀକରଣ ସଂଖ୍ୟା ୯୪ ହଜାର ୩୦୯ ରେ ପହଞ୍ଚିଥିବାବେଳେ ୪୦ ଲକ୍ଷ ୯ ୯ ହଜାର ୩୦୨ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ଅନ୍ୟପକ୍ଷରେ ୨୦୨୧-୨୨ ରବିରେ ୭୧୭୨ ଚାଷୀ ରହିଥିବାବେଳେ ୨ ଲକ୍ଷ ୫୮ ହଜାର ୮୮୭ କ୍ୱିଣ୍ଟାଲ ଧାନ ପ୍ରଶାସନ କିଣିଥିଲା। ସେହିପରି ୨୦୨୨-୨୩ ରବିରେ ୭୮୨୧ ଚାଷୀ ପଞ୍ଜୀକରଣ କରିଥିବାବେଳେ ୨ ଲକ୍ଷ ୭୦ ହଜାର ୮୦୩ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ୨୦୨୩-୨୪ ରବିରେ ୭୮୬୯ ଚାଷୀ ପଞ୍ଜିକରଣ କରିଥିବା ବେଳେ ୨ ଲକ୍ଷ ୫୭ ହଜାର ୨୨୦ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। କିନ୍ତୁ ଚଳିତ ବର୍ଷ ରବିରେ ରେକର୍ଡ ସଂଖ୍ୟକ ୪୮ ପ୍ରତିଶତ ଚାଷୀ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇଛି। କେବଳ ଏତିକି ନୁହଁ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ୫୭୮ ମେଟ୍ରିକ୍ ଟନ୍ ଟାର୍ଗେଟ ରହିଥିବାବେଳେ କିଛି ଦିନ ପୂର୍ବରୁ ପୁଣି ଏହି ଟାର୍ଗେଟ ୧୩ ହଜାର ୧୫୯ ମେଟ୍ରିକ୍ ଟନ ବଢାଯାଇଥିଲା। କିନ୍ତୁ ଏହା ମଧ୍ୟ କମ୍ ପଡୁଥିବାରୁ ଆଉ ୨୫ ହଜାର ମେଟ୍ରିକ ଟନ୍ ଟାର୍ଗେଟ ବଢାଇବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଅନୁରୋଧ କରାଯାଇଥିବା ଜଣାପଡ଼ିଛି। ତେବେ ଏଠାରୁ ପ୍ରଶ୍ନ ଉଠୁଛି କୃଷି ବିଭାଗ ସୂଚନା ଅନୁସାରେ ଚଳିତ ରବିରେ କିମ୍ବା ପୂର୍ବ ବର୍ଷ ଖରିଫ ସମୟରେ ସେତେଟା ଆଖିଦୃଶିଆ ଧାନଚାଷ ପାଇଁ ଜମି ପରିମାଣ ବୃଦ୍ଧି ପାଇନାହିଁ କି ଅମଳ ପ୍ରତିଶତ ବୃଦ୍ଧି ପାଇନାହିଁ। ଏପରିକି ଏହି କିଛି ବର୍ଷ ଭିତରେ ଆଖିଦୃଶିଆ ଜଳସେଚନ ବ୍ୟବସ୍ଥା ମଧ୍ୟ ବଢିନାହିଁ। ଏମିତିରେ ଗତ ଗୋଟିଏ ବର୍ଷ ଭିତରେ ଏତେ ସଂଖ୍ୟାରେ ଚାଷୀ ଙ୍କ ସଂଖ୍ୟା ବଢିଲା କେମିତି ଓ ଅମଳ ଧାନ ପ୍ରତିଶତ ବଢ଼ିଲା କେମିତି। ନିହାତି ଭାବେ ଚାଷୀ ପଞ୍ଜୀକରଣ ସମୟରେ କାରସାଦି କରାଯାଇଥିବା ସ୍ପଷ୍ଟ ହୋଇଛି। ଗୋଟିଏ ପଟେ ମିଲର୍ସଙ୍କ ସହ ସ୍ଥାନୀୟ ବିଜେପି ମଙ୍ଗୁଆଳ ନେତାଙ୍କ ମଧୁର ସମ୍ପର୍କ ଅନ୍ୟପଟେ ଯୋଗାଣ ଓ ସମବାୟ ବିଭାଗର ଅସାଧୁ କର୍ମଚାରୀଙ୍କ ଲାଭଖୋର ମନୋଭାବ ଯୋଗୁ ଜିଲ୍ଲାରେ ଚାଷୀ ପଞ୍ଜୀକରଣ ଓ ଧାନକିଣାରେ ବଡ଼ଧରଣର ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। କେବଳ ଧାନକିଣା ପରିମାଣକୁ ବୃଦ୍ଧି କରାଯାଇନାହିଁ ସେହି ଅନୁସାରେ ବୋନମ ଟଙ୍କା ମଧ୍ୟ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡାଙ୍କ କହିବା ଅନୁସାରେ କିଛି ହେରାଫେରୀ ନାହିଁ, ପୂର୍ବରୁ ଚାଷୀ ମଣ୍ଡିରେ ଧାନ ବିକିବାକୁ ଚାହୁଁ ନ ଥିଲେ। ଚଳିତବର୍ଷ ବୋନସ ଟଙ୍କା ପାଇଁ ଚାଷୀ ପଞ୍ଜୀକରଣ ଅଧିକ କରିଛନ୍ତି। ସେହି ଅନୁସାରେ ଧାନକିଣା ଯାଇଥିବା ସେ ପ୍ରତିକ୍ରିୟାରେ କହିଛନ୍ତି। କିନ୍ତୁ ପଞ୍ଜିକୃତ ଚାଷୀ ଓ ଧାନକିଣାରେ ରହିଥିବା ତାରତମ୍ୟ ଭିନ୍ନ କଥା କହୁଛି। ଫଳରେ ଏହାର ଏକ ଭିଜିଲାନ୍ସସ୍ତରୀୟ ତଦନ୍ତ କରାଗଲେ ଅନେକ ଅସାଧୁ ଅଧିକାରୀଙ୍କ ସହ ଶହଶହ ନକଲି ଚାଷୀ ସାମ୍ନାକୁ ଆସିବେ ବୋଲି ଚାଷୀମାନେ ମତ ରଖିଛନ୍ତି।

## ଖରିଫ ଧାନର ଏମ୍‌ଏସ୍‌ପି ଓ ବୋନସ୍ ପାଇନାହାନ୍ତି ଚାଷୀ

# ଅର୍ଥାଭାବରୁ ଝିଅ ବାହାଘର କରିପାରିଲେନି ଚେରୁ

ଖପ୍ରାଖୋଲ,୧୧।୬(ସମିସ): ନୂଆ ସରକାରକୁ ବର୍ଷେ ପୂରିବାକୁ ବସିଛି। କେବଳ ପ୍ରତିଶ୍ରୁତି ଓ ନିଜର ବିକାଶର ପୋଷ୍ଟର ଲଗାଇ ଲୋକଙ୍କୁ ବୋକା ବନାଇବା ବ୍ୟତୀତ ଆଉକିଛି କରି ନାହାଁନ୍ତି ନୂଆ ସରକାର। ଚାଷୀ ବିକିଥିବା ଖରିଫ ଧାନର ମୂଲ୍ୟ ଓ ବୋନସ ଟଙ୍କା ଏଯାଏଁ ଦେଇନାହାନ୍ତି। ଯାହାଫଳରେ କି ଅର୍ଥ ଅଭାବରୁ କିଏ ନିଜ ଝିଅର ବାହାଘର କରିପାରି ନାହାନ୍ତି ତ ଆଉ କିଏ ଋଣ ଭାରରେ ମାନସିକ ଚିନ୍ତାଗ୍ରସ୍ତ ଥିବା ଅଭିଯୋଗ ହେଉଛି। ସେହିପରି ଜଣେ ଚାଷୀ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ସମବାୟ ଅଧୀନ



ଗୁଣ୍ଡୁରୁପାଲି ଗ୍ରାମର ଚେରୁ ବରିହା। ସେ ଖରିଫ ଋତୁରେ ଧାନଚାଷ କରି ୨୦୨୪ ଡିସେମ୍ବର ୨୭ରେ ଖପ୍ରାଖୋଲ ମଣ୍ଡିରେ ୩୧ କ୍ୱିଣ୍ଟାଲ ୧୪କେଜି ଧାନ ବିକିଥିଲେ। କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା ହାରରେ ୭୧୬୨୨.୦୦ ଟଙ୍କା ସହିତ ସରକାର ଦେଉଥିବା ବୋନସ୍ କୁଇଣ୍ଟାଲ୍ ପ୍ରତି ୭୦୦ଟଙ୍କା ହିସାବରେ ୨୪୯୧୨.୦୦ ଟଙ୍କା ତାଙ୍କ ଜମା ଖାତାକୁ ଆସିବା କଥା। କିନ୍ତୁ ଚେରୁଙ୍କ ଖରିଫ ଧାନର ସର୍ବନିମ୍ନ ସହାୟକ ରାଶି ଓ ବୋନସ ଟଙ୍କା ତାଙ୍କ ଜମାଖାତାକୁ ଏପର୍ଯ୍ୟନ୍ତ ଆସିନାହିଁ। ଏନେଇ ସେ ବାରମ୍ବାର ବ୍ୟାଙ୍କ ଓ ସମବାୟ ସମ୍ପାଦକଙ୍କ ଦ୍ୱାରସ୍ଥ ହୋଇ ସାରିଲେଣି। ଟଙ୍କା ନ ମିଳିଲେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବର୍ଷ ସେ ତାଙ୍କର ଧାନ ବିକା ପଇସାରେ କିଛି କରଜ ଶୁଝିବା ସହିତ ନିଜ ଝିଅର ବାହାଘର କରିଥାନ୍ତେ। ହେଲେ ଅର୍ଥ ଅଭାବରୁ ଝିଅ ବାହାଘର କରିପାରିଲେନି ବୋଲି ମାନସିକ ଚିନ୍ତାରେ ରହୁଛନ୍ତି। ଏନେଇ ସେ ଉପରିସ୍ଥ କାର୍ଯ୍ୟାଳୟକୁରେ ଯୋଗାଯୋଗ କରି ସାରିଛନ୍ତି। ହେଲେ ଟୋଲ ଫ୍ରି ନମ୍ବର ରେ ସବୁ ଠିକ୍ ଅଛି, ହେଲେ କିଛି ସମୟ ଲାଗିବ ବୋଲି ଉତ୍ତର ଆସୁଛି। କିଛି ଦିନ ବ୍ୟବଧାନରେ ଫୋନ କରି ଯୋଗାଯୋଗ ରଖିବା ପାଇଁ କୁହାଯାଉଛି। ଚେରୁ ବରିହଙ୍କ ସହିତ ଆଉଜଣେ ଚାଷୀ ମଧ୍ୟ ଗତବର୍ଷର ଖରିଫ ଚାଷର ସର୍ବନିମ୍ନ ସହାୟକ ରାଶି ଓ ବୋନସ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି।

## ମନ୍ତ୍ରୀ କହିଲେ ସମାଧାନ ହେଲା, କିନ୍ତୁ ଆସିଲାନି ଟାର୍ଗେଟ୍

# ପୁଣି ଚାଷୀଙ୍କ ରାସ୍ତାରୋକ

**ସମ୍ବଲପୁର, ୧୧।୬ (ସମିସ)**

ଚଳିତ ରବି ଋତୁରେ ଧାନକିଣା ଟାର୍ଗେଟ୍‌କୁ ନେଇ ହନ୍ତସନ୍ତ ହେଲାଣି ଚାଷୀ। ମଣ୍ଡିକୁ ଧାନ ଆଣିଲେ ଟୋକନ ଥାଇ ବି ଚାଷୀ ଧାନ ବିକ୍ରି କରିପାରୁନାହିଁ। ମିଲର୍‌ଙ୍କୁ ସରକାର ଟାର୍ଗେଟ ଦେବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି। ଜିଲ୍ଲାର ବିଭିନ୍ନ ମଣ୍ଡିରେ ଦିନରାତି ଧାନ ଜଗିରହୁଛି ଚାଷୀ। ଏହାକୁ ପ୍ରତିବାଦ କରି ସୋମବାର ଚାଷୀମାନେ ୫୩ ନମ୍ବର ଜାତୀୟ ରାଜପଥ ପାଞ୍ଚଘଣ୍ଟା ଧରି ଅବରୋଧ କରିଥିଲେ। ଗତକାଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଗସ୍ତ ସମୟରେ କହିଲେ ଟାର୍ଗେଟ୍ ସମସ୍ୟା ସମାଧାନ ହେଲା। କିନ୍ତୁ ପ୍ରକୃତରେ ଟାର୍ଗେଟ୍ ଆସିଲା ନାହିଁ। ଏନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଜି ପୂର୍ବାହ୍ଣରୁ ପୁଣି ଟାର୍ଗେଟ୍ ପାଇଁ ମାଝିପାଲି ଶାସନ ତାଲବ ରୋଡ୍‌ଠାରେ ଚାଷୀମାନେ ରାଜ୍ୟ ରାଜପଥ ୧୦ରେ ରାସ୍ତା ଅବରୋଧ କରିଥିଲେ।

ମଙ୍ଗଳବାର ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ଏନେଇ ଆଲୋଚନା କରିଥିଲେ। ପ୍ରତିବର୍ଷ ଟୋକନ୍ ସମସ୍ୟା ହେଉଥିବାବେଳେ ପ୍ରଥମକରି ଟାର୍ଗେଟ୍ ସମସ୍ୟା ହେଉଛି ବୋଲି ଅବଗତ କରିଥିଲେ। ଏହି ସାକ୍ଷାତ ପରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଯେତିକି ଟାର୍ଗେଟ୍ ଦରକାର ଆମେ ଦେବୁ। ଅନ୍‌ଲାଇନ୍‌ରେ କାମ ଚାଲିଛି ଘଣ୍ଟେ ଦି'ଘଣ୍ଟା ଭିତରେ ଏଠାକୁ ପଳେଇ ଆସିବ। କିନ୍ତୁ ଟାର୍ଗେଟ୍ ଆସି ନ ଥିବାରୁ ଚାଷୀ ଧାନ ବୋଝେଇ ଗାଡ଼ି ନେଇ ମଣ୍ଡିରେ ଜଗି ବସି ରହିଛନ୍ତି।

ବୁଧବାର ପୂର୍ବାହ୍ଣ ୧୧ଟା ସମୟରୁ ସମ୍ବଲପୁର-ରାଉରକେଲା ରାଜ୍ୟ ରାଜପଥକୁ ମାଝିପାଲି ଶାସନ ତାଲବ ରୋଡଠାରେ ଚାଷୀମାନେ ଅବରୋଧ କରିଥିଲେ। ଚାଷୀମାନଙ୍କୁ ଉଠିଯିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ତେବେ, ଗତ ସୋମବାର ଚାଷୀମାନେ ୫୩ ନମ୍ବର ଜାତୀୟ ରାଜପଥ ସିନ୍ଦୂରପଙ୍କଠାରେ ଅବରୋଧ କରିଥିବାବେଳେ ସେମାନଙ୍କୁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇନଥିଲା। ଏହାପରେ ମଙ୍ଗଳବାର ଯୋଗାଣ ମନ୍ତ୍ରୀ ଆସି କହିଥିଲେ। ତେବେ ବି ଟାର୍ଗେଟ ନଆସିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଣୁ ଚାଷୀମାନେ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀଙ୍କ ହାତରେ କିଛି ନାହିଁ, ଭୁବନେଶ୍ୱରରୁ ଟାର୍ଗେଟ୍ ଆସିଲେ ଯାଇ ଉଠିବୁ ବୋଲି ଅଡ଼ି ବସିଥିଲେ।

ଏହି ରାସ୍ତାରୋକ କେବଳ ଅର୍ଥନୈତିକ ଅବରୋଧ ଥିଲା। ଟ୍ରକ୍ ଗୁଡ଼ିକୁ ଅଟକ ରଖାଯାଇଥିବାବେଳେ ସାଧାରଣ ଜନତାଙ୍କ ଯେଭଳି ଅସୁବିଧା ନହେବ ସେଥିପାଇଁ ବାଇକ୍, କାର୍, ବସ୍, ଆମ୍ବୁଲାନ୍ସ ଆଦିକୁ ଛାଡ଼ି ଦିଆଯାଉଥିଲା। ଚାଷୀମାନେ ନଖାଇ ନପିଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରି ବସି ରହିଥିଲେ। ସନ୍ଧ୍ୟା ପ୍ରାୟ ୬ଟାବେଳେ ଯୋଗାଣ ଅଧିକାରୀଙ୍କ ପାଖକୁ ୧ ଲକ୍ଷ କ୍ୱିଣ୍ଟାଲ ପାଇଁ ଟାର୍ଗେଟ୍ ବାର୍ତ୍ତା ଆସିଥିବା ଦେଖିବା ପରେ ଯାଇ ଚାଷୀମାନେ ଅବରୋଧରୁ ଓହରିଥିଲେ। ଏହି ଟାର୍ଗେଟ୍ ଅନ୍ତତଃପକ୍ଷେ ଦୁଇ-ତିନି ଦିନ ପାଇଁ ଚାଷୀର ଧାନ ବିକ୍ରି ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ପଶ୍ଚିମ ଓଡ଼ିଶା ଇତିହାସରେ ଗତ ୨୦-୨୫ ବର୍ଷ ମଧ୍ୟରେ ଟାର୍ଗେଟ୍ ପାଇଁ କେବେ ଆନ୍ଦୋଳନ ହୋଇନାହିଁ। ସୋମବାର ଆନ୍ଦୋଳନ ପରେ ଜିଲ୍ଲାପାଳଙ୍କ ଲିଖିତ ପ୍ରତିଶ୍ରୁତି ଓ ମନ୍ତ୍ରୀଙ୍କ କହିବା ପରେ ବି ଆଜି ଧାନ ଶୁଖି ବିକ୍ରି କରିବା ପାଇଁ ଚାଷୀ ଗଲାବେଳକୁ ଟାର୍ଗେଟ୍ ନାହିଁ। ଏହା ଏକ ଅସାଧାରଣ ସମସ୍ୟା। ଏସବୁ ମନୁଷ୍ୟକୃତ ସମସ୍ୟା। ଭୁବନେଶ୍ୱରରୁ ଯେଉଁମାନେ ଏହା ପରିଚାଳନା କରୁଛନ୍ତି, ସେମାନେ ସମସ୍ୟାକୁ ବୁଝିପାରୁନାହାନ୍ତି ପରି ଜଣାପଡୁଛି। ଏଭଳି ହେଲେ ଆଗକୁ ଚାଷୀ ଆଉ ଚୁପ୍ ହୋଇ ବସିରହିବ ନାହିଁ।





ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ ଭୋଇ ଓ ଅନ୍ୟମାନେ ଆନ୍ଦୋଳନସ୍ଥଳକୁ ଯାଇ ଚାଷୀମାନଙ୍କ ସହ କଥାବାର୍ତ୍ତା କରିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଶ୍ରୀ ପ୍ରଧାନଙ୍କ ସହ ସମନ୍ୱୟ ସମିତି ସଂଯୋଜକ ବ୍ୟୋମକେଶ ଠାକୁର, ଯୋଗେଶ ଭୋଇ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଉପସଭାପତି ବିପିନ ଭୋଇ, ଶାସନ ମାର୍କେଟୟାର୍ଡ ସଭାପତି ଅଶ୍ୱିନୀ ହୋତା, ବରେଇପାଲି ମାର୍କେଟୟାର୍ଡର ଭୈରବ ପ୍ରଧାନ, କୁକୁଡ଼ାପାଲି ମାର୍କେଟୟାର୍ଡର ବଂଶୀ ପ୍ରଧାନ, ତବଲା ମାର୍କେଟୟାର୍ଡ ସଭାପତି ସୁବ୍ରତ ପ୍ରଧାନ, ମହେନ୍ଦ୍ର ଭୋଇ, ତରଣୀସେନ ଭୋଇ, ପ୍ରଭାକର ଭୋଇ, ଉଦିତ ଭୋଇ ପ୍ରମୁଖ ବହୁସଂଖ୍ୟକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଗୋଟିଏ ରାତିରେ ଦୁଇଘରୁ ଲୁଟିଥିଲେ

# ୪ ଚୋରି ଘଟଣାର ପର୍ଦ୍ଦାଫାସ



**ସମ୍ବଲପୁର, ୧୧।୬(ସମିସ):** ବୁର୍ଲା ଥାନା ଅଞ୍ଚଳରେ ଘଟିଥିବା ୪ଟି ଘରୁ ଡକାୟତି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାର ମୁଖ୍ୟ ନାବାଳକ ଓ ଜଣେ ବ୍ୟକ୍ତିଙ୍କୁ ପୁଲିସ ଧରିବାରେ ସଫଳ ହୋଇଛି। ଏହାସହ ଚୋରି ସାମଗ୍ରୀ ଠାବ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ମୋଟ୍ ୪ ଜଣଙ୍କୁ ଗିରଫ କରିବା ସହ ବୁର୍ଲା ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ସୁଧାର ଗୃହ ପଠାଇ ଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁର୍ଲା ଥାନା କଟାପାଲିର ପୁରୁଷୋତ୍ତମ ଲୁହା(୩୩), ଝାଡୁଆପଡ଼ାର ମିଞ୍ଜି ନାଏକ(୨୨) ଓରଫ ସାହିଲ, ବାଲିବନ୍ଧାର ସଞ୍ଜୟ ଜେନା(୩୬) ଓ ମାରୱାଡି ପଡ଼ାର ଆକାଶ ପାଟିଲ(୨୭)। ସେମାନଙ୍କ ନିକଟରୁ ୧୧୫୨୦ ଟଙ୍କା ଓ ୧୩୮.୪୦୦ ଗ୍ରାମ ସୁନା(ତରଳେଇ) ଉଦ୍ଧାର କରିଛି। ପୁଲିସ ସୂଚନା ଅନୁସାରେ ବୁର୍ଲା ଥାନା ଫ୍ରେଣ୍ଡସ କୋଲନୀ ନିବାସୀ ନିଳିମା ସାହୁ(୪୫) ଭଡ଼ା ରହୁଥିବା ଘରୁ ଚୋରି ହୋଇଥିବା ନେଇ ଏପ୍ରିଲ ୧୪ ତାରିଖ ଥାନାରେ ଅଭିଯୋଗ ହୋଇଥିଲା। ଶ୍ରୀମତି ସାହୁ ବରଗଡ଼ ନିଜ ଘରକୁ କୌଣସି କାମ ପାଇଁ ଯାଇଥିଲେ। ସେଠାରୁ ଫେରିବା ପରେ କେହି ଦୁର୍ବୃତ୍ତ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ପୁଲିସ ତଦନ୍ତ ବେଳେ ନାବାଳକ ଓ ପୁରୁଷୋତ୍ତମ ଏହି ଘଟଣା ସହ ଲିଙ୍କ୍ ଥିବା ଜାଣିବାକୁ ପାଇଥିଲା। ପରେ ଆଜି ସକାଳୁ ହୀରାକୁଦ ଷ୍ଟେସନରୁ ଉଭୟଙ୍କୁ ଧରିଥିଲା। ନାବାଳକଙ୍କୁ ପଚାରଉଚାର ବେଳେ ବିଭିନ୍ନ ଘରୁ ଚୋରି କରିଥିବା ନେଇ ଜାଣିବାକୁ ପାଇଥିଲା। ଗୋଶାଳା ସ୍ଥିତ ଗୁପ୍ତା ଢାବାରେ ଉକ୍ତ ନାବାଳକ ୩ ମାସ ପୂର୍ବରୁ କାମ କରୁଥିଲା। ପରେ ଘରେ କେହି ନଥିବାର ସୁଯୋଗ ପାଇ ଢାବା ମାଲିକଙ୍କ ଘରୁ ନାବାଳକ ଓ ପୁରୁଷୋତ୍ତମ ମିଶି ସୁନା ସମେତ ଅନ୍ୟାନ ସାମଗ୍ରୀ ଚୋରି କରିଥିଲେ। କିଛି ଦିନ ପରେ ପୁଣି କଟାପାଲି ସ୍ଥିତ ଏକ ଘରେ କେହି ନଥିବାର ସୁଯୋଗ ଦେଖି ଚୋରି କରିଥିଲେ। ଏପ୍ରିଲ ମାସ ୧୩/୧୪ ରାତିରେ ଉଭୟ ମିଶି ବୁର୍ଲ ଥାନା ଫ୍ରେଣ୍ଡସ୍ କୋଲନୀରେ ବୁଲୁଥିଲେ। ପ୍ରଥମେ ଜଣଙ୍କ ଘରୁ ୧୦ ହଜାର ଟଙ୍କା ଚୋରି କରିଥିଲେ। ପରେ ଶ୍ରୀମତି ସାହୁଙ୍କ ଘରେ ତାଲା ପଡ଼ିଥିବା ଦେଖି ପଶିଥିଲେ। ସେଠାରୁ ସୁନା ହାର ୩ଟି, ମୁଦି ୫ଟି, ଚୁଡି ୨ଟି, ଚେନ ୩ଟି, କାନଫୁଲ ୪ଟି, ମଙ୍ଗଳସୁତ୍ର ୨ଟି, ହୀରା ନାକଫୁଲ ଓ ରୂପର ଅନେକ ଅଳଙ୍କାର ଲୁଟି ନେଇଥିଲେ। ଚୋରି ସାମଗ୍ରୀକୁ ଝାଡୁଆପଡ଼ାର ମିଞ୍ଜିକୁ ଦେଇଥିଲେ। ମିଞ୍ଜି ବାଲିବନ୍ଧାର ସଞ୍ଜୟକୁ ଦେଇଥିଲା। ପରେ ସୁନାକୁ ତରଳାଇବା ପାଇଁ ମାରୱାଡି ପଡ଼ାର ସୁନାରୀ ଆକାଶ ପାଟିଲକୁ ଦେଇଥିଲେ। ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ବୁର୍ଲା ଥାନାରେ ମାମଲା ରହିଛି। ପୁଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।

**ବାହାରେ ତାଲା ଦେଖି ଘରେ ପଶୁଥିଲେ**

**ନାବାଳକ ଗଲା ସୁଧାରଗୃହ, ୪ ଗିରଫ**

**ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଜବତ**

## ଆଜି ବିଦ୍ୟୁତ୍ କଟକଣା

**ସମ୍ବଲପୁର, ୧୧।୬ (ସମିସ) :** ଗ୍ରୀଡ଼ ସବ୍‌ଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ଆସନ୍ତାକାଲି ୧୨ ତାରିଖ ଗୁରୁବାର ସକାଳ ୬ଟା ରୁ ୧୧ଟା ପର୍ଯ୍ୟନ୍ତ ସମ୍ବଲପୁର ସହରର ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ସୂଚନା ଦିଆଯାଇଛି। ୧୩୨/୩୩ କେ.ଭି. ସମ୍ବଲପୁର ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ସହର ଅନ୍ତର୍ଗତ ଚେରୁଆପଡ଼ା, ନନ୍ଦପଡ଼ା, ଝାଡୁଆପଡ଼ା, ବଡ଼ବଜାର, ବାଲିବନ୍ଧା, ଚନ୍ଦନନଗର, ଦୁର୍ଗାପାଲି, ଫାର୍ମ ରୋଡ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କାଇଁଶୀର୍ ରୋଡ଼, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ, ଲକ୍ଷ୍ମୀଟକିଜ, ପୋଲିସ ଲାଇନ, ମୁଦିପଡ଼ା, କ୍ଷେତରାଜପୁର ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ମାପଚୁପ ଓ ଉଚ୍ଛେଦ ପରେ ରାସ୍ତା କାମ : ଆୟୁକ୍ତ

**ସମ୍ବଲପୁର, ୧୧।୬ (ସମିସ) :** ଏ.ଏନ୍. ଗୁହା ଲେନ୍‌ର ମୁଖ୍ୟରାସ୍ତାରେ ମୋହନ ପାନଦୋକାନଠାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତାର ମାପଚୁପ (ଡିମାର୍କେସନ) ପରେ ଯାଇ ରାସ୍ତା କାମ ହେବ ବୋଲି ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି। ଏହି ରାସ୍ତାରେ ଜବରଦଖଲ ଥିବାରୁ ନାଳ ସହିତ ୧୨ ଫୁଟ ବାହାରୁଥିବାବେଳେ ଦୁଇଟି ଚାରିଚକିଆ ଗାଡ଼ି ଏକ ସମୟରେ ପାରି ହୋଇପାରୁନାହିଁ। ଏନେଇ ଗତକାଲି ଅଞ୍ଚଳବାସୀ ତୀବ୍ର ବିରୋଧ କରି ଡିମାର୍କେସନ ପାଇଁ ଅଡ଼ି ବସିଥିଲେ।

ସୂଚନାଯୋଗ୍ୟ ଯେ, ଲେନ୍‌ର ମୁଖ୍ୟରାସ୍ତାରେ ମୋହନ ପାନଦୋକାନଠାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ପାଇଁ ୪୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି। ଏଥିରେ ରାସ୍ତାରେ ପେଭର୍ ବ୍ଲକ ପକାଇବା ସହ ନାଳ ତିଆରି କରି ବର୍ଷା ଜଳସ୍ରୋତକୁ ପ୍ରବାହ କରାଯିବାକୁ ତିନୋଟି ସ୍ଥାନରେ ତଳପଟ ଟାଙ୍ଗନା ନାଳାକୁ ନାଳ ସଂଯୋଗ କରାଯିବ। ତେବେ, ଏହି କାର୍ଯ୍ୟରେ ୧୨ ଫୁଟ ଚଉଡ଼ା ରାସ୍ତାରେ ଦେଢ଼ ଫୁଟ ନାଳ ରହିଛି। ଏହା ଭବିଷ୍ୟତ ସକାଶେ ସ୍ଥାୟୀ ସମାଧାନ ହେବ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିବାସହ ମାପଚୁପ କରି ରାସ୍ତା ଉଚ୍ଛେଦ କରିବାସହ ସର୍ବନିମ୍ନ ୧୫ ଫୁଟ୍‌ରୁ ଉର୍ଦ୍ଧ୍ୱ ରାସ୍ତା ନିର୍ଦ୍ଧାରଣ ପରେ ଯାଇ କାମ ଆରମ୍ଭ କରିବାକୁ ଦାବି କରିଥିଲେ। ଗତକାଲି ପ୍ରବର୍ତ୍ତନ ଅଧିକାରୀ ଅଞ୍ଚଳକୁ ଯାଇଥିବାବେଳେ ଏନେଇ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତା ଡିମାର୍କେସନ ନହେବା ଯାଏ କାମ ଆରମ୍ଭ ନକରିବା ପାଇଁ ଚେତାବନୀ ଦେଇଥିଲେ। ମହାନଗର ନିଗମର ଇଞ୍ଜିନିୟରିଂ ବିଭାଗ ଖାମଖିଆଲ ଭାବେ କେବଳ ରାସ୍ତାଗୁଡ଼ିକ ତିଆରି କରୁଥିବାବେଳେ ଏହାର ସ୍ଥାୟୀ ସମାଧାନ କରୁନାହିଁ। ଏହି ପରିପ୍ରେକ୍ଷୀରେ ମହାନଗର ନିଗମ ଆୟୁକ୍ତଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପାଇଁ ସମ୍ବଲପୁରର ସଚେତନ ନାଗରିକମାନେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ସମ୍ମିଳନୀ




**ସମ୍ବଲପୁର, ୧୧।୬ (ସମିସ) :** ଅବହେଳିତ ଓ ଅସହାୟ ଶିଶୁମାନଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଏକ ସମ୍ମିଳନୀରେ ଯୋଜନା ପ୍ରସ୍ତୁତ ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରୀ ବିଭାଗ ଏବଂ ଅନୁଷ୍ଠାନ ଗୁଡ଼ିକର ମିଳିତ ସହଯୋଗରେ ଜିଲ୍ଲାରେ ଶିଶୁ ସୁରକ୍ଷା ଉପରେ କାର୍ଯ୍ୟ କରାଯିବ। ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଏଡ୍‌ଏଟ୍ ଆକ୍ସନ ଓ ୟୁନିସେଫ୍ ସହଯୋଗରେ ଆଜି ପୂର୍ବାହ୍ଣରେ ଶିଶୁ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଯୋଗଦେଇ ଅବହେଳିତ ଶିଶୁ ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ଶିଶୁମାନଙ୍କ ଉପଯୁକ୍ତ ଥଇଥାନ ପାଇଁ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ଉପ-ଶ୍ରମ ଅଧିକାରୀ ପୁଷ୍ପାରାଣୀ ମିଞ୍ଜି ଶିଶୁ ଶ୍ରମିକ ଆଇନ ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ ମୁକ୍ତ ବିଦ୍ୟାଳୟ ଓ ତାହାର ଉପଯୋଗିତା ବିଷୟରେ କହିଥିବାବେଳେ ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିଷୟରେ ସ୍ୱାସ୍ଥ୍ୟ ଅଧିକାରୀ ମୀନା ଦେହୁରି କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏଡ୍‌ଏଟ୍ ଆକ୍ସନର କାର୍ଯ୍ୟକ୍ରମ ପ୍ରବନ୍ଧକ ସରୋଜ ବାରିକ ସରକାରଙ୍କ 'ମିଶନ ବାତ୍ସଲ୍ୟ' ଯୋଜନାକୁ ଜିଲ୍ଲାରେ କାର୍ଯ୍ୟକାରୀ କରିବା ସହିତ ଅସହାୟ ଶିଶୁମାନଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏଡ୍‌ଏଟ୍ ଆକ୍ସନର ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ଅସହାୟ ଶିଶୁମାନଙ୍କ ଉଦ୍ଧାର ଓ ଉପଯୁକ୍ତ ଥଇଥାନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ଅନ୍ତର୍ଗତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଗ୍ରାମ ପଞ୍ଚାୟତ ଓ ଜିଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।




# ଗଜାନନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ


ଝାଡୁଆପଡ଼ା


ମୁଦିପଡ଼ା


ଜମନକିରା

**ସମ୍ବଲପୁର, ୧୦।୬ (ସମିସ)**

ଜ୍ୟେଷ୍ଠ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ସମ୍ବଲପୁରରେ ଦେବସ୍ନାନ ପୂର୍ଣ୍ଣିମା ମହାଆଡ଼ମ୍ବରେ ପାଳିତ ହୋଇଯାଇଛି। ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସ୍ନାନ କରାଯିବାପରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନବେଦୀରେ ଗଜାନନ ବେଶରେ ଦର୍ଶନ ଦେଇଛନ୍ତି। ସ୍ନାନ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଦେଖାଯାଇଥିଲା। ଦିନତମାମ ଦର୍ଶନ ଦେବାପରେ ମହାପ୍ରଭୁ ଅଣସର ଘରକୁ ବିଜେ କରିଛନ୍ତି। ସମ୍ବଲପୁରର ସର୍ବପୁରାତନ ବ୍ରହ୍ମପୁରା ମନ୍ଦିରରେ ଆଜି ଭୋର୍‌ରୁ ଦେବ ସ୍ନାନ ନୀତି ହୋଇଥିଲା। ମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରା ସେନାପଟା ଲାଗି ହେବାପରେ ଧାଡ଼ି ପହଣ୍ଡିରେ ସକାଳ ସାଢ଼େ ୪ ଟା ସମୟରେ ଗମ୍ଭୀରାରୁ ସ୍ନାନ ମଣ୍ଡପକୁ ଆସିଥିଲେ। ଏହାପରେ ଝାଡୁଆପଡ଼ାର ଏକ ପୁରାତନ କୂଅରୁ ଅଣାଯାଇଥିବା ୧୦୮ ଗରିଆ ଜଳରେ ଅଗୁର, ସର୍ବଷୌଧୀ, ଚନ୍ଦନ, କର୍ପୁର, ଗୋଲାପ ଜଳ, ବିଭିନ୍ନ ତୀର୍ଥ କ୍ଷେତ୍ରରୁ ସଂଗୃହୀତ ଜଳ ମିଶ୍ରଣ କରାଯାଇଥିଲା। ସେହି ସୁବାସିତ ଜଳରେ ବିଗ୍ରହ ମାନେ ସ୍ନାନ କରିଥିଲେ। ଏହାପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ହାତୀବେଶରେ ସଜ୍ଜିତ କରାଯାଇଥିଲା। ଦିନତମାମ ଶ୍ରଦ୍ଧାଳୁ ସେମାନଙ୍କ ପ୍ରିୟମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ରାତିପ୍ରାୟ ୯ଟା ବେଳକୁ ବିଗ୍ରହ ଗୁଡ଼ିକୁ ଅଣସର ଘରକୁ ନିଆଯାଇଥିଲା। ସମ୍ବଲପୁରର ଝାଡୁଆପଡ଼ାର ବ୍ରହ୍ମପୁରାଙ୍କ ସହିତ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଉତରାର ରାମଜୀ ମଠ, ଧନୁପାଲିର ଗୋପାଳଜୀ, କମଲିବଜାରର ଗୋପାଳଜୀମଠର ଜଗନ୍ନାଥ, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିର ଆଦି ସମସ୍ତ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।


ରେଢ଼ାଖୋଲ


ଜମନକିରା


ଜମନକିରା

### ଗଜାନନ ବେଶରେ ଦର୍ଶନ ଦେଲେ ଶ୍ରୀଜିଉ

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଜଗନ୍ନାଥମନ୍ଦିରରେ ବୁଧୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ ପାଳିତ ହୋଇଯାଇଛି। ରେଢ଼ାଖୋଲ ବ୍ରହ୍ମ ସମାଜ ଓ ଦେବୋତ୍ତର ବୋର୍ଡ଼ ମିଳିତ ଆନୁକୂଲ୍ୟରେ ଦେବସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ସୁବାସିତ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଯିବା ପରେ ଠାକୁରଙ୍କୁ ସୁସଜ୍ଜିତ ସୁନ୍ଦରମୟ ଗଜାନନ ବେଶ କରାଯାଇଥିଲା। ଭଗବାନଙ୍କ ଏହି ଗଜାନନ ବେଶକୁ ଦେଖିବାକୁ ରେଢ଼ାଖୋଲ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।

### ଜମନକିରାରେ ଦେବ ସ୍ନାନପୂର୍ଣ୍ଣିମା

**ଜମନକିରା:** ଜମନକିରା ଜଗନ୍ନାଥ ମନ୍ଦିରରେ ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ପୂଜକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ କର୍ତ୍ତାଭାବରେ ଗ୍ରାମର ଗୌନ୍ତିଆ ହେମନ୍ତ କୁମାର ପଟେଲ ଦେବସ୍ନାନ ପୂର୍ଣ୍ଣିମାରେ ସମସ୍ତ ନୀତି ସମ୍ପନ୍ନ କରିଥିଲେ। ପୂଜକ ଗୋପାଳ ଶତପଥୀ ସହଯୋଗ କରିଥିଲେ। ଜଗନ୍ନାଥ ପଡ଼ାର କିର୍ତ୍ତନମଣ୍ଡଳୀ ଓ ସର୍ବେଜାଲ ସମ୍ପ୍ରଦା ଦଳ ଯୋଗଦେଇ ଥିଲେ। ଦୁର୍ଗାପୂଜା କମିଟିର ସଭାପତି ସୁବାସ ସାହୁ, ସମ୍ପାଦକ ସ୍ନେହକ୍ଷଶିଷ ପଟ୍ଟନାୟକ, ଉପଦେଷ୍ଟା ପ୍ରସାଦ ମହାକୁଲ, ସମୀର ମହାକୁଲ, ସଞ୍ଜୟ ସେଠ୍‌ଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଥିଲା।

### ରେଙ୍ଗାଲବେଡା ଜଗନ୍ନାଥ ମନ୍ଦିର

**ଜମନକିରା:** ରେଙ୍ଗାଲବେଡା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ସ୍ନାନଯାତ୍ରା ମନ୍ଦିର ପୂଜକ ଶ୍ରୀବତ୍ସ ପଣ୍ଡା ଓ ତପନ କୁମାର ଦାସଙ୍କଦ୍ୱାରା ପୂଜା ପାଠ, ରିତି ନିତି ଅନୁଯାୟୀ ୧୦୮ କଳସ ସୁବାସିତ ଜଳରେ ଦାରୁଦିଅଙ୍କର ଦିବ୍ୟସ୍ନାନ ସେବାୟତମାନଙ୍କ ଦ୍ୱାରା କରାଗଲା। ଆଜିର ପୂଜାକର୍ତ୍ତା ଭାବରେ ସନ୍ଦୀପ ମହାନ୍ତି, ଜୁଗଲ ମିଶ୍ରିଙ୍କର ସେବାୟତରେ ପୂଜାପାଠ କରାଯାଇଥିଲା। ମାତାମହୁଲ, ରେଙ୍ଗାଲବେଡା କିତ୍ତନ ମଣ୍ଡଳିଙ୍କ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହେବା ସଙ୍ଗେସଙ୍ଗେ ଭକ୍ତବୃନ୍ଦମାନେ ମହାପ୍ରସାଦ ସେବନ କରିଥିଲେ।

### ଗୌଡ଼ପାଲି ଜଗନ୍ନାଥ ମନ୍ଦିର

**ଜମନକିରା :** ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ଗୌଡ଼ପାଲି ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଆଜି ମହାପ୍ରଭୁଙ୍କ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଯଥାରୀତି ଉପଚାର କରାଯାଇ ସ୍ନାନଯାତ୍ରା ନୀତି ଅନୁଷ୍ଠିତ ହୋଇଥିଲା। ୧୦୮ ଗରା ଜଳରେ ସ୍ନାନନୀତି ସମ୍ପନ୍ନ କରାଯାଇ ପରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୋଗଲାଗି କରାଯାଇଥିଲା। ଏଥିରେ ମୁଖ୍ୟ ପୂଜକ ଭାବରେ ପଣ୍ଡିତ ଶ୍ରୀକାନ୍ତ ପଣ୍ଡା ଓ ଦେବେନ୍ଦ୍ର ପଣ୍ଡା ଦାୟିତ୍ୱ ନିର୍ବାହ କରିଥିବାବେଳେ ରମେଶ ନାଥ ଶର୍ମା, ଦୁଷ୍ମନ୍ତ ନାଥ ଶର୍ମା, ଚକ୍ରଧର ନନ୍ଦ, ଲକ୍ଷ୍ମୀନାରାୟଣ ଭୋଇ, ପ୍ରମୁଖ ସହଯୋଗ କରିଥିଲେ। ଅନୁପ ନାଥ, ସଞ୍ଜୀବ ନାଥ ଶର୍ମା, ସୁଶାନ୍ତ ନାଥ ଶର୍ମା, ହେମନ୍ତ ନାଥ ଶର୍ମା, ସୁବାସ ନାଥ ଶର୍ମା, ସଂଗ୍ରାମ ନାଥ ଶର୍ମା, ବିସ୍ମୟ ନାଥ ଶର୍ମା, ସୁମନ୍ତ ନାଥ ଶର୍ମା, ପ୍ରଶାନ୍ତ ନାଥ ଶର୍ମା, ସୁଦୀପ ନାଥ, ବସନ୍ତ କଉଡ଼ି, ପ୍ରସନ୍ନ ଖିଚିଡି ତଥା ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

# ଗୋଲ ସଟ୍ ବଲ୍ ଓଡ଼ିଶା ମହିଳା ଟିମ୍‌ର ପଞ୍ଜାବ ଯାତ୍ରା



**ବରଗଡ଼, ୧୧।୬(ସମିସ):** ମଙ୍ଗଳବାର ଓଡ଼ିଶା ମହିଳା ଗୋଲ୍ ସଟ୍ ବଲ୍ ଦଳ ପଞ୍ଜାବ ଅଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରା କରିବା ପୂର୍ବରୁ ସମସ୍ତ ଖେଳାଳି ବରଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ସାକ୍ଷାତ କରିଛନ୍ତି। ବରଗଡ଼ ଜିଲ୍ଲାର ଗୋଲ ସଟ ବଲ ଆସୋସିଏସନର ସଭାପତି ଜନ ନିଉଟନ୍ ସିଂ, ଓଡ଼ିଶାର ଗୋଲ ସଟ ବଲ୍‌ର ମୁଖ୍ୟକୋଚ ତଥା ବରଗଡ଼ ଜିଲ୍ଲାର ସମ୍ପାଦକ ପ୍ରଭାକର ଶିକା, ଚେୟାରମ୍ୟାନ ତଥା କୋଷାଧ୍ୟକ୍ଷ ଚନ୍ଦ୍ରମଣି ତାଣ୍ଡି ଏବଂ ଆଡଭାଇଜର ସଞ୍ଜୟ ଦେହୁରୀ, ଓଡ଼ିଶା ଦଳର ସଭାପତି ହେମନ୍ତ ବେହେରା, ଟିମ ମ୍ୟାନେଜର ଚାନ୍ଦିନୀ ସିଂ ସମସ୍ତେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଦଳ ମୁଖ୍ୟ କୋଚ ପ୍ରଭାକର ଶିକା, ଟିମ୍ ମେନେଜର ଚାନ୍ଦିନୀ ସିଂ, ଅଧିନାୟକ ଭାବନା ନାଗ, ଉପଅଧିନାୟକ ନମିତା ବାରିକ, ଗୋଲ ରକ୍ଷକ ନିବେଦିତା ବେହେରା ଓ ପ୍ରୀତି ସ୍ୱାଇଁ ପ୍ରମୁଖ ଖେଳାଳି ଆଦିତି ଦେନ, ସୋମ୍ୟାଶ୍ରୀ ଲୁହା, ସୁଧା ମଲ୍ଲିକ, ଅଲିଶା ଦେହେରି, ହରିପ୍ରିୟା କୁମ୍ଭାର, କିରତ କୋରଙ୍କ ସହ ପଞ୍ଜାବ ଯାଇଛନ୍ତି। ଆସନ୍ତା ଜୁନ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ସଂଗୁରୁରଠାରେ ଗୋଲ ସଟ୍ ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ।

# ଖୋଲା ଆକାଶ ତଳେ ପଡ଼ି ରହିଛି ୨୬, ୫୫୩ ପ୍ୟାକେଟ ଧାନ

ଅମ୍ବାଭୋନା, ୧୧।୬(ସମିସ)

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ମାର୍କେଟ ୟାର୍ଡ ପରିସରରେ ଖୋଲା ଆକାଶ ତଳେ ଭୁକ୍ତା ଓ କଣ୍ଡପଲା ପ୍ୟାକ୍ସର ୧୯୭ ଜଣ ଚାଷୀଙ୍କ ୨୬, ୫୫୩ ପ୍ୟାକେଟ ଧାନ ପଡ଼ିରହିଛି। ଆଗକୁ

## ମେଘୁଆ ପାଗ ଦେଖି ଚିନ୍ତାରେ ଚାଷୀ

ଲଘୁଚାପ ଜନିତ ବର୍ଷା ଥିବାନେଇ ସରକାରଙ୍କ ସତର୍କ ସୂଚନା ସତ୍ତ୍ୱେ ଧାନ ମଣ୍ଡିରୁ ଧାନ ଉଠି ପାରୁ ନାହିଁ। ଏନେଇ ଚାଷୀ ଚିନ୍ତାରେ ଅଛନ୍ତି। ଅଦିନିଆ ବର୍ଷାର କ୍ଷତି ସହିବା ସଙ୍ଗେ ଆଗକୁ ଲଘୁଚାପ ଜନିତ ବର୍ଷା ହେଲେ ବୋଝ ଉପରେ ନଳିତା ବିଡା ଭଳି ଦୁଃଖ ଦେଖିବାକୁ ମିଳିପାରେ।



ପ୍ରକାଶ ଥାଉକି, ଭୁକ୍ତା ପ୍ୟାକ୍ସରେ ଏପର୍ଯ୍ୟନ୍ତ ୨୯୩ ଚାଷୀଙ୍କ ୪୧, ୪୪୬ ପ୍ୟାକେଟ ଧାନ ବିକ୍ରି ହୋଇଥିବା ବେଳେ କଣ୍ଡପଲା ପ୍ୟାକ୍ସର ୩୨୪ ଜଣ ଚାଷୀଙ୍କ ୪୨, ୬୦୩ ପ୍ୟାକେଟ ଧାନ ବିକ୍ରି ହୋଇଥିବା ସୂଚନା ମିଳିଛି। ଭୁକ୍ତା ପ୍ୟାକ୍ସର ୨୬୯ ଜଣ ଚାଷୀ ଓ କଣ୍ଡପଲା ପ୍ୟାକ୍ସର ୩୦୬ ଜଣ ଚାଷୀଙ୍କ ଧାନ ଭୁକ୍ତା ମାର୍କେଟ ୟାଡକୁ ଏ ପର୍ଯ୍ୟନ୍ତ ଆସିପାରିନାହିଁ। ଭୁକ୍ତା ପ୍ୟାକ୍ସର ୩୫୦ କୁଇଣ୍ଟାଲ ଓ କଣ୍ଡପଲା ପ୍ୟାକ୍ସର ୧୯୩୬ କୁଇଣ୍ଟାଲ ଟାର୍ଗେଟ ରହିଥିବା ବେଳେ ୫୭୫ ଜଣ ଚାଷୀଙ୍କ ଧାନ ବାକି ରହି ମଣ୍ଡିକୁ ଆସିପାରିନାହିଁ। ଏପରି ସ୍ଥଳେ ଯଦି ଟାର୍ଗେଟ ନବଢ଼ିଲେ ବକେୟା ଚାଷୀ କିପରି ଭାବେ ଧାନ ବିକ୍ରି କରିବେ ଏନେଇ ଚିନ୍ତାରେ ରହିଛନ୍ତି ଚାଷୀ। ବର୍ଷାକୁ ଆଖି ଆଗରେ ଦେଖି ଚିନ୍ତାରେ ଚାଷୀ ଥିବା ବେଳେ ଭୁକ୍ତା ମଣ୍ଡିରେ ଧାନ ଚୋରି ହେଉଥିବା ଚର୍ଚ୍ଚା ହେଉଛି। ସୀମାନ୍ତରେ ଥିବା ବିଭିନ୍ନ ରାସ୍ତା ଦେଇ ଛତିଶଗଡ଼ରୁ ଓଡ଼ିଶାକୁ କୁଇଣ୍ଟାଲ ପିଛା ୧୬୦୦ ରୁ ୧୭୦୦ ଟଙ୍କାରେ ଦଲାଲଙ୍କ ସାହାଯ୍ୟରେ ଧାନ ମିଲର୍ସଙ୍କ ପାଖକୁ ଯାଉଥିବା ଚର୍ଚ୍ଚା ହେଉଛି। ଧାନ ମଣ୍ଡିରେ ଧାନ ଭିଜିବା ଆଶଙ୍କାକୁ ନେଇ ଚିନ୍ତାରେ ଚାଷୀ ଥିବା ବେଳେ ପ୍ରଶାସନ ଓ ମିଲର୍ସ ବେଫିକର ଅଛନ୍ତି। ଲଘୁଚାପ ଓ ମୌସୁମୀ ବର୍ଷା ଯୋଗୁଁ ଏଫଏକ୍ୟୁମାନର ଧାନ ମଣ୍ଡିକୁ ଆଣିଥିଲେ ସୁଦ୍ଧା ଧାନ ଓଦା ହେଲେ ଧାନର ମାନ ହ୍ରାସ ପାଇବା ଆଶଙ୍କା ରହୁଛି। ମିଲ ମାଲିକଙ୍କ ମନମାନୀ ଓ ଦଲାଲଙ୍କ ଯୋଗୁଁ ସବୁବେଳେ କ୍ଷତି ସହୁଛି ଚାଷୀ। କଟନୀ ଛଟନୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିବା ବେଳେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଆଗକୁ ଟାର୍ଗେଟ ନଆସିଲେ ଓ ମଣ୍ଡିରେ ଧାନ ପଡ଼ି ରହିଲେ ଏକ ଭୟଙ୍କର ଆନ୍ଦୋଳନ କରିବାକୁ ଚାଷୀମାନେ ଚେତାବନୀ ଶୁଣାଇଛନ୍ତି।

# ନାରୀ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



**ବରଗଡ଼, ୧୧।୬(ସମିସ):** ଗତ ରବିବାର କଟକ ଟାଉନ ହଲ୍‌ଠାରେ ନାରୀ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରୀ ସଂଗଠନର ଜାତୀୟ ସଭାନେତ୍ରୀ କୁସୁମ ମଞ୍ଜରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ କିରଣ ଅଗ୍ରୱାଲ ଓ ଅନିମା ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗଠନର ରାଜ୍ୟ ସଭାନେତ୍ରୀ ମୀରାରାଣୀ ଦାସ, ରାଜ୍ୟ ସମ୍ପାଦିକା ମଧୁସ୍ମିତା ମହାନ୍ତି, ରାଜ୍ୟ ସଂଯୋଜିକା ସଂଘମିତ୍ରା ପଟେଲ ମଞ୍ଚାସୀନ ଥିଲେ। ନାରୀର ସ୍ୱାଧୀନତା, ସ୍ୱାବଲମ୍ବୀ ଏବଂ ତାର ଅଧିକାର ବିଷୟରେ ଅତିଥିମାନେ କହିଥିଲେ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାରୀମାନଙ୍କୁ ତାଙ୍କର ଦକ୍ଷତା ଅନୁସାରେ ପୁଷ୍ପଗୁଚ୍ଛ, ମାନପତ୍ର, ଟ୍ରଫି ସହ ସମ୍ମାନିତ କରାଯାଇଥିଲା। କୁସୁମ ଟିଭିର ନ୍ୟୁଜ ରିଡର ପ୍ରତୀକ୍ଷା ମିଶ୍ର, କୁସୁମ ଟିଭିର ନିର୍ଦ୍ଦେଶକ ଦୀପକ କୁମାର ମଞ୍ଚ ପରିଚାଳନା କରିଥିଲେ। କୁସୁମ ଟିଭିର ଗଞ୍ଜାମ ରିପୋର୍ଟର କେଶବ ନାହାକ ସଙ୍ଗୀତ ପରିବେଷଣ କରିଥିଲେ। ଶିଶୁ କଳାକାର ସୌମ୍ୟଶ୍ରୀଙ୍କ ଓଡିଶୀ ନୃତ୍ୟ ଦର୍ଶକଙ୍କ ହୃଦୟ ସ୍ପର୍ଶି ହୋଇଥିଲା। କୁସୁମ ଟିଭିର ମମତା ମହାନ୍ତି, ଅନିତା ଓଝା, ଅଶୋକ ସାହୁ, ସଞ୍ଜୀବ ଜେନା, ବିସ୍ମୟ ମହାନ୍ତି, ତୋଫାନ ଦାସ, ଭରସା ଫାଉଣ୍ଡେସନର ସ୍ମୃତି ସାହୁ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନର ସମ୍ପାଦିକା ମଧୁସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ସ୍ୱୟଂ କରୋ' ସଚେତନତା ଶିବିର

**ବରଗଡ଼, ୧୧।୬(ସମିସ):** ବୁଣାକାରଙ୍କ ପାଇଁ 'ସ୍ୱୟଂ କରୋ' ଶୀର୍ଷକ ସଚେତନତା ଶିବିର ବାଲିଜୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ବୁଣାକାରଙ୍କ ସନ୍ତାନଙ୍କ ପଢ଼ିବା ପାଇଁ ଅନୁଷ୍ଠାନରେ ଦିଆଯାଉଥିବା ସୁବିଧା, ସାମର୍ଥ କାର୍ଯ୍ୟକ୍ରମ, ସେମାନଙ୍କ ପାଇଁ ନିଆଯାଉଥିବା ସୁବିଧା ସୁଯୋଗ ଉପରେ ସଚେତନ କରାଯାଇଥିଲା। ବାଲିଜୁରୀ ସାପ୍ତାହିକ ବଜାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ବ୍ରିଜେଶ କୁମାର ଅବସ୍ଥି ହସ୍ତତନ୍ତ ଭାରତୀୟ ସଂସ୍କୃତି ଓ ଏକତାର ପରିଚୟ ବୋଲି କହିବା ସହ ଏଥିରେ ବ୍ୟବହୃତ ହେଉଥିବା ସୂତାର ବହୁମୁଖି ପ୍ରୟୋଗକୁ ଜାଣିବାକୁ ହେବ ବୋଲି କହିଥିଲେ। ଏକ ମାସ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଏବଂ ଅନୁଷ୍ଠାନରେ ଆୟୋଜିତ ହେବ। ନିର୍ଦ୍ଦେଶକ ବ୍ରିଜେଶ କୁମାର ଅବସ୍ଥିଙ୍କ ସହ ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର କୁମାର ଯାଦବ, ଅଧ୍ୟାପକ ରାଜେନ୍ଦ୍ର ସିକନ୍ଦର, ରଞ୍ଜିତ କୁମାର ଚୌହାନ, ପବିତ୍ର ମେହେର ଉପସ୍ଥିତ ଥିଲେ।



# ହରିୟାଣା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହେଲେ ସାଂସଦ




**ବରଗଡ଼, ୧୧।୬(ସମିସ):** ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ଚଣ୍ଡିଗଡ଼ ଗସ୍ତରେ ଥିବା ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଗତ ୯ ତାରିଖରେ ଚଣ୍ଡିଗଡ଼ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଶ୍ରମ, ବୟନଶିଳ୍ପ ସ୍କିଲ୍ ଡେଭେଲପମେଣ୍ଟ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଏକ ୨ ଦିନିଆ ଗସ୍ତରେ ଚଣ୍ଡିଗଡ଼ ଆସିଥିଲେ। ଏହି କମିଟିରେ ଲୋକସଭା ଓ ରାଜ୍ୟ ସଭାର ୧୨ ଜଣ ସାଂସଦ ସାମିଲ ଥିବା ବେଳେ ସମସ୍ତଙ୍କୁ ନିଜ ବାସଭବନରେ ମୁଖ୍ୟମନ୍ତ୍ରୀ ନାୟବ ସିଂ ସ୍ୱାଗତ କରିଥିଲେ। ରାତ୍ରି ଭୋଜନ ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ବ୍ୟତିତ ହରିୟାଣା ସରକାର ଅନେକ ବରିଷ୍ଠ ମନ୍ତ୍ରୀ, ସାଂସଦ ସାମିଲ ଥିଲେ। କମିଟିର ସଦସ୍ୟ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ପ୍ରତୀମା ପୁରୋହିତ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନାୟବ ସିଂଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




# ସିଆର୍‌ପିଙ୍କ ତାଲିମ ଶିବିର ଉଦ୍‌ଯାପିତ

**ପାଇକମାଲ, ୧୧।୬(ସମିସ):** ସ୍ଥାନୀୟ ପ୍ରାକୃତିକ କୃଷି ଅନୁଷ୍ଠାନ ଅହିଂସା କ୍ଲବ୍ ତରଫରୁ ପ୍ରାକୃତିକ କୃଷି ସମ୍ପର୍କୀତ ସିଆର୍‌ପିମାନଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୫ ଦିନଧରି ଚାଲିଥିଲା। ବୁଧବାର ଅନ୍ତିମ ପର୍ଯ୍ୟାୟରେ ପାଇକମାଲ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ବରଗଡ଼ର ଡଃ ରାହୁଲ ଦେବ, ସହ କୃଷି ଅଧିକାରୀ ନୂତନ କୁମାର ସୁରେନ୍, ସହକାରୀ ମତ୍ସ୍ୟ ଅଧିକାରୀ ରୋସନ କୁମାର ସେଠ୍ ଉପସ୍ଥିତ ରହିଥିଲେ। ଅନ୍ତିମ ପର୍ଯ୍ୟାୟରେ ସମସ୍ତ ସିଆର୍‌ପିମାନଙ୍କୁ ନେଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରଖାଯାଇଥିଲା। ଏଥିରେ ଦୁଇ ଜଣ ରୁବିତା ପଟେଲ ଓ ପାର୍ବତୀ କୁମ୍ଭାର ପ୍ରଥମ ଓ ଗାୟତ୍ରୀ ରଣା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ କପ୍ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଅହିଂସା କ୍ଲବ୍ ସମ୍ପାଦକ ଶିବ ପ୍ରସାଦ ସାହୁ ଧନ୍ୟବାଦ ଜଣାଇଥିଲେ।

# ପୂର୍ବତନ ବିଧାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**ସୋହେଲା, ୧୧।୬(ସମିସ):** ମେଲଛାମୁଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ସୋହେଲା ଦୁର୍ଗାପୂଜା କମିଟିର ଉପସଭାପତି ମହମ୍ମଦ ରଫିକଙ୍କ ବିୟୋଗରେ ସ୍ଥାନୀୟ ଗୌରୀ ଦେବୀ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସୋହେଲା ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ପ୍ରକାଶ ଚନ୍ଦ୍ର ଦେବତା ସଭାପତିତ୍ୱ କରିଥିଲେ। ଡା. ଶିଶିର କୁମାର ସାହୁ, ଗୋବିନ୍ଦ ସାହୁ, ପ୍ରମୋଦ ଦେବତା, ଗିରଜେଶ ଖାଡେଙ୍ଗା, ମୋହନ ବେହେରା, ବଲବୀର ସିଂ ଠାକୁର, ଅନୀଲ ପଧାନ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୋହେଲା ଦୁର୍ଗାପୂଜା କମିଟିର ଦିବଂଗତ ପୂର୍ବତନ ସମ୍ପାଦକ କେଶବ ଅଗ୍ରୱାଲ ଓ ବିଜୟ କାଣ୍ଡଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘ, ଅଗ୍ରୱାଲ ସଭା, ଅଥଲେଟିକ ଆସୋସିଏସନ, ସାମ୍ବାଦିକ ସଂଘ ଏବଂ ସୋହେଲାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ସ୍ନାନମଣ୍ଡପରେ ଗଜାନନ ବେଶରେ ଚତୁର୍ଦ୍ଧାମୂର୍ତ୍ତି







ବରପାଲି, ୧୧।୬(ସମିସ)

ବରପାଲି ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନୋତ୍ସବ ଅନୁଷ୍ଠିତ ହୋଇଛି। ବରପାଲି ଜମିଦାର ଲାଲ ବିକ୍ରମ ସିଂ ଦେଓ ଓ ପ୍ରଶାନ୍ତ ସିଂଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜଗନ୍ନାଥଙ୍କ ମୁଖ୍ୟ ସେବକ ରାଜେନ୍ଦ୍ର ପୁଜାରୀଙ୍କ ସମେତ ମନ୍ଦିର ପୁଜାରୀ ମଣ୍ଡଳୀ ଓ ସେବକଙ୍କ ସହାୟତାରେ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ସହ ସୁଦର୍ଶନଙ୍କୁ ମନ୍ଦିର ଗମ୍ଭୀରା ଗୃହରୁ ପହଣ୍ଡିରେ ସ୍ନାନମଣ୍ଡପକୁ ଅଣାଯାଇଥିଲା। ମଣ୍ଡପରେ ପୂଜା ପାଠ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚୁଆ, ଚନ୍ଦନ, ଅଗୁର, କର୍ପୁର, ଗଙ୍ଗାଜଳ, କ୍ଷୀର ମିଶ୍ରିତ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଆଳତୀ ଓ ପୁଷ୍ପାଞ୍ଜଳୀ ପର୍ବ ପରେ ଭକ୍ତମାନଙ୍କୁ ମହାପ୍ରଭୁଙ୍କ ସ୍ନାନ ଜଳ ବଣ୍ଟନ କରାଯାଇଥିଲା। ।ପରେ ଠାକୁରମାନଙ୍କୁ ବେଶରେ ସଜ୍ଜିତ କରାଯାଇଥିଲା। ବିଳମ୍ବିତ ରାତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରକୁ ବିଜେ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିରର ପୂଜାରୀ ଉପେନ୍ଦ୍ର ପୁଜାରୀ, ବାଳକୃଷ୍ଣ ପୁଜାରୀ, ବିନୋଦ ବିହାରୀ ସୁସାରୀ, ନାରାୟଣ ପୁଜାରୀ, ଅମିତ ପୁଜାରୀ, ସଞ୍ଜୟ ମିଶ୍ର, ସୁବଳ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିକ୍ରମା କରିଥିଲେ। ବରପାଲି ହନୁମାନ ମନ୍ଦିରର ଘଣ୍ଟବାଦ୍ୟ ଭକ୍ତ ବୃନ୍ଦ ସହଯୋଗ କରିଥିଲେ।



## ଭଟଲି ଦଧିବାମନ

**ଭଟଲି:** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ବରଗଡ଼ ଜିଲ୍ଲାର ଭଟଲି ଦଧିବାମନଙ୍କ ପୀଠରେ ଦେବସ୍ନାନ ପୂର୍ଣ୍ଣିମା ବୁଧବାର ଅନୁଷ୍ଠିତ ହୋଇଯାଇଛି।

ପ୍ରାତଃ ସମୟରେ ଦଧିବାମନଙ୍କ ପହଡଭଙ୍ଗ ନୀତି, ଦ୍ୱାରଫିଟା ନୀତି, ମଙ୍ଗଳ ପ୍ରଦୀପ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ସୂର୍ଯ୍ୟପୂଜା, ଅବକାଶ ନୀତି, ବେଶ ପରିବର୍ତ୍ତନ, ଗୋପାଳ ବଲ୍ଲଭ ଭୋଗ, ଦ୍ୱାରପାଳ ପୂଜା, ରୋଷ ପୂଜା, ସକାଳ ଧୂପ ସମାପନ ହୋଇଥିଲା। ପରେ ମହାପ୍ରଭୁଙ୍କ ମଙ୍ଗଳାର୍ପଣ କରାଯାଇଥିଲା। ପରେ ଠାକୁରଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ଅଭିମନ୍ତ୍ରିତ ହଳଦୀ ଲେପ କରାଯିବା ପରେ ମହାପ୍ରଭୁଙ୍କୁ ଜଳରେ ସ୍ନାନ କରାଯାଇଥିଲା। ମହାସ୍ନାନ ପରେ ମହାପ୍ରଭୁଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା।ପରେ ମହାପ୍ରଭୁଙ୍କୁ ଦକ୍ଷିଣ ଦିଗରେ ମୁଖାରବିନ୍ଦ କରି ବିଭୀଷଣ ବନ୍ଦାପନା କରାଯାଇଥିଲା। ପରେ ଶାହାଣ ମେଲା ଦର୍ଶନ ଅନୁଷ୍ଠିତ ହୋଇଥିଲା। ଗୌନ୍ତିଆ ପରମାନନ୍ଦ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୌରଚନ୍ଦ୍ର ରଥ, ରୋହିତ ରଥ, ମନ୍ଦିର ପୂଜକ ଲଳିତ ରଥ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।

## ନୃସିଂହନାଥ ମନ୍ଦିର

**ପାଇକମାଳ:** ପାଇକମାଳ ନୃସିଂହନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ବୁଧବାର ଅନୁଷ୍ଠିତ ହୋଇଯାଇଛି। ତିନି ଠାକୁରଙ୍କୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ତିନିଠାକୁରଙ୍କୁ ପୂଜା କରାଯିବା ପରେ ରୀତିନୀତି ଅନୁଯାୟୀ ହୋମ ଆଳତୀ ପରେ ୧୦୮ କଳସ ପାଣିରେ ହଳଦୀ, ଅଗୁର, ଚନ୍ଦନ ସୁବାସିତ ଜଳ ମିଶାଇ ସ୍ନାନ କରାଯାଇଥିଲା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ପରିଚାଳନା କରିଥିଲେ। ନୃସିଂହନାଥ ବ୍ରାହ୍ମଣ ସମାଜ ସଭାପତି ଗିରିଶ ଚନ୍ଦ୍ର ନାୟକ, ମାତୃପ୍ରସାଦ ରଥ, ମନ୍ଦିର ସେବାୟତ, ସୁନୋଦ ପଣ୍ଡା, ଜେକି ସରାଫ ପ୍ରମୁଖ ଯୋଗଦେଇ ତନି ଠାକୁରଙ୍କୁ ସ୍ନାନ କରାଇଥିଲେ। କୁଳ ପୁରୋହିତ ସୁନିଲ ପୁରୋହିତ, ସତ୍ୟ ପୁରୋହିତ, ପୂଜକ ସିଦ୍ଧାର୍ଥ ପୁରୋହିତ, ସୁଜ୍ଞାନ୍ତ ତ୍ରିପାଠୀ, ମନମିତ ପୁରୋହିତ, ଶୁଭମ ପୁଝାରୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

## ମାଣ୍ଡୋସିଲ୍ ଜଗନ୍ନାଥ ମନ୍ଦିର


**ମାଣ୍ଡୋସିଲ:** ପାଇକମାଳ ବ୍ଲକ ମାଣ୍ଡୋସିଲ ଗାଁର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହୋଇଛି। ପୂଜକ ସୁବଳ ପଣ୍ଡା ଭୀମ ଦାଶ ଓ ଦିଲ୍ଲୀପ ଦାଶ ପୂଜାକାର୍ଯ୍ୟ ସମ୍ପାଦକ କରିଥିଲେ। ଗାଁର ପଟେଲ ପଡ଼ାର ଗୌରହରି ସଂକୀର୍ତ୍ତନ ମଣ୍ଡଳୀ ନାମ କୀର୍ତ୍ତନ କରିଥିଲେ। ମାଣ୍ଡୋସିଲ ପଞ୍ଚାୟତ ଡୁମ୍ବେରବାହାଲ, ଭୂତମୁଣ୍ଡା, ଧାରୋଲ ତଥା ଆଖପାଖ ଗାଁଗୁଡାକରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଗାଁ କମିଟି ସଭାପତି ଜଗନ୍ନାଥ ପୁଟା, ସମ୍ପାଦକ ରାଧେଶ୍ୟାମ ପଟେଲ, ସତ୍ୟଭୂଷଣ ସାହୁ, ଧନସିଂ ପଟେଲ, ମହେନ୍ଦ୍ର କୁମାର ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

# 'ଫିଡ୍' ପକ୍ଷରୁ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ବରଗଡ଼/ପଦ୍ମପୁର, ୧୧।୬(ସମିସ):** ବରଗଡ଼ର ବଦାନ୍ୟ ଅନୁଷ୍ଠାନ 'ଫିଡ୍'(ଫାଉଣ୍ଡେସନ୍ ଫର୍ ଏଜୁକେସନାଲ୍ ଏଣ୍ଡ ଇକୋନୋମିକ୍ ଡେଭେଲପମେଣ୍ଟ) ତରଫରୁ ୨୦୨୫ ଦଶମ ଶ୍ରେଣୀ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି କୃତିତ୍ୱ ଅର୍ଜନ କରିଥିବା ପଦ୍ମପୁର ଉପଖଣ୍ଡ ଜମଲା ଉଚ୍ଚ ବିଦ୍ୟାଳୟର ଛାତ୍ର ସାହିଲ ବାଗ ଓ କେରମେଲି ଉଚ୍ଚ ବିଦ୍ୟାଳୟର ଛାତ୍ର ସୁବ୍ରତ ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସହ ପ୍ରଶଂସାପତ୍ର, ଉତ୍ତରୀୟ, ଉପଢୌକନ ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି ସମୟରେ 'ଫିଡ୍' ର ସଦସ୍ୟ କ୍ରିଷ୍ଣା ସୁନା, ଗୋପୀଗୋପାଳ ସୁନା, ଦିଲୀପ ସୁନା ଓ ସମୀର ହରିପାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ 'ଫିଡ୍'ର ଚେୟାରମ୍ୟାନ ଫଣୀନ୍ଦ୍ର ତାଣ୍ଡି ଧନ୍ୟବାଦ ଜଣାଇଥିଲେ।

# ସମ୍ପାଦକୀୟ



ବୁଲେଟ୍(ଗୁଳି)ଠାରୁ ବାଲେଟ୍(ଭୋଟ) ଅଧିକ ଶକ୍ତିଶାଳୀ।
-ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

## ବିବାଦ ଓ ବିପଦ

ଦୁଇବର୍ଷରୁ ଉର୍ଦ୍ଧ୍ୱକାଳ ଧରି ମଣିପୁରରେ ଯେଉଁ ଜାତିଗତ ସଂଘର୍ଷ କ୍ରମାଗତ ଭାବେ ଲାଗି ରହିଛି, ତାହାର ରାଜନୈତିକ ସମାଧାନ ଜରୁରୀ ହୋଇଥିଲେ ମଧ୍ୟ କ୍ଷମତାସୀନ ରାଜ୍ୟ ସରକାରଙ୍କ ପକ୍ଷପାତିତା ଓ ଏକତରଫା ନୀତି ପ୍ରତି ଆଖିବୁଜି ଦିଆଯିବାରୁ ତାହା ଯେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ଏ କଥା ସତ। ତିନିମାସ ତଳେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରି ସେବାନିବୃତ୍ତ କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭାଲ୍ଲାଙ୍କୁ ରାଜ୍ୟପାଳ ପଦରେ ଅବସ୍ଥାପିତ କରାଯାଇଛି। ତଥାପି ସେଠାରେ ବିବାଦ ଓ ସଂଘର୍ଷ ଥମି ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ସମସ୍ୟାର ରାଜନୈତିକ ସମାଧାନ ନ ହେବା ପର୍ଯ୍ୟନ୍ତ ମଣିପୁରରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭବପର ନୁହେଁ। ଗତ ମେ ମାସରେ ଉପୁଜିଥିବା ରକ୍ତାକ୍ତ ସଂଗର୍ଷ ପୁଣି ଦୁଇ ଦିନ ତଳେ ମୁଣ୍ଡ ଟେକିଛି। ସାନ୍ଧ୍ୟ ଆଇନ ଜାରି ଓ ବିଷ୍ଣୁପୁର ସମେତ ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବା ପ୍ରସାରଣ ବନ୍ଦ ରଖାଯାଇଛି। ସମଗ୍ର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ଭୌଗୋଳିକ ସ୍ଥିତି ଏବଂ ପଡ଼ୋଶୀଙ୍କଠାରୁ ପରିବର୍ତ୍ତିତ କୂଟନୈତିକ ସମ୍ପର୍କକୁ ଅନୁଧ୍ୟାନ କଲେ ମନେ ହୁଏ ଆମେ ଆଗାମୀ ଦିନର ଗୁରୁତର ବିପଦର ସମ୍ମୁଖୀନ ହେବାକୁ ଯାଉଛେ। ଜାମ୍ମୁ-କାଶ୍ମୀର ଭଳି ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ ସମ୍ବେଦନଶୀଳ ସ୍ଥିତିକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ।

ଶେଖ୍ ହସିନା କ୍ଷମତାଚ୍ୟୁତ ହେବା ପରେ ପଡ଼ୋଶୀ ବନ୍ଧୁ ରାଷ୍ଟ୍ର ବାଂଲାଦେଶର ଭାରତ ବିରୋଧୀ ମାନସିକତା ସ୍ପଷ୍ଟ ହୋଇଛି। ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଚୀନ୍ ସହ ନିବିଡ଼ ସମ୍ପର୍କ ରକ୍ଷା କରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଭାରତଠାରୁ ବିଚ୍ଛିନ୍ନ କରିବାର ପ୍ରୟାସ ଚଳାଇଛନ୍ତି। ଏପରିକି 'ଅପରେସନ୍ ସିନ୍ଦୂର' ସମୟରେ ସେ ବାଂଲାଦେଶୀ ରାଇଫଲ୍ ବାହିନୀ ସହାୟତାରେ ଭାରତର ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ହିଂସା, ଅଶାନ୍ତି ଓ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରି ବିଫଳ ହୋଇଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗର ସିଲିଗୁଡ଼ି ଦେଇ ସ୍ଥଳପଥରେ ଉତ୍ତର-ପୂର୍ବାଞ୍ଚଳକୁ ସଂଯୋଗ କରୁଥିବା ଚିକେନ୍ ନେକ୍ ଉପରେ ସେମାନଙ୍କ ଲୋଲୁପ ଦୃଷ୍ଟି ନିବଦ୍ଧ ରହିଛି। ମାତ୍ର ୨୦ ରୁ ୨୨ କିମି ପ୍ରଶସ୍ତ ଏହି ଗତିପଥର ଦକ୍ଷିଣ-ପଶ୍ଚିମାଞ୍ଚଳରେ ବାଂଲାଦେଶ, ଉତ୍ତର ପଶ୍ଚିମାଞ୍ଚଳରେ ନେପାଳ, ଉତ୍ତର ଦିଗରେ ଭୁଟାନ ସହ ସଂଯୋଗ ପଥ ରହିଛି। ସେହିଭଳି ସିକ୍କିମ ଓ ଭୁଟାନ୍ ମଧ୍ୟଭାଗରେ ରହିଛି ତିବ୍ବତର ଚୁମ୍ବି ଉପତ୍ୟକା। ତିନିସୀମା ସଂଲଗ୍ନ ଡୋକ୍ଲାମ୍ କରିଡରରକୁ ନେଇ ଚୀନ୍ ସହ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ବେଶ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ସର୍ବୋପରି ଅରୁଣାଚଳ ପ୍ରଦେଶକୁ ନେଇ ଚୀନ ସହ ଉପୁଜିଥିବା ବିବାଦର ଏ ଯାବତ୍ ସମାଧାନ ହୋଇନାହିଁ। ସେହି ରାଜ୍ୟର ସୀମାରେ ଏବେ ମଧ୍ୟ ଦୌରାତ୍ମ୍ୟ ଜାରି ରହିଛି। ତେଣୁ ମଣିପୁର ବିବାଦରୁ ରାଜନୈତିକ ସ୍ୱାର୍ଥ ହାସଲ ଅପେକ୍ଷା ସେଠାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ପଥ ପରିଷ୍କାର ହେବା ଜରୁରୀ। କ୍ଷମତା କୈନ୍ଦ୍ରିକ ବିଚାରରୁ ଊର୍ଦ୍ଧ୍ୱରେ ରହି ମଣିପୁରର ପାର୍ବତ୍ୟାଞ୍ଚଳରେ ଅବସ୍ଥାନ କରୁଥିବା କୁକିଙ୍କୁ ନ୍ୟାୟ ଦେବାର ସମୟ ଏବେ ଉପସ୍ଥିତ।

ମଣିପୁରରେ କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହ ଜାତିଆଣ ସଂଘର୍ଷକୁ ପ୍ରଶମିତ କରିବା ପରିବର୍ତ୍ତେ ମୈତେଇ ସମ୍ପ୍ରଦାୟକୁ ନେତୃତ୍ୱ ଦେଇ ଯେଉଁ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କଲେ ତାହାକୁ ଆରମ୍ଭରୁ ରୋକିବାର ଥିଲା। ୨୦୨୩ ମେ ମାସରେ ଉପୁଜିଥିବା ସଂଘର୍ଷ ଓ ହିଂସାକାଣ୍ଡରେ ୨୭୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ବାସଚ୍ୟୁତ ହୋଇଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ଏ ପର୍ଯ୍ୟନ୍ତ ନିଜ ଘରକୁ ଫେରିନାହାନ୍ତି। ସ୍ୱାଭାବିକ ଅବସ୍ଥା ନ ଫେରିବା ପର୍ଯ୍ୟନ୍ତ ସେମାନଙ୍କ ଥଇଥାନ କରାଯିବା ମଧ୍ୟ ସମ୍ଭବ ନୁହେଁ। ସରକାରୀ ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଦୁଇ ସମ୍ପ୍ରଦାୟ ମଧ୍ୟରୁ କାହାକୁ ସନ୍ତୁଷ୍ଟ କରିପାରିନାହିଁ। ତେଣୁ କିଛିଦିନ ଅନ୍ତରରେ ସେମାନେ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଦୁଇ ସମ୍ପ୍ରଦାୟର ସଂଘର୍ଷର କେନ୍ଦ୍ରବିନ୍ଦୁ ଚୁରାଚାନ୍ଦପୁର ଅଞ୍ଚଳରୁ ଏହା କ୍ରମେ ଅନ୍ୟତ୍ର ବ୍ୟାପୁଥିବାରୁ ଅଗା।ମୀ ଦିନରେ ପରିସ୍ଥିତି ଆହୁରି ଉଦ୍‌ବେଗଜନକ ହୋଇପାରେ। ବିଷ୍ଣୁପୁର ଓ ଚୁରାଚାନ୍ଦପୁର ସୀମା ସଂଲଗ୍ନ ଅଞ୍ଚଳରେ କୁକି ସମ୍ପ୍ରଦାୟ ପକ୍ଷରୁ 'ଏକତା ସଂପ୍ରୀତି ଶୋଭାଯାତ୍ରା'ରୁ ଉତ୍ତେଜନା ମୁଣ୍ଡ ଟେକିଥିଲା। ମେ' ମାସର ଏହି ଘଟଣା ପ୍ରମଶିତ ହେବା ପରିବର୍ତ୍ତେ ମୈତେଇଙ୍କ ପକ୍ଷରୁ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କରାଯିବାରୁ ତୁହାକୁ ତୁହା ସଂଘର୍ଷ ଉପୁଜୁଥିବାର ପରିଲକ୍ଷିତ ହେଉଛି। ମୈତେଇ ନେତା ଅସମ୍ କାନନ୍ ସିଂହଙ୍କୁ ଗିରଫ କରାଯିବା ପରେ ଜୁନ୍ ୯ ତାରିଖରେ ପୂର୍ବ-ଇମ୍ଫାଲ୍ ଜିଲ୍ଲାରେ ସଂଘର୍ଷର ସୂତ୍ରପାତ ଘଟିଥିଲା। ନିରପତ୍ତା ବାହିନୀ ପକ୍ଷରୁ ଲୁହାବୁହା ବାଷ୍ପ ଓ ରବର ବୁଲେଟ୍ ମାଧ୍ୟମରେ ଗଣ୍ଡଗୋଳକାରୀଙ୍କୁ ଘଉଡ଼ାଇ ଦିଆଯାଇଛି ସତ, କିନ୍ତୁ ଉତ୍ତେଜନା ବଳବତ୍ତର ରହିଛି।

ଏ କଥା ସତ ଯେ ରାଷ୍ଟ୍ରପତି ଶାସନ ଜାରି ହେବା ପରେ ସଂଘର୍ଷରତ ଦୁଇପକ୍ଷଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହିଂସାକାଣ୍ଡକୁ ଯଥାସମ୍ଭବ ନିୟନ୍ତ୍ରଣ କରାଯାଇଛି। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ରାଜନୈତିକ ସ୍ତରରେ ଯେଉଁ ଆଲେଚାନା ଜରୁରୀ ତାହା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ରାଜପଥକୁ ଅବରୋଧ ମୁକ୍ତ ଓ ଅସ୍ତ୍ରଶସ୍ତ୍ର ସମର୍ପଣ ସକାଶେ କୁକି ପ୍ରତିନିଧିଙ୍କ ସହ କେନ୍ଦ୍ର ସରକାର ଆରମ୍ଭ କରିଥିବା ଆଲୋଚନାରୁ ଆଶାନୁରୂପ ସଫଳତା ମିଳିନାହିଁ। ତେବେ ବିବାଦର ସୂତ୍ରପାତ କାହିଁକି, ତାହାର ମୂଳ କେନ୍ଦ୍ରବିନ୍ଦୁକୁ ଏ ପର୍ଯ୍ୟନ୍ତ ସରକାର ଛୁଇଁ ନାହାନ୍ତି। ରାଜ୍ୟର ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା କୁକି ସମ୍ପ୍ରଦାୟ କେବଳ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ନୁହନ୍ତି, ରାଜ୍ୟର କ୍ଷମତା କେନ୍ଦ୍ର ଓ ପ୍ରଭାବଶାଳୀଙ୍କ ଦ୍ୱାରା ଉତ୍ପୀଡ଼ିତ। ମଣିପୁରର ଉପତ୍ୟତା ଅଞ୍ଚଳରେ ବିକଶିତ ସହର ଓ ଗ୍ରାମାଞ୍ଚଳରେ ସୁଖ ଓ ସ୍ୱାଚ୍ଛନ୍ଦ୍ୟର ସମସ୍ତ ଅଧିକରୀ ହେଲେ ମୈତେଇ ସମ୍ପ୍ରଦାୟର ଅଧିବାସୀ। ସେମାନଙ୍କୁ ହାଇକୋର୍ଟ ଅନୁସୂଚିତ ସମ୍ପ୍ରଦାୟର ମାନ୍ୟତା ଦେବା ପରେ ପରିସ୍ଥିତି ବିଗିଡ଼ି ଯାଇଛି। ଏମିତିରେ ସବୁ ସୁବିଧା ସୁଯୋଗରୁ ବଞ୍ଚିତ କୁକିଙ୍କ ସହ ମୈତେଇଙ୍କୁ ସମାନ ସଯୋଗ ଓ ଆଇନଗତ ଅଧିକାର ମିଳିଯିବାରୁ ସେମାନେ ନିଜର ଭବିଷ୍ୟତ ନେଇ ଅନିଶ୍ଚିତ ହୋଇପଡ଼ିଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ବିଚାର ପରିସରକୁ ଆସି ପାରିନାହିଁ।

ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଭାରତର ମୂଳ ଭୂଖଣ୍ଡରୁ ପୃଥକ୍ କରିନେବାରେ ଯେଉଁ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି, ତାହା ଜାମ୍ମୁ-କାଶ୍ମୀର ସମସ୍ୟାଠାରୁ ଅଧିକ ଉଦ୍‌ବେଗଜନକ। 'ଅପରେସନ୍ ସିନ୍ଦୂର' ଚୀନ୍‌ର ମୁଖା ଖୋଲି ଦେଇଛି। ଅତ୍ୟାଧୁନିକ ବିମାନ, ଅସ୍ତ୍ରଶସ୍ତ୍ର ଓ ଇଲେକ୍ଟ୍ରୋନିକ୍ ଯନ୍ତ୍ରାଂଶ ପାକିସ୍ତାନକୁ ଯୋଗାଇ ଭାରତ ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ କରୁଥିବା ଚୀନ୍‌ର ମୁକାବିଲା କରିବା ଏତେ ସହଜ ନୁହେଁ। ସମଗ୍ର ଉତ୍ତର-ପୂର୍ବାଞ୍ଚଳକୁ ଘେରି ରହିଥିବା ପଡ଼ୋଶୀ ରାଷ୍ଟ୍ର ସହ ଆମର ସେଭଳି ସୁସମ୍ପର୍କ ନାହିଁ। ବରଂ ଚୀନ୍ ସେମାନଙ୍କୁ ସହାୟତା ଯୋଗାଉଥିବାରୁ ଭାରତ-ପାକ୍ ଯୁଦ୍ଧ ପ୍ରେକ୍ଷାପଟ୍ଟରୁ ସ୍ପଷ୍ଟ ହୋଇଛି। ତେଣୁ କ୍ଷମତା ଦଖଲ ଅପେକ୍ଷା ଉତ୍ତର-ପୂର୍ବାଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଜରୁରୀ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ୫୦ ବର୍ଷ ତଳର ସେହି 'ଜୁନ୍ ୧୨'

**ପ୍ରହଲାଦ କୁମାର ସିଂହ**

ଭାରତର ଗଣତାନ୍ତ୍ରିକ ଓ ବିଚାର ବିଭାଗୀୟ ଇତିହାସରେ ଜୁନ୍ ୧୨ ତାରିଖ ଏକ ଅବିସ୍ମରଣୀୟ ଦିବସ। ଆଜିକୁ ଠିକ୍ ୫୦ବର୍ଷ ତଳେ ୧୯୭୫ ମସିହାର ଏହି ଦିନରେ ଆହ୍ଲାବାଦ୍ ହାଇକୋର୍ଟ ଦେଇଥିବା ଏକ ଯୁଗାନ୍ତକାରୀ ରାୟ ଦେଶର ଆତ୍ମାକୁ ଚହଲାଇ ଦେବା ସହିତ ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଥିଲା। 'ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି। ଯିଏ ଯେତେ ଉଚ୍ଚ ପଦବୀରେ ଥାଉ ନା କାହିଁକି ନିର୍ଭୀକ ଓ ନିରପେକ୍ଷ ବିଚାର ବ୍ୟବସ୍ଥା ଆଗରେ ତାଙ୍କ ପାଇଁ କିଛି ସ୍ୱତନ୍ତ୍ର ସ୍ଥାନ ନଥାଏ' - ଏକଥା ପ୍ରମାଣିତ ହୋଇଥିଲା ଏହି ରାୟରେ। ସେତେବେଳର ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ନେହରୁ ଗାନ୍ଧୀଙ୍କ ରାଏବରେଲି ଲୋକସଭା କ୍ଷେତ୍ରରୁ ଜିଣିଥିବା ନିର୍ବାଚନକୁ ଏହି ରାୟରେ ଅସିଦ୍ଧ ଘୋଷଣା କରାଯିବା ସହିତ ସେ ଆଉ ୬ବର୍ଷ ପାଇଁ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ହାଇକୋର୍ଟ କହିଥିଲେ। ଭାରତୀୟ ଗଣତନ୍ତ୍ରରେ କଳା ଅଧ୍ୟାୟ ରୂପେ ଅଭିହିତ ଜରୁରୀ ପରିସ୍ଥିତି ମୂଳରେ ଥିଲା ଏହି ରାୟ।

କଂଗ୍ରେସ (ଆର) ପ୍ରାର୍ଥୀ ଭାବେ ଶ୍ରୀମତୀ ଗାନ୍ଧୀ ପୁଣିଥରେ ଉତ୍ତରପ୍ରଦେଶର ରାଏବରେଲି ଲୋକସଭା କ୍ଷେତ୍ରରୁ ୧୯୭୧ ସାଧାରଣ ନିର୍ବାଚନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ନେତା ରାଜ ନାରାୟଣଙ୍କୁ ହରାଇ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ରାଜ ନାରାୟଣ ଶ୍ରୀମତୀ ଗାନ୍ଧୀଙ୍କ ବିରୋଧରେ ଆହ୍ଲାବାଦ୍ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ଓଏସ୍‌ଡି ଭାବେ କାର୍ଯ୍ୟ କରୁଥିବା ଜଣେ ସରକାରୀ ଅଧିକାରୀ ଯଶପାଲ କାପୁରଙ୍କୁ ଶ୍ରୀମତୀ ଗାନ୍ଧୀ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରିଥିବାରୁ ଲୋକପ୍ରତିନିଧି ଆଇନ୍‌ର ୧୨୩ (୭) ଧାରା ଅନୁଯାୟୀ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ଲାଗି ଦାବି ହୋଇଥିଲା(ପରବର୍ତ୍ତୀ ସମୟରେ କାପୁରଙ୍କୁ କଂଗ୍ରେସ ରାଜ୍ୟସଭା ସଦସ୍ୟ କରିଥିଲା)। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ମାମଲାର ଦୀର୍ଘ ଶୁଣାଣି ହୋଇଥିଲା। ଏମିତିକି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ମଧ୍ୟ ଦୁଇଦିନ ଧରି ଜେରା କରାଯାଇଥିଲା। ଶେଷରେ ୧୯୭୫ ଜୁନ୍ ୧୨ ତାରିଖ ଦିନ ବିଚାରପତି ଜଗମୋହନ ଲାଲ ସିହ୍ନା ଶ୍ରୀମତୀ ଗାନ୍ଧୀଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ସହିତ ନିର୍ବାଚନରେ ସେ ଅସତ ଉପାୟ ଅବଲମ୍ବନ କରିଥିବାରୁ ପରବର୍ତ୍ତୀ ୬ବର୍ଷ ପାଇଁ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି କହିଥିଲେ। ଇନ୍ଦିରା ସେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଥିବାରୁ କଂଗ୍ରେସ (ଆର୍) ଦଳ ତାଙ୍କର ବିକଳ୍ପ ବ୍ୟବସ୍ଥା କରିବା ଲାଗି ୨୦ ଦିନ ସମୟ ମଧ୍ୟ କୋର୍ଟ ଦେଇଥିଲେ। ଏହି ରାୟ ଏତେ ପ୍ରଭାବଶାଳୀ ଥିଲା ଯେ ସେଥିରୁ ବର୍ତ୍ତିବା ପାଇଁ କେନ୍ଦ୍ର ସରକାରଙ୍କୁ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିବାକୁ ହୋଇଥିଲା। ଏହାଛଡ଼ା ଶ୍ରୀମତୀ ଗାନ୍ଧୀ ନିର୍ବଚାନରେ ସୀମା ବହିର୍ଭୂତ ଅର୍ଥ ଖର୍ଚ୍ଚ କରିବା, କମ୍ବଳ, ମଦ ସମେତ ଅନ୍ୟାନ୍ୟ ସାମଗ୍ରୀ ତାଙ୍କ ପକ୍ଷରୁ ବଣ୍ଟନ କରାଯିବା, ମତଦାତାଙ୍କୁ ମାଗଣାରେ ମତଦାନ କେନ୍ଦ୍ରକୁ ଆଣିବା, ନିର୍ବାଚନ ପ୍ରଚାର ପାଇଁ ପ୍ରତିରକ୍ଷା ବାହିନୀର ହେଲିକପ୍ଟର ବ୍ୟବହାର କରିବା ଭଳି ଅନ୍ୟ ଅଭିଯୋଗଗୁଡ଼ିକୁ କିନ୍ତୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ୧୯୭୩ରେ ବହୁଚର୍ଚ୍ଚିତ କେଶବାନନ୍ଦ ଭାରତୀ ମାମଲାର ରାୟ ଶୁଣାଇବାର କିଛିଦିନ ଭିତରେ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜୟଶଙ୍କର ମଣିଲାଲ ସେଲଟ୍, ଏ.ଏନ୍. ଗ୍ରୋଭର ଓ କେ.ଏସ୍. ହେଗଡ଼େଙ୍କୁ ଉପେକ୍ଷା କରାଯାଇ ସେମାନଙ୍କଠାରୁ କନିଷ୍ଠ ଜଷ୍ଟିସ ଏ.ଏନ୍. ରାୟଙ୍କୁ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କରାଯାଇଥିଲା। କେଶବାନନ୍ଦ ଭାରତୀ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ ସମ୍ବିଧାନର ମୌଳିକ ଢାଞ୍ଚାକୁ କେହି ପରିବର୍ତ୍ତନ କରିପାରିବେ ନାହିଁ। ଏହି ଘଟଣା ସେତେବେଳେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଇନ୍ଦିରା ଗାନ୍ଧୀଙ୍କ ତତ୍କାଳୀନ ପ୍ରଭୂତ କ୍ଷମତା, ଶାସନ ବ୍ୟବସ୍ଥାରେ ଏଭଳି ଅଖଣ୍ଡ ପ୍ରଭାବ ଓ ପ୍ରତିପତ୍ତି ସତ୍ତ୍ୱେ ଜଷ୍ଟିସ୍ ସିହ୍ନା ଶ୍ରୀମତୀ ଗାନ୍ଧୀଙ୍କ ଲୋକସଭା ସଦସ୍ୟ ପଦକୁ ରଦ୍ଦ କରିବାର ସାହସ କରି ଇତିହାସ ସୃଷ୍ଟି କରିଥିଲେ। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ଆହ୍ଲାବାଦ୍ ହାଇକୋର୍ଟଙ୍କ ଏହି ରାୟକୁ ପ୍ରଶଂସା କରିବା ସହିତ ବିଚାରପତି ଶ୍ରୀସିହ୍ନା ଯେଭଳି ନିଷ୍ଠା ଓ ନିର୍ଭୀକତାର ସହ ଏହି ମାମଲାର ବିଚାର କରି ରାୟ ଶୁଣାଇଛନ୍ତି ତାହା ବର୍ଷବର୍ଷ ପାଇଁ ବିଚାରପତିମାନଙ୍କୁ ପ୍ରେରିତ କରିବ ବୋଲି ଉଲ୍ଲେଖ କରିଥିଲେ। ଜଷ୍ଟିସ୍ ଭି.ଆର. କ୍ରିଷ୍ଣାଆୟାର, ଜଷ୍ଟିସ୍ ଭି.ଏମ୍. ତାରକୁଣ୍ଡେ, ଜଷ୍ଟିସ୍ ବନୱାରୀ ଲାଲ ହଂସାରିଆ, ଜଷ୍ଟିସ୍ ଜେ.ଏସ୍. ବର୍ମା, ଜଷ୍ଟିସ୍ କେ.ଏସ୍. ହେଗଡ଼େ, ଜଷ୍ଟିସ ହରିହର ମହାପାତ୍ରଙ୍କ ଭଳି ବହୁ ସ୍ୱନାମଧନ୍ୟ ବିଚାରପତି ଜଷ୍ଟିସ୍ ସିହ୍ନାଙ୍କୁ ବାରମ୍ବାର ପ୍ରଶଂସା କରିବାକୁ ଭୁଲି ନଥିଲେ।

ଆହ୍ଲାବାଦ୍ ହାଇକୋର୍ଟଙ୍କ ରାୟ ଉପରେ ପୂର୍ଣ୍ଣ ରହିତାଦେଶ ପାଇଁ ଶ୍ରୀମତୀ ଗାନ୍ଧୀ ସୁପ୍ରିମକୋର୍ଟରେ ମାମଲା ରୁଜୁ କଲେ। ସେତେବେଳକୁ ସୁପ୍ରିମକୋର୍ଟର ଗ୍ରୀଷ୍ମାବକାଶ ଛୁଟି ଚାଲିଥାଏ। ମାମଲାଟି ବିଚାରପତି ଭି.ଆର. କ୍ରିଷ୍ଣାଆୟାରଙ୍କ ଇଜିଲାସରେ ବିଚାର ପାଇଁ ଆସିଲା। ଜୁନ୍ ୨୪ ତାରିଖରେ ଜଷ୍ଟିସ କ୍ରିଷ୍ଣାଆୟାର ସର୍ତ୍ତମୂଳକ ରହିତାଦେଶ ଦେବା ସହିତ ପରବର୍ତ୍ତୀ ଶୁଣାଣି ପାଇଁ ୧୯୭୫ ଅଗଷ୍ଟ ୧୧ ତାରିଖକୁ ଦିନ ଧାର୍ଯ୍ୟ କରିଥିଲେ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଇନ୍ଦିରା ଲୋକସଭା ସଦସ୍ୟ ଭାବେ ସଂସଦରେ ଉପସ୍ଥିତ ରହିପାରିବେ; କିନ୍ତୁ ସଂସଦର ବିତର୍କରେ ଓ ମତଦାନରେ ଭାଗ ନେଇପାରିବେ ନାହିଁ। ଏମିତିକି ସଂସଦର ସଦସ୍ୟ ଭାବରେ ମଧ୍ୟ ସେ ବେତନ ଓ ଭତ୍ତା ପାଇପାରିବେ ନାହିଁ ବୋଲି ଏଥିରେ ସ୍ପଷ୍ଟ କରିଦିଆଯାଇଥିଲା। ସର୍ତ୍ତମୂଳକ ରହିତାଦେଶ ବିରୋଧରେ ଆବେଦନକାରୀ ଦୁଇଜଣିଆ ଖଣ୍ଡପୀଠଙ୍କ ନିକଟରେ ଆବେଦନ କରିପାରିବେ ବୋଲି ମଧ୍ୟ ଏଥିରେ ସୂଚନା ଥିଲା।

ଜଷ୍ଟିସ୍ କ୍ରିଷ୍ଣାଆୟାରଙ୍କ ରହିତାଦେଶର ଚବିଶ ଘଣ୍ଟା ନ ପୂରୁଣୁ ଜୁନ୍ ୨୫ ମଧ୍ୟରାତ୍ରରେ ଇନ୍ଦିରା ଗାନ୍ଧୀ ସାରା ଦେଶରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କଲେ। ସମ୍ବାଦପତ୍ର ଓ ବାକ୍ ସ୍ୱାଧୀନତା ଭଳି ଜନତାଙ୍କ ମୌଳିକ ଅଧିକାର ଉପରେ କଟକଣା ଜାରି କରାଗଲା। ସେତେବେଳକୁ ସାରା ଦେଶରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ଚାଲିଥାଏ। ଏଥିରେ ଅଟଳ ବିହାରୀ ବାଜପେୟୀ, ବିଜୁ ପଟ୍ଟନାୟକ, ମୋରାରଜି ଦେଶାଇ, ଚରଣ ସିଂ, ମା' ରମାଦେବୀ, ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ପ୍ରମୁଖ ନେତାମାନେ ସାମିଲ ଥା'ନ୍ତି। ଆହ୍ଲାବାଦ୍ ହାଇକୋର୍ଟ ଇନ୍ଦିରାଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା କରିବା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ତୁରନ୍ତ ହଟାଇବା ପାଇଁ ଦେଶର କୋଣ ଅନୁକୋଣରୁ ଦାବି ଉଠିଥିଲା। ଜରୁରୀ ପରିସ୍ଥିତି ଘୋଷଣା ସହିତ ଜୟପ୍ରକାଶ, ମୋରାରଜି ଦେଶାଇ, ବିଜୁ ପଟ୍ଟନାୟକ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ ସମେତ ବହୁ ନେତା ଏବଂ ହଜାର ହଜାର ଯୁବକ ଓ ଛାତ୍ରଙ୍କୁ କାରାରୁଦ୍ଧ କରାଗଲା। ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପ୍ରସନ୍ନ ଆଚାର୍ଯ୍ୟ, ଲକ୍ଷ୍ମୀ ମହାପାତ୍ର, ଅଶୋକ ଦାସ, ସୁରେନ୍ଦ୍ର ନାଥ ନାୟକ, ବିଶ୍ୱଭୂଷଣ ହରିଚନ୍ଦନ, ଭାଗବତ ବେହେରା, ଶିବାଜୀ ପଟ୍ଟନାୟକ, ଜୟକୃଷ୍ଣ ମହାନ୍ତି, ପଦ୍ମଚରଣ ସାମନ୍ତସିଂହାରଙ୍କ ଭଳି ଓଡ଼ିଶାର ଅନେକ ନେତା କାରାଗାରରେ ଅକଥନୀୟ ନିର୍ଯାତନାର ଶିକାର ହେଲେ। ଏମିତିକି କଂଗ୍ରେସର କ୍ରାନ୍ତିକାରୀ ନେତା ଚନ୍ଦ୍ରଶେଖର, ମୋହନ ଧାରିଆ, କୃଷ୍ଣକାନ୍ତ, ରାମଧନ, ପ୍ରଦ୍ୟୁମ୍ନ ବଳ ପ୍ରମୁଖ ବ୍ୟବସ୍ଥାର ବିରୋଧ କରି ଜେଲ୍ ଗଲେ। କିଏ କେଉଁଠି ଗିରଫ ହୋଇ ରହିଲେ ତାହାର ପତ୍ତା ପରିବାରକୁ ମିଳିଲା ନାହିଁ। କାରାରୁଦ୍ଧ ଅବସ୍ଥାରେ ଚିକିତ୍ସା ଅଭାବରୁ ଜୟପ୍ରକାଶ, ନବକୃଷ୍ଣ ଚୌଧୁରୀଙ୍କ ଭଳି ବହୁ ଅଗ୍ରଗଣ୍ୟ ନେତାଙ୍କ ସ୍ୱାସ୍ଥ୍ୟହାନି ଘଟିଲା।

ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବା ପୂର୍ବରୁ ଇନ୍ଦିରାଙ୍କ ପରାମର୍ଶକ୍ରମେ ସେତେବେଳର ରାଷ୍ଟ୍ରପତି ଫକୀର ଉଦ୍ଦିନ ଅଲ୍ଲୀ ଅହମ୍ମଦ ୧୯୭୫ ଅଗଷ୍ଟ ୧୦ ତାରିଖରେ ସମ୍ବିଧାନର ସଂଶୋଧନ ଘୋଷଣା କରିଥିଲେ, ଯେଉଁଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପରାଷ୍ଟ୍ରପତି ଓ ଲୋକସଭା ବାଚସ୍ପତି ଆଦିଙ୍କ ସଂପର୍କରେ ଆଇନ୍ ଅଦାଲତରେ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରାଯାଇ ସମ୍ବିଧାନରେ ୩୨୯ (କ) ଧାରା ବ୍ୟବସ୍ଥା କରାଗଲା। ଏହା ବିରୋଧରେ ବି ରାଜନାରାୟଣ ଅନ୍ୟ ଏକ ମାମଲା ରୁଜୁ କରିଥିଲେ। ଉଭୟ ମାମଲାର ମିଳିତ ଶୁଣାଣି କରି ସୁପ୍ରିମକୋର୍ଟ ୧୯୭୫ ନଭେମ୍ବର ୭ ତାରିଖରେ ଦେଇଥିବା ଏକ ସୁଦୀର୍ଘ ରାୟରେ ୩୯ତମ ସଂଶୋଧନ ଆଇନ୍ ମୁତାବକ ବ୍ୟବସ୍ଥା କରାଯାଇଥିବା ୩୨୯ (କ) ଧାରାର କେତେକ ବ୍ୟବସ୍ଥାକୁ ଖାରଜ କରିଦେଇଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ଜନତା ପାର୍ଟି ସରକାର ଅମଳରେ ଏହି ସମ୍ବିଧାନ ସଂଶୋଧନ ବ୍ୟବସ୍ଥାକୁ ରଦ୍ଦ କରାଯାଇଥିଲା। ଜରୁରୀ ପରିସ୍ଥିତି ସମୟରେ ବି ୪୨ତମ ସମ୍ବିଧାନ ସଂଶୋଧନ ଅଣାଯାଇଥିଲା ଓ ୧୯୭୬ରେ ହେବାକୁ ଥିବା ଲୋକସଭା ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ୧୯୭୫ ନଭେମ୍ବର ୭ ତାରିଖରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏ.ଏନ୍. ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୫ଜଣିଆ ଖଣ୍ଡପୀଠ ଆହ୍ଲାବାଦ୍ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଥିଲେ।

ଏହି ମାମଲାରେ ଇନ୍ଦିରାଙ୍କ ଓକିଲ ଥିବା ଏନ୍. ପାଲଖିୱାଲା ଜରୁରୀ ପରିସ୍ଥିତି ଘୋଷଣାର ପ୍ରତିବାଦ କରି ମାମଲାରୁ ଓହରି ଯାଇଥିଲେ। ତାଙ୍କ ବିରୋଧରେ ଏହି ମାମଲା ଲଢୁଥିଲେ ଶାନ୍ତି ଭୂଷଣ ଯିଏ ପରେ ଦେଶର ଆଇନ୍ ମନ୍ତ୍ରୀ ହୋଇଥିଲେ। ଏକଦା ଅପରାଜେୟ ମନେ ହେଉଥିବା ଇନ୍ଦିରା ଗାନ୍ଧୀଙ୍କ ଶାସନର ଅବସାନ ଘଟାଇବା ପାଇଁ କାରାକକ୍ଷରେ ଜରୁରୀ ପରିସ୍ଥିତି ବେଳେ ଜନ୍ମ ନେଇଥିଲା ଜନତା ପାର୍ଟି। ଜୟପ୍ରକାଶଙ୍କ ତତ୍ତ୍ୱାବଧାନରେ ଗଠିତ ଏହି ନୂତନ ଜାତୀୟ ରାଜନୈତିକ ଦଳ ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମୋରାରଜି ଦେଶାଇ, ବିଜୁ ପଟ୍ଟନାୟକ, ଚରଣ ସିଂ, ମଧୁ ଦଣ୍ଡବତେ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ ଭଳି ଜାତୀୟ ସ୍ତରର ତୁଙ୍ଗ ନେତାମାନେ। ଶେଷରେ ୧୯୭୭ର ସାଧାରଣ ନିର୍ବାଚନରେ କଂଗ୍ରେସକୁ ପରାଜିତ କରି ଜନତା ପାର୍ଟି କେନ୍ଦ୍ରରେ ସରକାର ଗଢ଼ିଲା। ତେବେ ଅଂଶୀଦାର ଦଳଗୁଡ଼ିକର ନେତାମାନଙ୍କ ଭିତରେ ମନାନ୍ତର ଓ ମତାନ୍ତର ଯୋଗୁଁ ସ୍ୱାଧୀନ ଭାରତର ପ୍ରଥମ ଅଣକଂଗ୍ରେସ ସରକାର ୩ବର୍ଷ ଭିତରେ ଭୁଶୁଡ଼ି ପଡ଼ିଲା ଏବଂ ପରେ ପୁଣି ଇନ୍ଦିରା ଗାନ୍ଧୀ ୧୯୮୦ ନିର୍ବାଚନରେ ତାଙ୍କ ଦଳକୁ ଜିଣାଇ ଶେଷଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ।

ଆଇନ ଅଦାଲତର ରାୟ କେତେ ପ୍ରଭାବଶାଳୀ ହୋଇପାରେ ଏବଂ ପରିଣାମକୁ ଖାତିର ନକରି ନିରପେକ୍ଷତା, ନିର୍ଭୀକତା ଓ ନିଷ୍ଠାର ସହିତ ଜଣେ ବିଚାରପତି କିଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇପାରନ୍ତି ତାହାର ପ୍ରତୀକ ହେଉଛନ୍ତି ଜଷ୍ଟିସ୍ ସିହ୍ନା। ପବିତ୍ର ସମ୍ବିଧାନର ସୁରକ୍ଷା ସହ ଆଇନର ଶାସନକୁ ବଜାୟ ରଖି ଗଣତନ୍ତ୍ରର ତିନୋଟିଯାକ ସ୍ତମ୍ଭ- କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ନିଜ ନିଜର ଲକ୍ଷ୍ମଣରେଖା ମଧ୍ୟରେ ଦାୟିତ୍ୱ ନିର୍ବାହ କରିବା ପାଇଁ ଏହି ରାୟର ନିଷ୍କର୍ଷ ୫୦ ବର୍ଷ ପରେ ବି ଡାକି ଡାକି କହୁଛି।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# ମୋହନ ଶାସନରେ ନବୀନଙ୍କ ଜୟଗାନ

**ମିହିର ରାୟ**

୨୦୨୪ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ହାସଲ କରିବା ପରେ ଜୁନ ୧୨ ତାରିଖରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିଥିଲା। ଇତିମଧ୍ୟରେ ମୋହନ ସରକାର କ୍ଷମତାକୁ ଆସିବାର ଏକ ବର୍ଷ ପୂରଣ ହୋଇଛି। ବିଗତ ଏକ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ଉପଲବ୍ଧିକୁ ତର୍ଜମା କରିବା ବେଳେ ଜାତୀୟସ୍ତରୀୟ ରିପୋର୍ଟରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ପ୍ରଶଂସାଯୋଗ୍ୟ ହୋଇଥିବା ନଜରକୁ ଆସୁଛି। କିନ୍ତୁ ଏହି ସମସ୍ତ ଉପଲବ୍ଧି ନବୀନ ସରକାରଙ୍କ ସମୟରେ କରାଯାଇଥିବା କାର୍ଯ୍ୟ ଯୋଗୁଁ ମିଳିପାରିଛି। ଯଦିଓ ଏହା ଓଡ଼ିଶା ପାଇଁ ଗୌରବର ବିଷୟ, ତଥାପି ଏହା ବିଜେପି ପାଇଁ ଆନନ୍ଦଦାୟକ ହୋଇ ପାରିନାହିଁ।

ଗତ ନିର୍ବାଚନରେ ଚବିଶ ବର୍ଷ ଧରି କ୍ଷମତାରେ ଥିବା ନବୀନ ପଟ୍ଟନାୟକଙ୍କ ସରକାର ବିରୋଧରେ ବିଜେପି ତରଫରୁ ବିଭିନ୍ନ ଅଭିଯୋଗ ଅଣା ଯାଇଥିଲା। ଏହାଭିତରୁ 'ଚବିଶ ବର୍ଷରେ ରାଜ୍ୟରେ କୌଣସି ବିକାଶ ହୋଇନାହିଁ' ଥିଲା ଏକ ପ୍ରମୁଖ ଅଭିଯୋଗ। ନିର୍ବାଚନରେ ବିଜେଡି ଅପ୍ରତ୍ୟାଶିତ ପରାଜୟର କାରଣ ଖୋଜିବା ବେଳେ ବିଜେପି ଦ୍ୱାରା ଅଣାଯାଇଥିବା ବିଭିନ୍ନ ମିଛ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିବାରେ ବିଫଳ ହେବା ପରାଜୟର ପ୍ରମୁଖ କାରଣ ବୋଲି କୁହାଯାଇଥିଲା। ଗତ ଏକବର୍ଷରେ ଆସିଥିବା ବିଭିନ୍ନ ରିପୋର୍ଟରେ ଓଡ଼ିଶାର ଉପଲବ୍ଧି 'ନବୀନଙ୍କ ଚବିଶ ବର୍ଷର ଶାସନ କାଳରେ ଓଡ଼ିଶାର କୌଣସି ବିକାଶ ହୋଇନାହିଁ' ବୋଲି ବିଜେପିର ଅଭିଯୋଗ ମିଥ୍ୟା ଥିଲା ବୋଲି ପ୍ରମାଣିତ ହେଉଛି। ଏବେ ଆସନ୍ତୁ ନଜର ପକାଇବା, ଗତ ଏକ ବର୍ଷ ଭିତରେ ଓଡ଼ିଶା କେଉଁ କେଉଁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ମୋହନ ସରକାର ରାଜ୍ୟର ଶାସନ ଦାୟିତ୍ୱ ନେବା ପରେ ସାରା ଦେଶରେ ବିଭିନ୍ନ ରାଜ୍ୟରେ ପୁଞ୍ଜି ନିବେଶ କ୍ଷେତ୍ରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଥିଲା। ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ଆକର୍ଷିତ କରିବା କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ କେନ୍ଦ୍ର ସରକାର ଓଡ଼ିଶାକୁ ପୁରସ୍କୃତ କରିଥିଲେ। ନୂତନ ଭାବେ ରାଜ୍ୟର ଶିଳ୍ପମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ସମ୍ପଦ ସ୍ୱାଇଁ ରାଜ୍ୟ ସରକାରଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ନବୀନଙ୍କ ଶାସନ କାଳରେ ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷିତ କରିବାରେ ଗତ କିଛିବର୍ଷ ଧରି ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିଲା। ଏହି କ୍ରମରେ, ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪ ଆର୍ଥିକ ବର୍ଷରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ସମସ୍ତ ରାଜ୍ୟମାନଙ୍କ ଭିତରେ ଯଥାକ୍ରମେ ତୃତୀୟ, ଦ୍ୱିତୀୟ ଓ ପ୍ରଥମ ସ୍ଥାନ ହାସଲ କରିଥିଲା। ସେହିପରି ନିକଟରେ ପ୍ରକାଶିତ ହୋଇଥିବା ଆଇସିଆରଏ ରିପୋର୍ଟରେ ୨୦୧୫ ରୁ ୨୦୨୪ ଆର୍ଥିକ ବର୍ଷ ଭିତରେ ଓଡ଼ିଶାର ଶିଳ୍ପ ଜିଏସଭିଏ (ଗ୍ରସ ଷ୍ଟେଟ ଭ୍ୟାଲ୍ୟୁ ଆଡେଡ) ବାର୍ଷିକ ଚକ୍ରବୃଦ୍ଧି ବିକାଶ ହାର ୧୦% ରହିଥିଲା, ଯାହା ଦେଶର ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ ଥିଲା। ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଏହି ଅଭିବୃଦ୍ଧି ମୁଖ୍ୟତଃ ମାନୁଫାକଚରିଙ୍ଗ କ୍ଷେତ୍ରରେ ହୋଇଥିଲା। ଓଡ଼ିଶାର ଏହି ଉପଲବ୍ଧି ଜାତୀୟ ସ୍ତରରେ ଅନ୍ୟ ବିକଶିତ ରାଜ୍ୟମାନଙ୍କୁ ପଛରେ ପକାଇ ଓଡ଼ିଶା ଆଗକୁ ବଢୁଛି ବୋଲି ପ୍ରମାଣିତ କରିବା ସହିତ ନବୀନ ସରକାରଙ୍କ ସଫଳତାକୁ ମଧ୍ୟ ଦର୍ଶାଉଛି।

ଦେଶର ସମସ୍ତ ରାଜ୍ୟମାନଙ୍କ ଆର୍ଥିକ ସ୍ଥିତିକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରକାଶିତ ହୋଇଥିବା ସିଏଜି ରିପୋର୍ଟରେ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୩-୨୪ ବର୍ଷ ଭିତରେ, ଓଡ଼ିଶାର ଜିଏସଡିପି ୧୨% ହାରରେ ଅଭିବୃଦ୍ଧି ହୋଇଥିଲା, ଯାହା ଦେଶର ଆଗ ଧାଡ଼ିର ରାଜ୍ୟମାନଙ୍କ ସହିତ ସମକକ୍ଷ ଥିଲା। ଏହାଛଡ଼ା, ଏହି ସମୟରେ ଓଡ଼ିଶାର ବଳକା ରାଜସ୍ୱ ପ୍ରାୟ ୫୮% ହାରରେ ବୃଦ୍ଧି ହୋଇଥିଲା। ଦୁର୍ବଳ ଆର୍ଥିକ ସ୍ଥିତି, ବିଶାଳ ଋଣ ବୋଝ, ବିକାଶ କାମ ପାଇଁ ଉତ୍କଟ ଆର୍ଥିକ ଅଭାବ ଭଳି ସମସ୍ୟା ସହିତ ନିୟମିତ ଭାବେ ଲଢ଼େଇ କରି ଆସୁଥିବା ଓଡ଼ିଶା ଭଳି ଏକ ପଛୁଆ ରାଜ୍ୟ ପାଇଁ ଏହି ଉପଲବ୍ଧି ଥିଲା ଅମୂଲ ମୂଲ।

ସେପ୍ଟେମ୍ବର ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ପରାମର୍ଶଦାତା କମିଟିର ରିପୋର୍ଟରେ ଓଡ଼ିଶା ମୁଣ୍ଡପିଛା ଆୟ କ୍ଷେତ୍ରରେ ବିଗତ ଦୁଇ ଦଶନ୍ଧିରେ ଭାରତର ସମସ୍ତ ରାଜ୍ୟମାନଙ୍କ ଭିତରେ ସର୍ବାଧିକ ଅଭିବୃଦ୍ଧି ହାସଲ କରିଛି। ରାଜ୍ୟର ଆପେକ୍ଷିକ ମୁଣ୍ଡପିଛା ଆୟ, ଯାହା ୨୦୦୦ ମସିହା ବେଳକୁ ୫୫% ଥିଲା, ତାହା ୨୦୨୪ ବେଳକୁ ୮୮%କୁ ବୃଦ୍ଧି ପାଇଥିଲା। ଏହି ସମୟରେ ଦେଶର ଜିଡିପିକୁ ବଡ଼ ବଡ଼ ରାଜ୍ୟମାନଙ୍କ ଅବଦାନ କମିଥିବା ବେଳେ ଓଡ଼ିଶାର ଅବଦାନ ଲଗାତର ଭାବେ ବୃଦ୍ଧି ପାଇଥିଲା ବୋଲି ରିପୋର୍ଟରେ କୁହାଯାଇଛି। ୨୦୦୦-୦୧ ମସିହା ବେଳକୁ ଦେଶର ଜିଡିପିକୁ ଓଡ଼ିଶାର ଅବଦାନ ୨.୩% ଥିଲା, ଯାହା ୨୦୨୩-୨୪ ବେଳକୁ ୨.୮% କୁ ବୃଦ୍ଧି ପାଇଥିଲା। ନିତି ଆୟୋଗଙ୍କ ଆର୍ଥିକ ସୂଚକାଙ୍କ ରିପୋର୍ଟ ୨୦୨୫ରେ ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟମାନଙ୍କୁ ପଛରେ ପକାଇ ଓଡ଼ିଶା ଏକନମ୍ବର ସ୍ଥାନ ହାସଲ କରିଥିଲା। ଏହି ରିପୋର୍ଟରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଜାରି କରାଯାଇଥିବା ସୂଚୀରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି 'ଆଚିଭର୍ସ' ବର୍ଗରେ ସ୍ଥାନ ପାଇଛି। ୨୦୧୪-୧୫ ରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲଗାତର ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି ଆସୁଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଓଡ଼ିଶାର ରାଜସ୍ୱ ସଂଗ୍ରହ ବୃଦ୍ଧି ହାର ମଧ୍ୟ ଲଗାତର ଭାବେ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଋଣ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ତରଫରୁ ପ୍ରଦାନ କରାଯାଇଥିବା ଏକ ରିପୋର୍ଟରେ ସବୁଜ ଆବରଣ ବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଜଙ୍ଗଲ ଓ ବୃକ୍ଷ ଆବରଣ ବୃଦ୍ଧି କ୍ଷେତ୍ରରେ କେବଳ ଜଙ୍ଗଲ ଆବରଣ ବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଯଥାକ୍ରମେ ତୃତୀୟ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ସେହିପରି ଏଏସଇଆର(ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେଶନାଲ୍ ରିପୋର୍ଟ) ୨୦୨୪ରେ ଜାତୀୟସ୍ତରର ଏକ ସର୍ବେକ୍ଷଣରେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିଲା। ଏକ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଆନେମିଆ ମୁକ୍ତ ଭାରତ ସୂଚକାଙ୍କରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ଚତୁର୍ଥ ଶ୍ରେଷ୍ଠ ରାଜ୍ୟ ଭାବେ ସ୍ଥାନ ପାଇଥିଲା।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଦ୍ୱାରା ପୂର୍ବ ସରକାରଙ୍କ ବିଫଳତାକୁ ବାରମ୍ବାର ଉଲ୍ଲେଖ କରା ଯାଉଥିଲା ବେଳେ ଜାତୀୟ ସ୍ତରରେ ଗତ ଏକବର୍ଷ ଭିତରେ ଗୋଟିଏ ପରେ ଗୋଟିଏ ରିପୋର୍ଟ ପ୍ରକାଶିତ ହେଉଥିଲା, ଯେଉଁଥିରେ ନବୀନଙ୍କ ସମୟରେ ଓଡ଼ିଶାର ସଫଳତାକୁ ବର୍ଣ୍ଣନା କରୁଥିଲା। ନବୀନଙ୍କ ଶାସନ କାଳରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ ତାଙ୍କର ବକ୍ତବ୍ୟରେ ନିଜ ସରକାରଙ୍କ ଉପଲବ୍ଧି ଅପେକ୍ଷା ପୂର୍ବ ସରକାରଙ୍କ ବିଫଳତା ବିଷୟରେ ଟିପଣୀ ଦେବାକୁ ଅଧିକ ପସନ୍ଦ କରିଥା'ନ୍ତି। କିନ୍ତୁ ମୁମ୍ବାଇରେ ଅନୁଷ୍ଠିତ ହେଉଥିବା ସ୍ୱଦେଶୀ କ୍ରୀଡ଼ା ଉପରେ ହେଉଥିବା ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱଦେଶୀ କ୍ରୀଡ଼ା 'ଖୋକୋ'ର ବିକାଶ ପାଇଁ 'ହାଇ ପରଫର୍ମାନ୍ସ ସେଣ୍ଟର' ସ୍ଥାପନରେ ଦେଶର ପ୍ରଥମ ରାଜ୍ୟ ବୋଲି ଗର୍ବର ସହିତ କହିଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀମାଝୀ ଉଲ୍ଲେଖ କରିଥିବା ଏହି ସେଣ୍ଟର ୨୦୨୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସରକାର ଓ ଏଏନଏଏସ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷର ହେବା ପରେ ନିର୍ମାଣ ହୋଇଥିଲା। ଏଠାରେ କୁହାଯାଇ ପାରିବ ଯେ ସବୁସମୟରେ ପୂର୍ବ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରି ଆସୁଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନବୀନଙ୍କ ଶାସନ କାଳରେ ପ୍ରଶଂସାଯୋଗ୍ୟ କାର୍ଯ୍ୟକୁ ପରୋକ୍ଷରେ ସ୍ୱୀକାର କରିଥିଲେ।

ସେହିପରି 'ଉତ୍କର୍ଷ ଓଡ଼ିଶା' କାର୍ଯ୍ୟକ୍ରମରେ ଶିଳ୍ପ ଅନୁଷ୍ଠାନମାନଙ୍କୁ ଆକର୍ଷିତ କରିବା ପାଇଁ ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରା ଯାଇଥିବା ପୁସ୍ତିକାରେ ରାଜ୍ୟ ସରକାରଙ୍କ 'ଫାଇଭ ଟି' ପ୍ରଶାସନିକ ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରାଯାଇଛି। ଏହି 'ଫାଇଭ ଟି' ବ୍ୟବସ୍ଥା ମାଧ୍ୟମରେ ରାଜ୍ୟରେ ପ୍ରତିଷ୍ଠା କରୁଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ବିନା ଦ୍ୱନ୍ଦ୍ୱରେ ଶିଳ୍ପ ପ୍ରତିଷ୍ଠା କରିବାରେ ସକ୍ଷମ ହେଉଛନ୍ତି ବୋଲି ଉଲ୍ଲେଖ କରା ଯାଇଛି। ସରକାର ଗଠନ ପୂର୍ବରୁ ବିଜେପି ତରଫରୁ 'ଫାଇଭ ଟି' କୁ ତୀବ୍ର ସମାଲୋଚନା କରା ଯାଉଥିବା ବେଳେ ସରକାରକୁ ଆସିବା ପରେ 'ଫାଇଭ ଟି' କୁ ପ୍ରଶଂସା କରିବା ସ୍ୱାଭାବିକ ଭାବେ ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି।

ମୋହନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜେପି ତରଫରୁ ସାରା ରାଜ୍ୟକୁ ଉତ୍ସବ ମୁଖରିତ କରିବା ପାଇଁ ଆୟୋଜନ କରାଯାଉଛି। ଏହି ସମୟରେ ଗତ ଏକବର୍ଷ ଭିତରେ ବିଭିନ୍ନ କେନ୍ଦ୍ରୀୟ ରିପୋର୍ଟରେ ନବୀନଙ୍କ ଶାସନ କାଳରେ ଓଡ଼ିଶାର ଉପଲବ୍ଧି 'ମୋହନଙ୍କ ଶାସନରେ ନବୀନଙ୍କ ଜୟଗାନ' ସଦୃଶ୍ୟ ଉଭା ହୋଇଛି।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନାଲ୍କୋ ନୂଆ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଅଭୟ ବେହୁରିଆ



ଭୁବନେଶ୍ୱର,୧୧।୬(ଏଜେନ୍ସି): ଅଭୟ କୁମାର ବେହୁରିଆ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍କୋ)ର ନୂଆ ନିର୍ଦ୍ଦେଶକ (ଅର୍ଥ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆରଏସ୍‌ପି)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଦକ୍ଷତା ଓ ନେତୃତ୍ୱ ବଳରେ କମ୍ପାନୀ ରେକର୍ଡ ଆର୍ଥିକ ସଫଳତା ହାସଲ କରିଥିଲା। ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଓ ଡିଜିଟାଲ ରୂପାନ୍ତର କ୍ଷେତ୍ରରେ ତାଙ୍କର ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକରେ ଡିଗ୍ରୀ ହାସଲ କରିଛନ୍ତି। ସେ ମଧ୍ୟ ଭାରତୀୟ କଷ୍ଟ ଏକାଉଣ୍ଟସ ପ୍ରତିଷ୍ଠାନ (ଆଇସିଏଆଇ)ର ଜଣେ ଫେଲୋ ସଦସ୍ୟ ହେବା ସହ ଆଡଭାନ୍ସ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ ବୋର୍ଡରୁ ବ୍ୟବସାୟିକ ମୂଲ୍ୟାଙ୍କନରେ ଏକଜ୍କ୍ୟୁଟିଭ୍ ଡିପ୍ଲୋମା ହାସଲ କରିଛନ୍ତି। ସେ ଆରଏସ୍‌ପିରେ ଏକାଧିକ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଅଭିଜ୍ଞତାରୁ ନାଲକୋ ଲାଭବାନ ହେବେ। ତାଙ୍କ ଯୋଗଦାନ ନାଲକୋ ବୋର୍ଡକୁ ଆହୁରି ଦୃଢ଼ିଭୂତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

## ପୁଣି ୫୧ ଓଏଏସ୍‌ଙ୍କ ବଦଳି

ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟ ସରକାର ଓଏଏସ୍ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ବିଭିନ୍ନ ସ୍ଥାନରେ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଓଏଏସ୍‌ମାନଙ୍କ ବଦଳି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ମୋଟ୍ ୫୧ ଜଣ ଓଏଏସ୍ ଅଧିକାରୀଙ୍କ ବଦଳି କରାଯାଇଛି। ବିଭାଗ ଗତ ୬ ତାରିଖ ଦିନ ୨୯ଜଣ ଓଏଏସ୍‌ଙ୍କ ବଦଳି କରିଥିବା ବେଳେ ମଙ୍ଗଳବାର ୮୩ ଜଣ ଓଏଏସ୍‌ଙ୍କ ବଦଳି କରିଛି।

## ଟ୍ରେନରୁ ପଡ଼ି ଯାତ୍ରୀ ଗୁରୁତର

ବେତନଟୀ,୧୧।୬(ସମିସ): ବୁଧବାର ରାତି ବେତନଟୀ ରେଳ ଷ୍ଟେସନରେ ଚଳନ୍ତା ଟ୍ରେନରେ ଜଣେ ଯାତ୍ରୀ ଚଢ଼ିବାକୁ ଚେଷ୍ଟା କରୁଥିବାବେଳେ ଖସି ପଡ଼ିବାରୁ ତାଙ୍କ ଗୋଡ ଉପରେ ଟ୍ରେନ ମାଡ଼ିଯାଇଛି। ଫଳରେ ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ଶୁଳିଆପଦା ଥାନା ଅଧୀନ ଅନ୍ଧାରିଶୋଳ ଗ୍ରାମର ହରିଶ୍ଚନ୍ଦ୍ର ଧଳ (୫୫)।

■ ବନ୍ଧୁ ଘରେ ଅଘଟଣ

## ପୋଖରୀରେ ବୁଡ଼ିଗଲେ ପିଉସୀ, ଝିଆରୀ





ବାଲେଶ୍ୱର/ରାସଗୋବିନ୍ଦପୁର, ୧୧।୬(ସମିସ): ଗାଁରେ ଚାଲିଥିଲା ମାଆ ଭଗବତୀଙ୍କ ବାର୍ଷିକ ପୂଜା। ଘରେ ଘରେ ବନ୍ଧୁବାନ୍ଧବ ଭର୍ତ୍ତି। ଏମିତି ଏକ ଉତ୍ସବମୁଖର ପରିବେଶ ମଧ୍ୟରେ ପୋଖରୀରେ ବୁଡ଼ି ଦୁଇ ଝିଅଙ୍କ ମୃତ୍ୟୁ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଆଜି ଦିନ ବେଳେ ଘର ପଛରେ ଥିବା ପୋଖରୀକୁ ଗାଧୋଇବା ବେଳେ ବୁଡି ସମ୍ପର୍କୀୟ ପିଉସୀ ଓ ଝିଆରୀଙ୍କ ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ପୂର୍ଣ୍ଣଚନ୍ଦ୍ରପୁର ଭାଲିଆଗଡ଼ିଆରେ ଘଟିଛି ଏଭଳି ଦୁଃଖଦ ଘଟଣା। ଭାଲିଆଗଡ଼ିଆରେ ମାଆ ଭଗବତୀଙ୍କ ବାର୍ଷିକ ପୂଜା ଚାଲିଛି। ଉକ୍ତ ଗ୍ରାମର ନବ କୁମାର ଜେନାଙ୍କ ଘରେ ବନ୍ଧୁ ବାନ୍ଧବ ପହଞ୍ଚି ଥିଲେ। ଆଜି ମଧ୍ୟାହ୍ନରେ ତାଙ୍କ ଘର ପଛପଟେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି ଦୁଇ ଝିଅ। ଘର ଲୋକ ଖୋଜା ଖୋଜି କରିବା ପରେ ଦୁର୍ଘଟଣା ସ୍ଥଳରୁ ସ୍ଥାନୀୟ ଲୋକ ପୋଖରୀ ଭିତରୁ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତ ଦୁଇ ଝିଅ ମଧ୍ୟରେ ଜଣେ ନବଙ୍କ ଝିଆରୀ ଓ ଆଉ ଜଣେ ନାତୁଣୀ। ନବଙ୍କ ଝିଆରୀ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଥାନା ପଞ୍ଚୁପାଲି ପଞ୍ଚାୟତର କାଳସିମୁଳି ଗ୍ରାମର ଲକ୍ଷଣ ପଡିଆରୀଙ୍କ ଝିଅ ପ୍ରତିମା ପଡ଼ିଆରୀ (୧୮) ଓ ନବଙ୍କ ନାତୁଣୀ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖଣାବଡ ଗ୍ରାମର ସେଭିନା ସୁଚିରେଖା ବେହେରା(୧୪)। ସ୍ଥାନୀୟ ଲୋକ ଦୁଇ ଝିଅଙ୍କୁ ପୋଖରୀ ପାଣି ଭିତରୁ ଉଦ୍ଧାର କରି ପ୍ରଥମେ ଅମରଦା ହସ୍ପିଟାଲରୁ ଜଳେଶ୍ୱର ହସ୍ପିଟାଲକୁ ନିଆଯାଇଛି। ଭଗବତୀ ପୂଜା କମିଟିର ସଦସ୍ୟମାନେ ଆଜି ସନ୍ଧ୍ୟାରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରିଛନ୍ତି।

■ ପୁଲିସ- ମାଓବାଦୀ ଗୁଳି ବିନିମୟ

## ଦୁଇ ମାଓବାଦୀ ନିହତ

ମାଲକାନଗିରି,୧୧।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲା କୁକାନାର ଥାନା ଅଞ୍ଚଳରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଦୁଇ ଦିନ ପୂର୍ବେ ଏଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ଆଇଡି ବିସ୍ଫୋରଣରେ ସହିଦ ହୋଇଥିବା ବେଳେ ଏହାର ଜବାବରେ ଡିଆରଜି ବାହିନୀ କୁକାନାର ଥାନା ଅଞ୍ଚଳରେ କୁମ୍ବିଂ ଅପରେସନ ଆରମ୍ଭ କରିଛନ୍ତି। ଏହି କମ୍ବିଂ ଅପରେସନ ସମୟରେ ମାଓବାଦୀ ମାନେ ଯବାନଙ୍କୁ ଦେଖି ଗୁଳି ଚଳାଣ କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇଥିଲେ। ଯବାନଙ୍କ ଆକ୍ରମଣର ସାମ୍ନା କରି ନ ପାରି ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହି ଗୁଳି ବିନିମୟରେ ଦୁଇଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ନାନ ପୂର୍ଣ୍ଣିମାରେ...

ଜଗନ୍ନାଥଙ୍କ ପ୍ରେମୀଙ୍କ ନଜର ରହିଛି ଶ୍ରୀକ୍ଷେତ୍ର ଉପରେ। ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନେକ ନେତା, ମନ୍ତ୍ରୀ ପୁରୀ ଆସିଛନ୍ତି। ପଞ୍ଚସ୍ତରୀୟ ସୁରକ୍ଷା ବଳୟରେ ପୁରୀ ସହର ରହିଥିବାବେଳେ ଆଇନଶୃଙ୍ଖଳାର ଧଜିଆ ଉଡ଼ିଛି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେବାଭଳି ଘଟଣା ଘଟିଛି ଗୁଡ଼ିଆସାହିରେ। ସ୍ପଷ୍ଟ ଦିବାଲୋକରେ ମହାପ୍ରଭୁଙ୍କ ଜଣେ ବୟୋଜ୍ୟେଷ୍ଠ ସେବକଙ୍କୁ ଘରେ ହତ୍ୟା କରି ଆଣି ରାସ୍ତାରେ ଫିଙ୍ଗି ଦିଆଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଭକ୍ତଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ସ୍ନାନ ପୂର୍ଣ୍ଣିମାରେ ବରିଷ୍ଠ ସେବାୟତଙ୍କୁ ହତ୍ୟା କରାଯିବା ଘଟଣା ପାଇଁ ଲଜ୍ଜିତ ହୋଇଛି ପୁରୀ। ଟାଉନ ଥାନା ପୁଲିସର ସୂଚନା ଅନୁଯାୟୀ, ଗୁଡ଼ିଆସାହି ରାବେଣୀ ଚୌରାରେ ଘଟିଛି ଏହି ଘଟଣା। ମୃତ ଜଗନ୍ନାଥଙ୍କ ଘର ମହାସୁଆର ସାହିରେ। ସେ କୌଣସି କାମରେ ବୁଧବାର ଅପରାହ୍ଣରେ ଗୁଡ଼ିଆସାହିର ନାରାୟଣ ପାଟଯୋଶୀଙ୍କ ଘରକୁ ଯାଇଥିଲେ। କୌଣସି ଏକ ପ୍ରସଙ୍ଗକୁ ନେଇ ଘର ଭିତରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଘର ବାହାରେ ରକ୍ତାକ୍ତ ଅବସ୍ଥାରେ ଜଗନ୍ନାଥଙ୍କ ମୃତଦେହ ଠାବ ହୋଇଥିଲା। ଖବର ପାଇ ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ଏବଂ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହା ମଧ୍ୟରେ ସିସିଟିଭିରେ କଏଦ ଏକ ଦୃଶ୍ୟ ସାମ୍ନାକୁ ଆସିଛି। ଏଥିରେ ଜଗନ୍ନାଥଙ୍କ ମୃତଦେହ ଘର ବାହାରେ ଆଣି ପକାଇ ଦିଆଯାଉଥିବା ଦେଖିବାକୁ ମିଳିଛି। ଘଟଣା ପରଠାରୁ ଫେରାର୍ ଥିବା ନାରାୟଣଙ୍କୁ ତାଙ୍କ ଶଶୁର ଘରୁ ପୁଲିସ ଗିରଫ କରିଛି। ପୁଲିସ ସମ୍ପୂର୍ଣ୍ଣ ଘଟଣାକୁ ପରଖି ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଚଳାଇବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## ହାତୀବେଶେ ଶ୍ରୀଜୀଉ...

ଓ ବଡ଼ଦାଣ୍ଡ। ଆରମ୍ଭରୁ ନୀତିକାନ୍ତି ସାମାନ୍ୟ ବିଳମ୍ବ ହୋଇଥିଲେ ହେଁ ହାତୀବେଶ ବେଳକୁ ପ୍ରାୟ ନିର୍ଘଣ୍ଟ ସମୟରେ ଚାଲିଥିଲା। ତେବେ ସୁରୁଖୁରୁରେ ଶେଷ ହୋଇଛି ରଥଯାତ୍ରାର ଏହି ଆଦ୍ୟ ପର୍ବ।

ଆରମ୍ଭରୁ ୧ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଭୋର୍ ୪ଟା ୩୦ରେ ମଙ୍ଗଳାର୍ପଣ ସମୟ ରହିଥିବାବେଳେ ସାଢ଼େ ୫ଟାରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବିଜେ କାହାଳୀ ବାଜି ଭୋର୍ ୫ଟା ୪୫ରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ। ସକାଳ ୭ଟା ସୁଦ୍ଧା ପହଣ୍ଡି ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିବାବେଳେ ଏଥିରେ ୧ ଘଣ୍ଟା ୪୦ ମିନିଟ୍ ବିଳମ୍ବ ଅର୍ଥାତ୍ ୮ଟା ୪୦ରେ ପହଣ୍ଡି ସରିଥିଲା। ୮ଟା ୫୫ରେ ରୁନ୍ଧା ବଢ଼ିବା ପରେ ମଦନମୋହନ ସକାଳ ୯ଟାରେ ବିଜେ କରିଥିଲେ। ମଦନମୋହନଙ୍କୁ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ସକାଳ ୯ଟା ୩୦ରେ ସ୍ନାନବେଦୀରେ ହୋଇଥିଲା ମଙ୍ଗଳ ଆଳତି। ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ପୂର୍ବାହ୍ଣ ୧୦ଟା ୫୦ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ରୋଷହୋମ ବଢ଼ି ୧୧ଟା ୨୫ରେ ଠାକୁରଙ୍କ ବେଶ ସରିଥିଲା।

ପୂର୍ବରୁ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡ଼ୁ ଜଳ ଆଣି ଜଳ ଗୃହରେ ରଖିଥିଲେ। ସେଥିରେ ଚନ୍ଦନ, କର୍ପୂର, ଅଗୁରୁ, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୪୦ରେ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଲାଗି ଅଧିବାସ ଜଳ ସ୍ନାନବେଦୀକୁ ବିଜେ କରାଇଥିଲେ। ୧୦୮ ଗଡ଼ୁ ଜଳ ସ୍ନାନ ମଣ୍ଡପରେ ବିଜେ କରିବା ପରେ ଜଳଲାଗି ପୂଜା ବଢ଼ିଥିଲା। ଏହାପରେ ପ୍ରତୀକ୍ଷାର ଅନ୍ତ ଘଟି ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ। ପୂଜାପଣ୍ଡା ସାମନ୍ତ ରୂପା ପିଙ୍ଗଣରେ ପୂଜା ହୋଇଥିବା ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ। ପ୍ରତ୍ୟହ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହ ସ୍ନାନବେଦୀରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ। ଶ୍ରୀବଳଭଦ୍ର ୩୩ ଗଡ଼ୁ, ଦେବୀ ସୁଭଦ୍ରା ୨୨ ଗଡ଼ୁ, ଶ୍ରୀଜଗନ୍ନାଥ ୩୫ ଗଡ଼ୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡ଼ୁ ଜଳରେ ସ୍ନାନ କରିଥିଲେ। ନୂଆ ଲୁଗା ଲାଗି ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ଅପରାହ୍ଣ ସାଢ଼େ ୩ଟା ସୁଦ୍ଧା ଛେରାପହଁରା ସରିବାକୁ ସ୍ଥିର ହୋଇଥିବାବେଳେ ଅପରାହ୍ଣ ୪ଟା ୪୦ରେ ଛେରାପହଁରା ନୀତି ସରିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ। ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ। ଅପରାହ୍ଣ ସାଢ଼େ ୪ଟାରେ ହାତୀବେଶ ଲାଗି ନୀତି ନିର୍ଘଣ୍ଟ ହୋଇଥିବାବେଳେ ୪ଟା ୫୫ରେ ବେଶ ଆରମ୍ଭ ହୋଇଥିଲା। ପ୍ରାୟ ୫୦ ମିନିଟ୍ ଧରି ଏହି ବେଶ ଚାଲି ୫ଟା ୪୫ରେ ସମ୍ପୂର୍ଣ୍ଣ ହୋଇଥିଲା। ଏହି ବେଶ ଥାଇ ଘଣ୍ଟଛତା ସକାଳଧୂପ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ପାଖରେ ଏହି ଗୋଟିଏଥର ହିଁ ଭୋଗ ହୋଇଥାଏ।

ସନ୍ଧ୍ୟା ସାଢ଼େ ୭ଟା ପରେ ଆରମ୍ଭ ହୋଇଥିଲା ସାହାଣମେଳା ଦର୍ଶନ। ଏହା ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ସାହାଣମେଳାରେ ଶ୍ରଦ୍ଧାଳୁମାନେ ସ୍ନାନବେଦୀରେ ଠାକୁରଙ୍କ ଗଜାନନ ବେଶ ଦର୍ଶନ କରିଥିଲେ। ରାତି ୧୧ଟା ପରେ ହାତୀବେଶ ଓଲାଗି ପରେ ଗୋଟିପହଣ୍ଡିରେ ଠାକୁର ବାହୁଡ଼ି ଅଣସର ପିଣ୍ଡିକୁ ବିଜେ କରିଥିଲେ। ଏହାପରେ ସୁନାଚିତା ଓ ରାହୁରେଖା ଓଲାଗି ହୋଇଥିଲା।

## ■ ଆଜିଠୁ ଦର୍ଶନ ଦେବେ ପଟି ଦିଅଁ

ପୁରୀ,୧୧।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବା ପରେ ଜ୍ୱରରେ ପଡ଼ି ଅଣସର ଘରକୁ ବିଜେ କରିଛନ୍ତି ମହାପ୍ରଭୁ। ଗୁରୁବାରଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ବିଧି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ଏହି ସମୟରେ ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଦର୍ଶନ ମିଳିବନି। ଅଣସର ତାଟିରେ ରହି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ପଟିଦିଅଁ। ବୁଧବାର ସ୍ନାନବେଦୀରେ ସ୍ନାନ ନୀତି ସମ୍ପନ୍ନ ପରେ ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବାହୁଡ଼ା ବିଜେ କରିଥିଲେ ଠାକୁର। ଏହାପରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧିବେ। ତାଟିରେ ପଟିଦିଅଁଙ୍କୁ ରୁନ୍ଧା ଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ମହାଅଣସର ପଟିରେ ସ୍ଥାନିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ, ଭୁବନେଶ୍ୱରୀ, ଦୋଳଗୋବିନ୍ଦ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ଓ ନୃସିଂହ ଅଣସର ତାଟି ସମ୍ମୁଖରେ ରହି ପୂଜା ପାଇବେ।

## ଯାଜପୁରରେ ବେକାବୁ...

ମଲ୍ଲିକଙ୍କ ପୁଅ ଦିଲ୍ଲୀପ ମଲ୍ଲିକ(୨୬)ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫଳରେ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ସୁଦର୍ଶନଙ୍କ ମୃତ୍ୟୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ବେଳେ ବସନ୍ତଙ୍କ ମୃତ୍ୟୁ କଟକ ବଡ଼ ଡାକ୍ତରଖାନାରେ ହୋଇଛି। ସେହିଭଳି ଜାନକୀଙ୍କ ମୃତ୍ୟୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ମୃତ୍ୟୁ ସଂଖ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାରେ ଏଭଳି ପରିସ୍ଥିତିକୁ ଦେଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି।

ଅନ୍ୟପକ୍ଷରେ ଡାଇରିଆର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମାଇକ୍ରୋବାୟୋଲୋଜି ଟିମ୍ ଜିଲ୍ଲାରେ ପହଞ୍ଚି କାରଣ ଖୋଜୁଥିବା ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ସ୍ଥାନରେ ହୋଇଥିବା ଭୋଜିରେ ଖାଦ୍ୟ ସହିତ ମାଛି ବସୁଥିବା ଦୂଷିତ ଖାଦ୍ୟ ବ୍ୟବହାର ଯୋଗୁଁ ଏଭଳି ଡାଇରିଆ ହୋଇଥିବା ସନ୍ଦେହ କରାଯାଉଛି। ଆଜି ଅପରାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭି. ପରମେଶ୍ୱରଣମ୍ ଜିଲ୍ଲାପାଳଙ୍କ ସହିତ ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଛନ୍ତି। ଏହାର ମୁକାବିଲା ନେଇ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଉଥିବା ସେ କହିଛନ୍ତି।

ଝାଡ଼ାବାନ୍ତି ପ୍ରଭାବିତ ଧର୍ମଶାଳା, ବ୍ୟାସନଗର ପୌରାଞ୍ଚଳ, ଦାନଗଦି, ରସୁଲପୁର ଓ କୋରେଇ ବ୍ଲକ ସମେତ ଆଖପାଖ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଟିମ୍ ମୁତୟନ କରାଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ରାଜ୍ୟସ୍ତରରୁ ସ୍ୱତନ୍ତ୍ର ଭାବେ ୨ଟି ରାପିଡ ଆକ୍ସନ ଟିମ୍ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଜିଲ୍ଲା ଟିମ୍ ସହିତ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ, ଓ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରୁ ବିଶେଷଜ୍ଞ ଡାକ୍ତରମାନଙ୍କୁ ପ୍ରଭାବିତ ଅଞ୍ଚଳରେ ବିଶେଷଜ୍ଞ ସେବା ନିମନ୍ତେ ନିୟୋଜନ କରାଯାଇଛି। ସଂକ୍ରମିତ ରୋଗୀମାନଙ୍କୁ ଧର୍ମଶାଳା, ଯାଜପୁର ରୋଡ, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଗ୍ରାମୀଣ ପାଇପ୍ ଜଳ ଯୋଗାଣ ଟିମ୍ କ୍ଷେତ୍ରସ୍ତରରେ ସମସ୍ତ ପାନୀୟ ଜଳ ସ୍ରୋତ ଓ ଜଳ ଉତ୍ସକୁ ବିଶୋଧିତ କରୁଛନ୍ତି। ତୃଣମୂଳସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗୱାଡ଼ି କର୍ମୀ, ବହୁମୁଖି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଯଥେଷ୍ଟ ପରିମାଣର ହାଲୋଜେନ୍ ବଟିକା, ଓଆରଏସ୍ ପ୍ୟାକେଟ, ଔଷଧ ଓ ସଚେତନତା ବାର୍ତ୍ତା ସମନ୍ୱିତ ସୂଚନାପତ୍ର ଆଦି ଲୋକମାନଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଗାଇ ଦିଆଯାଇଛି ବୋଲି ବିଭାଗ କହିଛି।

## ସରକାରଙ୍କ ଉପରେ...

ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ପ୍ରଦାନ କରି ଅନ୍ୟମାନଙ୍କ ସହ ସରକାର ପ୍ରତାରିତ କରିଛନ୍ତି ବୋଲି ହିତାଧିକାରୀ ଅଭିଯୋଗ କରୁଛନ୍ତି। ଧାନର ଇନପୁଟ ସହାୟତା ବାବଦରେ ୮୦୦ ଟଙ୍କା ଦେଉଥିଲେ ହେଁ ଅତ୍ୟଧିକ କଟନୀ ଛଟନୀ ଏବଂ ମିଲରଙ୍କ ମାମଲାତି ଯୋଗୁଁ ଚାଷୀକୁଳ ଏକ ପ୍ରକାର ଅସହାୟ। ପୁନଶ୍ଚ ନିର୍ବାଚନ ପୂର୍ବରୁ ୩୦୦ ୟୁନିଟ ମାଗଣା ବିଜୁଳି ପ୍ରତିଶ୍ରୁତି ଫମ୍ପା ଘୋଷଣାରେ ପରିଣତ ହୋଇଛି। ଯାହାକୁ ନେଇ ସରକାର ବ୍ୟାକଫୁଟ୍‌ରେ ରହିଛନ୍ତି।

ତେବେ ରାଜ୍ୟରେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି ପ୍ରଶାସନିକ ସ୍ଥାଣୁତା। ନିଜେ ମୁଖ୍ୟମନ୍ତ୍ରୀ ମଧ ଏକ ନୋଟସିଟରେ ଏହାକୁ ସ୍ୱୀକାର କରିଛନ୍ତି। ତୃଣମୂଳସ୍ତରରୁ ଶୀର୍ଷ ପ୍ରଶାସନ ଯାଏଁ, ପ୍ରଶାସନ ଉପରେ ସରକାରଙ୍କ ନିୟନ୍ତ୍ରଣ ଏକପ୍ରକାର ହୁଗୁଳା ହୋଇପଡ଼ିଛି ବୋଲି କୁହାଯାଇପାରେ। ଫଳସ୍ୱରୂପ ତୃଣମୂଳ ସ୍ତରରେ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇପଡ଼ିଛି। ସେହିପରି ସରକାର ନିଜ ପ୍ରଥମ ବର୍ଷରୁ ହିଁ ରାଜ୍ୟ ଅର୍ଥନୀତି ପରିଚାଳନାରେ ଋଣ ଉପରେ ଅଧିକ ନିର୍ଭରଶୀଳ ହୋଇ ପଡ଼ିଥିବା ବେଳେ ଏହା ରାଜ୍ୟର ଅର୍ଥନୈତିକ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି ଅର୍ଥନୈତିକ ମହଲରେ ମତ ପ୍ରକାଶ ପାଇଛି। ପୁନଶ୍ଚ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ବିରୋଧୀ ହିଂସା, ପୋଲାଭରମ ଏବଂ ମହାନଦୀ ବିବାଦ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିରବତା ମଧ୍ୟ ସାଧାରଣରେ ସରକାରଙ୍କ ଛବିକୁ ମଳିନ କରିଛି। ପୁନଶ୍ଚ ନିର୍ବାଚନ ସମୟରେ ସରକାର ଦେଇଥିବା ଢେର ପ୍ରତିଶ୍ରୁତିକୁ ପୂରଣ କରିବା ଆଗାମୀ ବର୍ଷଗୁଡ଼ିକରେ ମଧ ପ୍ରମୁଖ ଆହ୍ୱାନ ସାଜିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷକରି ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାକୁ ୧୭ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରେ ଦାବି ତେଜିବାରେ ଲାଗିଛି। ସେହିପରି ଶିଳ୍ପାୟନକୁ ନେଇ ରାଜ୍ୟ ସରକାର ନିୟମିତ ଦମ୍ଭୋକ୍ତି ପ୍ରକାଶ କରୁଥିବା ବେଳେ ସେଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟନ୍ୱୟନ କରିବା ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ହୋଇଛି। କଟକରେ ଜେଏସଡବ୍ଲ୍ୟୁର ଇଭି କାରଖାନା ଏବଂ କେନ୍ଦ୍ରାପଡାରେ ନିପ୍ପନ ଷ୍ଟିଲର ପ୍ରକଳ୍ପ ଏଯାଏଁ ଅନ୍ଧାର ମଧ୍ୟରେ ଥିବା ବେଳେ ଏହାକୁ ଆସନ୍ତା ବର୍ଷରେ କାର୍ଯ୍ୟନ୍ୱୟନ କରିବା ସରକାରଙ୍କ ସମ୍ମାନର ପ୍ରଶ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କୁ ଅତ୍ୟନ୍ତ ସତର୍କତାର ସହ ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ ଶାସନକଳକୁ ଅପେକ୍ଷାକୃତ ଶୃଙ୍ଖଳିତ ଏବଂ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ବିଶେଷକରି ନିର୍ବାଚନ ପ୍ରତିଶ୍ରୁତିକୁ ପୂରଣ କରିବା ଏବଂ ସମାନ ସମୟରେ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସରକାରଙ୍କ ସାମ୍ନାରେ ଆହ୍ୱାନ ସୃଷ୍ଟି କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


**GOVERNMENT OF ODISHA, DEPARTMENT OF WATER RESOURCES**

Office of the Addl. Chief Engineer, Mechanical Circle, Bhubaneswar

Email Address: semechcircle104@gmail.com

A-282

e-Procurement Notice – Bid Identification No.: ACEM/MDL-21/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDL-21/2025-26
5. Estimated Cost : Rs. 18,70,407/-
6. Period of Completion : 01 (One) calendar months.
7. Date & time of availability of bid documents in the Portal : From dt.12.06.2025(10.00 AM) to dt.20.06.2025(5.30 PM)
8. Last date/ time for receipt of bid In the Portal : dt.20.06.2025 (up to 5.30 PM)
9. Date and Place of opening of Bid : dt.21.06.2025(12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

OIPR-32405/11/0074/2526

**AFFIDAVIT**

By virtue of an affidavit before the Executive Magistrate, Phulbani on 05.06.2025. I, Rajib Kanhar, residing at At-Upper Tamtangia, PO-Sripalli, PS-Phiringia, Dist.: Kandhamal, Odisha, Pin-762011 do hereby declare that I have changed my minor daughter's name from Subhasmita Kanhar to Katharina Kanhar. Henceforth she will be known as Katharina Kanhar for all purposes.

Sd/- Rajib Kanhar

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

GADHWAL GROUP

Mob.: 9437015112

**ହଜିଯାଇଛି**

ମୁଁ ଅନୁରାଗ ଜେନା, ବାପା- ଅଞ୍ଜନ ଜେନା, ଠିକଣା- ଯାଜଭୈରବ ତାରବଟିଆ, ମୋର ବିଟେକ୍ ଡିଗ୍ରୀ ପରୀକ୍ଷା ପ୍ରମାଣପତ୍ର ଓ ସମସ୍ତ ସେମିଷ୍ଟାର ମାର୍କସିଟ୍, ଯିଉଁଗି ରେଜିଷ୍ଟ୍ରେସନ୍ ନମ୍ବର ୦୯୦୧୩୩୫୧୨୨ ଯାହାକି ବିଜୁ ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ଦ୍ୱାରା ୨୦୧୩ ମସିହାରେ ପ୍ରଦତ୍ତ। ତା.୦୧/୦୪/୨୦୨୫ରିଖ ଦିନ ସନ୍ଧ୍ୟା ସମୟରେ ଗାନ୍ଧି ଛକ, ଚୌଦ୍ୱାର ଠାରୁ ମୋ ଘର ଠିକଣା ମଧ୍ୟରେ ଯାଉଥିବା ସମୟରେ ଡକ୍ୟୁମେଣ୍ଟଗୁଡ଼ିକ ହଜିଯାଇଛି। ମୁଁ ମଧ୍ୟ ଏହାର ନକଲ କାଗଜପତ୍ର ଅବେଦନ କରିଛି। ଯଦି ଏହା କାହାକୁ ମିଳେ, ଦୟାକରି ମୋତେ ୯୩୩୭୩୦୮୦୧୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

BY VIRTUE OF an affidavit sworn before the Executive Magistrate, Machhkund, dated 15.04.2025, I, Smt. Raila Ayal resident of Vill.- Badapada, Po.- Sagar, Ps.- Machhkund, Dist.- Koraput, Pin-764081 declare that, in my Aadhaar Card my name has been mentioned as **Raila Tayal**. In my Voter Identity card my name has been correctly mentioned as **Raila Ayal, W/o- Sanya Ayal**. Henceforth I will be known as **Raila Ayal, W/o- Sanya Ayal** for all purposes.

**AFFIDAVIT**

By virtue of an affidavit before the Executive Magistrate, Phulbani on 06.06.2025. I, Tamburudhar Kanhar, S/o Sunapa Kanhar, resident of At-Dudupanga, PO-Pahiraju, PS-Gochhapada, Dist-Kandhamal, Odisha, Pin-762002, do hereby declare that I have changed my minor daughter's name from Sumati Kanhar to Suchitra Kanhar. Henceforth she will be known as Suchitra Kanhar for all purposes.

Sd/- Tamburudhar Kanhar

**NOTICE**

(above 18 years of age)

By virtue of an affidavit sworn before Executive Magistrate, Bhadrak, Dtd. 11.06.2025, I Masterkaushik Behera, Address, At: Randia, P.O-Randiahat, Dist: Bhadrak, declare that I have changed my name from Masterkaushik to Masterkaushik Behera Henceforth, I shall be know as Masterkaushik Behera. for all purpose.

Masterkaushik Behera

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2602 dated 25.05.2025, I, **SRI RAGHUNATH PADAL**, S/o- Sri. ADIA PADAL resident of Vill.- Upapada, PO- Guniepada, Ps.- Machhkund, Dist.- Koraput declare that, I have changed my daughter's name from **SHASHMITA PADAL** to **SUSHMITA PADAL**. Henceforth she will be known as **SUSHMITA PADAL** for all purposes.

**AFFIDAVIT**

I Surendra Marandi of village Rangamatia, Po- Baripal, Ps- Ghasipura, Dist.: Keonjhar, Pin 758025, by virtue of an affidavit sworn before the Executive Magistrate, Hatadihi, bearing sl no 06, date 09.06.2025, i have changed the name of my minor daughter from Salama Marndi to Hemalata Marndi. Henceforth, she shall be known as HEMALATA MARNDI for all purpose.

Hemalata Marndi

**AFFIDAVIT**

I, Dillip Kumar Agarwalla, aged about 54 years, S/o- Late Bajaranglal Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No. 141, dtd- 09/06/2025 that now onwards I shall be known as **DILIP KUMAR AGARWALLA** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2634 dated 20.06.2025, I, Sri Dhanapati Khara, S/o- Sri Laikana Khara resident of Vill.- Kodri, Po.- Dabuguda, Ps.- Machhkund, Dist.- Koraput declare that, I have changed my daughter's name from **NIKITA KHARA** to **USHARANI KHARA**. Henceforth she will be known as **USHARANI KHARA** for all purposes.

**AFFIDAVIT**

BY VIRTUE OF an affidavit sworn before the Executive Magistrate, Machhkund dated 10.04.2025, I, **Sri. Sania Ayal**, S/o- Late Mangala Ayal, resident of Vill.- Badapada, Po.- Sagar, Ps.- Machhkund, Dist.- Koraput, Pin-764081 declare that, in my Aadhaar Card my name has been mentioned as **Sania Tayal, S/o- Mangala Tayal**. In my voter Identity Card my name has been correctly mentioned as **Sania Ayal, S/o- Mangala Ayal**. Henceforth I will be known as **Sania Ayal, S/o- Mangala Ayal** for all purposes.

**AFFIDAVIT**

By virtue of an affidavit sworn before The Notary Public, Swampatna on dated-10/06/2025. I **Judhisthira Sethy,** S/o- Muralidhar Sethy, resident of At/Po- Mushakhori, Via- Swampatna, Ps- Patana, Pin-758030 declare that I have changed my minor daughter's name from **Swatapadma Sethy** (old name) to **Kritika Sethy** (New name). Henceforth, she shall be known as **Kritika Sethy** for all future purposes.

S/d Judhisthira Sethy

**AFFIDAVIT**

By virtue of an affidavit No.6315, Dtd.20.05.2025 sworn before the Executive Magistrate, Balasore I, Gitashree Nayak, W/o. Manas Ranjan Nayak, At/Po. Attapur, PS. Soro, Dist. Balasore, Odisha, declare that in my Adhar card vide no. 356106211083 my name has been mentioned as Gitashree Sahu as prior to my marriage I was named as Gitashree Sahu, D/o. Gangadhar Sahu as per my educational qualification certificate. Hence, I hereby declare that the name of GITASHREE NAYAK and GITASHREE SAHU is the name of one and same person.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No. 2635 dated 10.06.2025, I, Sri. SANJITH SWABI, S/o- Sri Bhadra Swabi, resident of Vill.- Chalanput, Po.- Godihanjar, Ps.- Machhkund, Dist.- Koraput, declare that, I have changed my name from **SANJITH SWABI** to **SANJEET SWABI**. Henceforth I will be known as **SANJEET SWABI** for all purposes.

**AFFIDAVIT**

I, Nitu Agarwalla, aged about 46 years, W/o- Dilip Kumar Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No. 142, dtd- 09/06/2025 that now onwards I shall be known as **NITU AGRAWALLA** for all future purposes.

**ପୂର୍ବ ତଟ ରେଳପଥ**

ପାଇଲ୍ ନଂ.DRM/Engg/KUR/25-26/E-Tender/25,ତା.09.06.2025ରିଖ

ଟେଣ୍ଡର ନଂ.e-tender-EASTKUR-55-2025,ତା.28.05.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ରେଳବାଇ ଧାତୁ/GFN ଲାଇନରେ ପ୍ରଭାବିତ ଏଣ୍ଡ କଭିଙ୍ଗ ଏବଂ ସ୍ଲାବଗିଙ୍ଗ ତଥା ଠିକାଦାରଙ୍କ ସମ୍ପୂର୍ଣ୍ଣ ଉପକରଣ ଏବଂ କାରଖାନା (Plants), ଶ୍ରମିକ, ଉପଭୋଗ୍ୟ ସାମଗ୍ରୀ ଇତ୍ୟାଦି ସହିତ ସେଗୁଡ଼ିକୁ ଉପଯୁକ୍ତ ଠାରେ ଉପଲବ୍ଧ କରାଇବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 57.72 ଲକ୍ଷ, EMD (ଟଙ୍କାରେ) : 1,15,500/-, ସମ୍ପୂର୍ଣ୍ଣ ହେବା ଅବଧି : 06 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.06.2025 ରିଖ 1500 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ କେବଳ ଇ-ଟେଣ୍ଡର ମାଧ୍ୟମରେ ଗ୍ରହଣ କରାଯିବ। ...

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଟିପ୍ପଣୀ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟ୍ ପୁଣି ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(କାର୍ଯ୍ୟ), ଖୋର୍ଦ୍ଧା ରୋଡ଼

PR-221/Q/25-26

**AFFIDAVIT**

By virtue of an affidavit No. 933, dtd. 10.06.2025 in the court of the Executive Magistrate, Boudh, I, Satyaban Mahakhud, have changed my minor daughter's name from Srutirani Mahakhud to Smutirani Mahakhud. Henceforth she will be known as Smutirani Mahakhud for all purposes.

Sd/- Satyaban Mahakhud

**AFFIDAVIT**

I, Rajani Kanta Mohanty, S/o.: Ramesh Chandra Mohanty, Resident of Vill: Nausira, PO./P.S.: Tirtol, Dist.: Jagatsinghpur, PIN-754137 Odisha, declare by this affidavit No.: 445, dated-29/01/2025, that now onwards I shall be known as RAJANIKANT MOHANTY for all future purposes.

**AFFIDAVIT**

I, Pravati Mohanty, aged about 55 years, W/o- Amiya Kumar Mohanty, resident of At- Balisahi, Madhupatana, Cuttack Sadar, Madhupatana, Dist- Cuttack, PIN-753010, Odisha declared by this affidavit No. 189, dtd- 10/05/2025 that now onwards I shall be known as **PRAVABATI MOHANTY** for all future purposes.

### ପାଣିମୋରା ପାକ୍ସରେ ଧାନ ବିକ୍ରିରେ ଅନିୟମିତତା ପ୍ରସଙ୍ଗ

# ସମ୍ପାଦକ ଓ ଆକାଉଣ୍ଟାଣ୍ଟ ନିଲମ୍ବିତ

**ସୋହେଲା, ୧୧।୬(ସମିସ)**

ସୋହେଲା ବ୍ଲକ ପାଣିମୋରା ପ୍ରାଥମିକ କୃଷି ସେବା ସମବାୟ ସମିତି ତଥା ପେକ୍ସରେ ଧାନ ବିକ୍ରିରେ ଅନିୟମିତତା ଘଟଣାରେ ନିଜ କାର୍ଯ୍ୟରେ ଅବହେଳା ଅଭିଯୋଗରେ ପାଣିମୋରା ପେକ୍ସ ସମ୍ପାଦକ ଯୋଗେଶ୍ୱର ମେହେର ଏବଂ ଏକାଉଣ୍ଟେନ ବଳବନ୍ତ ପରିଡ଼ାଙ୍କୁ ଗତ ୯ ତାରିଖରେ ନିଲମ୍ବିତ କରାଯାଇଛି। ନକଲି ଧାନ କାର୍ଡ ମାଧ୍ୟମରେ ଧାନ ବିକ୍ରି କରି ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ବୋନସ ଟଙ୍କା କିଛି ନକଲି ଚାଷୀ ଆତ୍ମସାତ କରିଥିବା ନେଇ ପେକ୍ସ ଅଧିନରେ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଗତ ୪ ତାରିଖରେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ସମବାୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇ ଗତ ୬ ତାରିଖ ଦିନ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ଅଭିଯୋଗ ହୋଇଥିବା କିଛି ନିର୍ଦ୍ଦିଷ୍ଟ ଚାଷୀଙ୍କ ଧାନକାର୍ଡ ତିଆରି ସମୟରେ ନକଲି କାଗଜ



ପତ୍ର ଦେଇ ଧାନ କାର୍ଡ ତିଆରି ହୋଇଥିବା ଏବଂ ଉକ୍ତ ଧାନ କାର୍ଡରେ ଲକ୍ଷ ଲକ୍ଷ ଟଙ୍କାର ଧାନ ବିକ୍ରି କରାଯାଇଥିବା ଜଣାପଡ଼ିଥିଲା। ଘଟଣାର ତଦନ୍ତ ପାଇଁ ଆସିଥିବା ପଦ୍ମପୁର ଏଆର୍‌ସିଏସ୍ ଗୋପାଳ ପୃସେଠ ଏବଂ ଇନ୍ସପେକ୍ଟର ହିମାଂଶୁ ଶେଖର ରାଉତ ପାଣିମୋରା ପେକ୍ସର ନଥିପତ୍ର ଯାଞ୍ଚ କରିଥିଲେ। କୁସୁର୍ଡ଼ା ଗ୍ରାମର ୧୪ ଜଣ ଚାଷୀଙ୍କ ନକଲି ଓ ବିନା ବିଦ୍ୟୁତ ବିଲରେ ଧାନ କାର୍ଡ ତିଆରି ହୋଇଥିବା ଜଣାପଡ଼ିଥିବା। ଏଆର୍‌ସିଏସ ଶ୍ରୀ ପୃଷ୍ଟେଠ ସୂଚାଇଛନ୍ତି। ଏହି ଘଟଣାରେ ନିଜ କାର୍ଯ୍ୟରେ ଅବହେଳା ଅଭିଯୋଗରେ ପାଣିମୋରା ପେକ୍ସ ସମ୍ପାଦକ ଯୋଗେଶ୍ୱର ମେହେର ଏବଂ ଏକାଉଣ୍ଟେନ ବଳବନ୍ତ ପରିଡ଼ାଙ୍କୁ ଗତ ୯ ତାରିଖରେ ନିଲମ୍ବିତ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ତେବେ ଏହି ନକଲି ଧାନ କାର୍ଡ କାରବାର ପେକ୍ସର ଜଣେ କର୍ମଚାରୀଙ୍କ ଜାଣତରେ ଚାଲିଥିବା ଓ ଏହା ପଛରେ ଏକ ବଡ଼ ରାକେଟ ଥିବା ଜଣାପଡ଼ିଛି। ଏହି ପେକ୍ସରେ ଶହ ଶହ ନକଲି ଧାନ କାର୍ଡ ତିଆରି ହୋଇଥିବା ଓ ସେମାନଙ୍କ ଧାନ ବିକ୍ରି ହୋଇଥିବା ବେଳେ ମାତ୍ର ୧୪ ଜଣଙ୍କ କାର୍ଡ ଯାଞ୍ଚ କରି ବିଭାଗ ଦାୟିତ୍ୱ ସାରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହିପରି ସମାନ ଅଭିଯୋଗ ସୋହେଲା ବ୍ଲକ ଘେସଁ ପେକ୍ସରେ ମଧ୍ୟ ହୋଇଛି। ଏଣୁ ଏହି ଘଟଣାର ଉଚ୍ଚସ୍ତରୀୟ ଯାଞ୍ଚ କରାଯାଇ ନକଲି କାର୍ଡଧାରୀ ଚାଷୀ ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅସାଧୁ କର୍ମଚାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଓ ଆତ୍ମସାତ କରାଯାଇଥିବା ସରକାରଙ୍କ ବୋନସ ଟଙ୍କାକୁ ସେମାନଙ୍କ ନିକଟରୁ ଫେରସ୍ତ ଆଣିବାକୁ ଚାଷୀମାନେ ଦାବି କରିଛନ୍ତି।

## ରଜରେ ରାଷ୍ଟ୍ରପତି ଭବନରେ ସମ୍ବଲପୁରୀ ନୃତ୍ୟ କରିବ 'ଉକିଆ'



**ସମ୍ବଲପୁର, ୧୧।୬ (ସମିସ)** : ଆସନ୍ତା ୧୪ ତାରିଖ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶାର ରଜ ପର୍ବ ଉତ୍ସବରେ ସମ୍ବଲପୁରର ସ୍ୱନାମଧନ୍ୟ ଅନୁଷ୍ଠାନ 'ଉକିଆ' ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯିବ। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗୁରୁ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଟ୍ରେନ ଯୋଗେ ୧୫ ଜଣିଆ ଦଳ ଦିଲ୍ଲୀ ଯାତ୍ରା କରିଛନ୍ତି। ଏହି ଦଳରେ ଗୁରୁ ଶ୍ରୀ ସାହୁଙ୍କ ସହ ମନୋଜ ପ୍ରଧାନ, ପବିତ୍ର ପ୍ରସାଦ ପ୍ରଧାନ, ନିତିଶ କୁମାର ଗୁରୁ, ରାଜୀବ ମେହେର, ରଞ୍ଜନ ପଟ୍ଟନାୟକ, ଦୀପାଳି ଚୌଧୁରୀ, ଜି. ସିମରନ ଆଚାର୍ଯ୍ୟ, ପ୍ରମିଳା ତାଣ୍ଡି, ରାଖୀ ଦୀପ, ପାୟଲ ତ୍ରିପାଠୀ, ସ୍ୱରୁପା ସିଂ, ଦିବ୍ୟରାଣୀ ବିଶି, ଚେତନାମୟୀ ବେହେରା, ପ୍ରତୀକ୍ଷା ଦାଶ ପ୍ରମୁଖ ରହିଛନ୍ତି। ଏହି ଦଳ ସେଠାରେ ପ୍ରସିଦ୍ଧ ସମ୍ବଲପୁରୀ ନୃତ୍ୟ 'ଡାଲଖାଇ' ପରିବେଷଣ କରିବେ ବୋଲି ଗୁରୁ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

**କୁଚିଣ୍ଡା, ୧୧।୬(ସମିସ)**: ବାମରା ବ୍ଲକର ଗୋବିନ୍ଦପୁର ଥାନା ଅଧୀନ ଲୁଦୁପଡ଼ା ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ପରିସ୍ଥିତିରେ ମିଳିଥିଲା। ମୃତକଙ୍କ ପରିବାର ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ମୃତକ ହେଉଛନ୍ତି ଆଶୋକ କୁଜୁର। ସୂଚନା ଅନୁସାରେ ସେ ସୁରତରେ ଜଣେ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିଲେ। କିଛି ମାସପରେ ତାଙ୍କ ବିବାହ ହୋଇଥାନ୍ତା। ରାତିରେ ଘର ପାଖରେ ଥିବା ରାସ୍ତାରେ ବସି ତାଙ୍କ ସ୍ନେହାସ୍ପଦାଙ୍କ ସହିତ ଫୋନ୍‌ରେ କଥା ହେଉଥିଲେ। ସକାଳେ ପରିବାର ଲୋକେ ତାଙ୍କୁ ରାସ୍ତାରେ ପଡ଼ିଥିବା ଦେଖିଥିଲେ। ତାଙ୍କ ମୁହଁ ଏବଂ ନାକ ଉପରେ ଆଘାତ ଚିହ୍ନଥିଲା। ତାଙ୍କ ମୋବାଇଲ ଓ ତକିଆ ମୃତଦେହ ନିକଟରେ ମିଳିଛି। ଗୋବିନ୍ଦପୁର ଥାନା ଆଇଆଇସି ରାଜେନ୍ଦ୍ର ବେହେରା କହିଛନ୍ତି ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଅଧିକ ରିପୋର୍ଟ ମିଳିପାରିବ। ଗଡ଼ପୋଷ ରାସ୍ତା ମାର୍ଗର ସିସିଟିଭି ଫୁଟେଜ୍ ଯାଞ୍ଚ ହେଉଛି।

## ମୋବାଇଲ ଚୋରି କରି ୨ ଗିରଫ

**ସମ୍ବଲପୁର, ୧୧।୬(ସମିସ)**: ଆଜି ବରେଇପାଲି ଥାନି ପୁଲିସ ମୋବାଇଲ ଚୋରି କରିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। କ୍ଷେତରାଜପୁର ଥାନାଞ୍ଚଳର ହଳଦିମିଲପଡ଼ାର ରାକେଶ ସୁନା ଓ ଅମରିପଡ଼ାର ମନୋଜ ବାଗ। ତାଙ୍କ ଠାରୁ ୨ ଟି ବାଇକ, ଏକ ଛୁରୀ ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଛି। ସୂଚନାମୁତାବକ ୨ ଜଣ ଅଭିଯୁକ୍ତ ବରେଇପାଲିରୁ ଏକ କଳା ରଙ୍ଗର ବାଇକରେ ଆସି ରିତିକ ରୋଶନ କୁମାର(୧୮)ଙ୍କ ଠାରୁ ମୋବାଇଲ ଚୋରି କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଘଟଣାସ୍ଥଳରୁ ତାଙ୍କୁ ଧରି ପୁଲିସ ଜିମା ଦିଆଯାଇଥିଲା। ରିତିକ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ସମାଜସେବୀଙ୍କ ପରଲୋକ

**ସମ୍ବଲପୁର, ୧୧।୬ (ସମିସ)** : ସମାଜସେବୀ ଅସିତ୍ କୁମାର ପରିଜା (ଟିଲୁ)ଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା।



ଗତ ୨୦ ବର୍ଷ ହେଲା ସେ ଅଇଁଠାପାଲି ଅଞ୍ଚଳରେ ରହିଆସୁଥିଲେ। ସେ ଜଣେ ସରଳ, ମେଳାପୀ ଓ ସମାଜସେବାରେ ବ୍ରତୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ପରିବାର ତଥା ବନ୍ଧୁସ୍ୱଜନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପଛରେ ପତ୍ନୀ ମଞ୍ଜୁବାଳା ପରିଜା, ପୁଅ ଓ ଝିଅ ଅଭିଷେକ ଓ ଅଙ୍କିତା ତଥା ପରିବାର ବର୍ଗ ଭିଣୋଇ ଲଳିତ କୁମାର ପଟ୍ଟନାୟକ ରହିଛନ୍ତି। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଅଭିଷେକ ମୁଖାଗ୍ନି ଦେଇଥିଲେ।

## ଭୂୟାଁ ସମାଜ ସଭା ଚାଲିଥିବାବେଳେ ଗଣ୍ଡଗୋଳ

**କୁଚିଣ୍ଡା, ୧୧।୬(ସମିସ)** : କୁଚିଣ୍ଡା ପଞ୍ଚାୟତ ସମିତି ବକ୍ସମା ପଞ୍ଚାୟତର ଭେଲୁଆଁପାଲ ଗ୍ରାମରେ ପଞ୍ଚଶତ ଭୂୟାଁ ସମାଜ ପକ୍ଷରୁ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବଣାଇ, ଦେବଗଡ଼ ଏବ କୁଚିଣ୍ଡା ଅଞ୍ଚଳର ବହୁ ସ୍ଥାନରୁ ଭୂୟାଁ ସମ୍ପ୍ରଦାୟ ଜାତି ସମାଜକୁ ନେଇ ଉପଖଣ୍ଡ ସଭାପତି ଇରାତ କୁମାର ନାଏକଙ୍କ ସଭାପତିତ୍ୱ ରେ ସଭା ଚାଲିଥିଲା। ପ୍ରାରମ୍ଭରୁ ବୈଠକ ଠିକ ଠାକ ଚାଲିଥିଲା, ହେଲେ ବୈଠକର ଶେଷ ଆଡ଼କୁ ଇରାତ ନାଏକ ବକ୍ତବ୍ୟ ରଖୁଥିବାବେଳେ ଇରାତଙ୍କ ଭାଇ ମାଇକରେ କିଛି କହିବା ପାଇଁ ଅନୁରୋଧ କରିଥିଲେ, ହେଲେ ଇରାତ ନିଜ ଭାଇକୁ କହିବାକୁ ବାରଣ କରିଥିଲେ। ଏତିକି ବେଳେ ମଞ୍ଚ ଉପରେ



ବହୁ ଲୋକ ଚଢ଼ି ଯିବାରୁ ମଞ୍ଚ ଉପରୁ ଇରାତ ତଳେ ପଡ଼ିଯାଇଥିଲେ, ଏହାପରେ ଗଣ୍ଡ ଗୋଳର ସୂତ୍ରପାତ ହୋଇଥିଲା। କିଛି ବ୍ୟକ୍ତି ଖଣ୍ଡିଆଖାବରା ହୋଇ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସଭା ମଞ୍ଚ ପାଖରେ ଥିବା ଏକ ବୋଲେରୋକୁ ପଥର ମାରି ଭାଙ୍ଗି ଦେଇଥିଲେ। ସଭା ପାଇଁ ପୁଲିସ ଅନୁମତି ଦେଇ ନ ଥିବା ବେଳେ ଜୋର ଜବରଦସ୍ତ ସଭା କରିଥିବା ପୁଲିସ କହିଛି।

## ବର୍ଷତମାମ କାର୍ଯ୍ୟକ୍ରମ ନେଇ ଆଲୋଚନା



**ସମ୍ବଲପୁର, ୧୧।୬ (ସମିସ)** : ରୋଟାରୀ କ୍ଲବ ସମ୍ବଲପୁର ପକ୍ଷରୁ ଅନୁଷ୍ଠାନ ପରିସରରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ବର୍ଷତମାମର କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯାଇଛି। ଚଳିତ ୨୦୨୫ -୨୬ ବର୍ଷରେ ଚାରାରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଶୀତବସ୍ତ୍ର ପ୍ରଦାନ, ଭିନ୍ନକ୍ଷମଙ୍କୁ ହ୍ୱିଲଚେୟାର ଆଦି ଉପକରଣ ପ୍ରଦାନ କରାଯିବା କ୍ଲବ୍ ପକ୍ଷରୁ ପ୍ରସ୍ତାବଗୃହୀତ ହୋଇଛି। ଜୁଲାଇ ୧ ତାରିଖରେ ଚଳିତବର୍ଷ ରୋଟାରି କ୍ଲବ୍ ସମ୍ବଲପୁରର ନୂତନ ସଭାପତି ଭାବେ ରଶ୍ମୀରଞ୍ଜନ ମହାପାତ୍ର ଦାୟିତ୍ୱ ଗ୍ରହଣ କରିବାକୁ ଥିବାବେଳେ ଦେବାଶିଷ ରାୟଗୁରୁ ସମ୍ପାଦକ ଦାୟିତ୍ୱରେ ରହିବେ। ରୋଟାରି କ୍ଲବ୍ ସଭାପତି ତୁଷାରକାନ୍ତ ପ୍ରଧାନଙ୍କ ସମେତ ବହୁସଂଖ୍ୟକ ସଭ୍ୟ ଉପସ୍ଥିତ ଥିଲେ।

## ଜୟ ଜର୍ଜଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୧୧।୬(ସମିସ)**: ସମ୍ବଲପୁର ଜିଲ୍ଲା ପ୍ରଶାସନର ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ସମ୍ବଲପୁର ଜିଲ୍ଲା ରେଡକ୍ରସ୍‌ର ସମ୍ପାଦକ ଜୟ ଜର୍ଜଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ ମହାନ୍ତି ଓ ବିଜୁ ଯୁବ ଜନତା ଦଳର ପୂର୍ବତନ କାର୍ଯ୍ୟକାରୀ ସଭାପତି ସଞ୍ଜିତ ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ଇଂ ପୂଜାରି କହିଛନ୍ତି ଜୟ ଜର୍ଜଙ୍କ ଦେହାନ୍ତ ଖବର ଶୁଣି ଇଂ ପୂଜାରୀ ଅତ୍ୟନ୍ତ ଦୁଃଖିତ। ସ୍ୱର୍ଗତ ଜର୍ଜ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ସମୟରେ ହେଉ ଅବା ରେଡକ୍ରସ ସମ୍ପାଦକ ଦାୟିତ୍ୱରେ ଥିବା ସମୟରେ ସମ୍ବଲପୁର ଜିଲ୍ଲାର କୋଣ ଅନୁକୋଣରୁ ଆସୁଥିବା ଅସହାୟ, ଗରିବ ବିଶେଷ କରି ରୋଗୀ ମାନଙ୍କୁ ଆନ୍ତରିକତାର ସହ ସେବା ଯୋଗାଇ ପ୍ରୀୟଭାଜନ ହୋଇପାରିଥିଲେ। ଶ୍ରୀ ମହାନ୍ତି କହିଛନ୍ତି ସ୍ୱର୍ଗୀୟ ଜର୍ଜ କେରଳର ଜଣେ ବାମପନ୍ଥୀ ନେତା ତଥା ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଥିଲେ। ସେ ଓଡ଼ିଶା ଆସି ଜଣେ ସାଧାରଣ କର୍ମଚାରୀ ତଥା ଅଧିକାରୀ ହୋଇ ଏବଂ ପରେ ସମ୍ବଲପୁର ଜିଲ୍ଲା ରେଡକ୍ରସ ସୋସାଇଟିର ସମ୍ପାଦକ ଭାବରେ କାର୍ଯ୍ୟକରି ଆସିଥିଲେ। ଚାକିରିରୁ ଅବସର ନେବା ପରେ ମଧ୍ୟ ଏହି ସୋସାଇଟି ସମ୍ପାଦକ ଭାବରେ ଦୀର୍ଘ ବର୍ଷ ସେବା କରି ଆସିଥିଲେ।

## ରେଡକ୍ରସ ପ୍ରାକ୍ତନ ସଚିବ ଜୟ ଜର୍ଜଙ୍କ ପରଲୋକ

**ସମ୍ବଲପୁର, ୧୧।୬ (ସମିସ)** : ବିଶିଷ୍ଟ ସମାଜସେବୀ ତଥା ଓଡ଼ିଶା ରେଡ଼କ୍ରସ ସୋସାଇଟି ସମ୍ବଲପୁର ଜିଲ୍ଲା ଶାଖାର ପ୍ରାକ୍ତନ ସମ୍ପାଦକ ଜୟ ଜର୍ଜଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ତାଙ୍କ ପଛରେ ପତ୍ନୀ, ପୁଅ ଓ ଦୁଇ ଝିଅ, ବୋହୂ, ଜ୍ୱାଇଁ ତଥା ନାତିନାତୁଣୀ ଅଛନ୍ତି।



ଭୁବନେଶ୍ୱରରେ ତାଙ୍କ ପୁଅ ଘରେ ଥିବାବେଳେ ବୁଧବାର ସକାଳେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ସମ୍ବଲପୁରକୁ ଅଣାଯାଇଥିବାବେଳେ ଶୁକ୍ରବାର ସକାଳେ ତାଙ୍କ ଶେଷକୃତ୍ୟ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। କୁଲୁତକାନିସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ତଥା ସାମାଜିକ ସଙ୍ଗଠନ କର୍ମକର୍ତ୍ତା ତାଙ୍କ ଶେଷ ଦର୍ଶନ କରିଛନ୍ତି।

ଜୟ ଜର୍ଜ ୧୯୪୬ ଅକ୍ଟୋବର ୮ ତାରିଖରେ କେରଳର ଆଲାପୁଜାଠାରେ ଜନ୍ମଗ୍ରହଣ କରିଥିଲେ। ସେ କେରଳର ସନାତନ ଧର୍ମ ବିଦ୍ୟାଶାଳାରୁ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ସେ ସମ୍ବଲପୁରରେ ଚାକିରି ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଓଡ଼ିଶା ପ୍ରଶାସନିକ ସେବାକୁ ପଦୋନ୍ନତି ପାଇ ସମ୍ବଲପୁରରେ ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ମୁଖ୍ୟ ଖାଦ୍ୟ ଓ ଯୋଗାଣ ଅଧିକାରୀ, ଉପଜିଲ୍ଲାପାଳ, ଜରୁରୀକାଳୀନ ଅଧିକାରୀ ଓ ଶେଷରେ ଜିଲ୍ଲା ରେଡକ୍ରସ ସୋସାଇଟିର ସମ୍ପାଦକ ଭାବେ କାର୍ଯ୍ୟ କରି ୨୦୦୫ ମସିହାରେ ଅବସର ଗ୍ରହଣ କରିଥିଲେ। ଜୟ ଜର୍ଜଙ୍କ ବିୟୋଗରେ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ, ତ୍ୟାଗ, ଜ୍ୟୋତି, ସମ୍ବଲ, ସେତୁ, ଓଡ଼ିଶା ସାଂସ୍କୃତିକ ସମାଜ, ଜିଲା କ୍ରୀଡ଼ା ସଂଘ, ଭାରତ ବିକାଶ ପରିଷଦ, ଭାରତୀୟ ଶିକ୍ଷଣ ମଣ୍ଡଳ, କଲମ ପରିବାର, ଭୀମଭୋଇ ସାହିତ୍ୟ ସଂସଦ, ବୁର୍ଲାର ପ୍ରତିଷ୍ଠା ପରିବାର, ଭାରତୀ କଳା ବିକାଶ କେନ୍ଦ୍ର, ସମ୍ବଲପୁର କଳା ପରିଷଦ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି।

## ଯୋଗ ଦିବସ ଓ ସବୁଜ ସମ୍ବଲପୁର ମିଶନ ଲାଗି ପ୍ରସ୍ତୁତି



**ସମ୍ବଲପୁର, ୧୧।୬ (ସମିସ)** : ଜିଲ୍ଲା ପରିଷଦସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ଏବଂ ସବୁଜ ସମ୍ବଲପୁର ମିଶନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗ ଦିବସ ପରିଚାଳନା, ଅଧିକାରୀ ତଥା ଅଂଶଗ୍ରହଣକାରୀଙ୍କ ସହଯୋଗ, ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଯୋଗାଭ୍ୟାସ ଓ ସାଧାରଣ ଲୋକଙ୍କ ଅଂଶଗ୍ରହଣ, ଆବଶ୍ୟକ ଉପକରଣ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ପ୍ରଚାର ପ୍ରସାର ଆଦି ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ସେହିପରି ସବୁଜ ସମ୍ବଲପୁର ମିଶନରେ ସମସ୍ତ ଅନୁଷ୍ଠାନର ସହଯୋଗ, ସରକାରୀ ଓ ବେସରକାରୀ ସଂଗଠନ ପକ୍ଷରୁ ଚାରାରୋପଣ ଓ ତାହାର ଯତ୍ନ ନେବା ବିଷୟରେ ଉପସ୍ଥିତ ଅଧିକାରୀମାନେ ମତ ରଖିଥିଲେ। ବୈଠକରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଡିଏଫ୍ଓ କଳିଙ୍ଗ ଗୋରଖ ୱାମନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ୫ ବର୍ଷ ହେଲା ମିଳୁନି ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର

**ଥୁଆମୂଳ ରାମପୁର, ୧୧।୬(ସମିସ)**: ସମାଜର ଅସହାୟ ଲୋକଙ୍କୁ ସାମାଜିକ ସ୍ତରରେ ସୁରକ୍ଷା ପ୍ରଦାନ କରାଯିବା ଲକ୍ଷ୍ୟ ନେଇ ସରକାର ସାମାଜିକ ସୁରକ୍ଷା ଯୋଜନା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଏବଂ ବିଧବାଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରି ସହାୟତା ପ୍ରଦାନ କରିବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। ଏଥିପାଇଁ ସାମାଜିକ ସୁରକ୍ଷା ବିଭାଗ ମାଧ୍ୟମରେ ସରକାରଙ୍କୁ ବିଭିନ୍ନ ଯୋଗ୍ୟ ପ୍ରମାଣପତ୍ର ଦେବାକୁ ପଡ଼ିଥାଏ। ବାର୍ଦ୍ଧକ୍ୟ ଭତ୍ତା ପାଇଁ ବୟସ ପ୍ରମାଣ ପାଇଁ ଆଧାର୍ କିମ୍ବା ଭୋଟର ପରିଚୟ ପତ୍ର ଦେବାକୁ ପଡ଼ିଥାଏ। ସେହିଭଳି ବିଧବା ଭତ୍ତା ପାଇବା ପାଇଁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଏବଂ ଭିନ୍ନକ୍ଷମ ଭତ୍ତା ପାଇବା ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନରେ ସଂଲଗ୍ନ କରିବାକୁ ପଡ଼ିଥାଏ; ହେଲେ ବେଳେ ବେଳେ ଏସବୁ ପ୍ରମାଣପତ୍ରରେ ବିଭିନ୍ନ ତ୍ରୁଟି ରହୁଥିବା ଯୋଗୁଁ ଲୋକେ ସରକାରୀ ସୁବିଧା ସୁଯୋଗ ପିବାରୁ ବଞ୍ଚିତ ହେଉଛନ୍ତି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କିଆପଦର ପଞ୍ଚାୟତ ଡାଲଗୁମା ଗ୍ରାମରେ ଏହା ଦେଖିବାକୁ ମିଳିଛି। ଏହି ଗାଁର କୁଗଞ୍ଜି ମାଝୀ ତାଙ୍କ ସ୍ୱାମୀଙ୍କୁ ହରାଇବା ଏହା ଭିତରେ ୫ ବର୍ଷ ହୋଇ ଗଲାଣି। ୩ ଛୁଆଙ୍କୁ ବହୁ କଷ୍ଟରେ ଆହର ଦେଉଛନ୍ତି। ସ୍ୱାମୀ ରୁପା ମାଝୀ ୨୦୧୯ରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।

**୩ ପିଲାଙ୍କୁ ଦୁଃଖକଷ୍ଟରେ ଚଳାଉଛନ୍ତି ସ୍ତ୍ରୀ**

**ଆଜି ପର୍ଯ୍ୟନ୍ତ ବିଧବା ଭତ୍ତା ମିଳୁନି**

**ଥୁଆମୂଳ ରାମପୁର ଡାକ୍ତରଖାନାର ଜନ୍ମମୃତ୍ୟୁ ପ୍ରମାଣପତ୍ର ଦେବାକୁ କର୍ମଚାରୀ ନାହାନ୍ତି**

ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ସେ ନୟାନ୍ତ ହୋଇସାରିଲେଣି। ମୃତ୍ୟୁ ପ୍ରମାଣପତ୍ର ନ ଥିବା ଯୋଗୁଁ ସେ ବିଧବା ଭତ୍ତାରୁ ହେବାକୁ ପଡ଼ିଛି। ପରିବାର ପ୍ରତିପୋଷଣ କରୁଥିବା ଘରର ମୁରବି ଚାଲିଗଲା ପରେ ଏବେ କୁଗଞ୍ଜିଙ୍କ ଉପରେ ସବୁ ବୋଝ। ୨ ନାବାଳକ ପୁଅ ଓ ଗୋଟିଏ ନାବାଳିକା ଝିଅଙ୍କୁ ନେଇ ସେ ଅଭାବ ଭିତରେ ଚଳୁଛନ୍ତି। ଅନ୍ୟପକ୍ଷେ ଥୁଆମୂଳ ରାମପୁର ଡାକ୍ତରଖାନାର ଜନ୍ମମୃତ୍ୟୁ ପ୍ରମାଣପତ୍ର କର୍ମଚାରୀ ବା ଭିଏସ ପଦ ଖାଲି ପଡ଼ିଛି। ଏହା ଫଳରେ ଲୋକେ ଅନେକ



ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ପ୍ରମାଣପତ୍ର ପାଇଁ ଦୂରଦୂରାନ୍ତରୁ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ବିଭାଗୀୟ ଅଧିକାରୀ ଏ ଦିଗରେ ଧ୍ୟାନ ଦେଉ ନଥିବାରୁ ଲୋକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଏପରି ସ୍ଥଳେ କୁଗଞ୍ଜିଙ୍କୁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର କିପରି ମିଳିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି।

## କ୍ଷତ୍ରୀୟ ଖଣ୍ଡାୟତ ମହାସଭାର ବାର୍ଷିକ ଉତ୍ସବ




**ସମ୍ବଲପୁର, ୧୧।୬ (ସମିସ)** : ଉତ୍କଳ ବିକାଶ ପରିଷଦ ଆନୁକୂଲ୍ୟରେ କ୍ଷତ୍ରିୟ ଖଣ୍ଡାୟତ ମହାସଭାର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଇକ ଆଖଡା କ୍ଷତ୍ରିୟ ଜାତିର ପାରମ୍ପରିକ ରଣକୌଶଳ ସହିତ ପାଇକ ଗୁରୁ ରଞ୍ଜନ କୁମାର ବିଶୋଇଙ୍କ ଖଣ୍ଡାଚାଳନା, ବନାଟି ଚାଳନା, ଫଡିଖଣ୍ଡି ଇତ୍ୟାଦି ଖେଳ ପ୍ରଦର୍ଶନ କରିବା ସହିତ ପାଇକମାନେ ବୁର୍ଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ କ୍ଷତ୍ରିୟ ଖଣ୍ଡାୟତ ମହାସଭା ସଭାଗୃହ ପର୍ଯ୍ୟନ୍ତ ଆସିଥିଲେ। ଏଥିରେ ଅନ୍ୟତମ ଆକର୍ଷଣ ଭାବେ ଧନୁଯାତ୍ରାର କଂସ ମହାରାଜଙ୍କ ରହିଥିଲେ। ଭରତ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଉତ୍କଳ ବିକାଶ ପରିଷଦର ରାଜ୍ୟ ସଭାପତି ନଟବର ଖୁଣ୍ଟିଆ, ମୁଖ୍ୟବକ୍ତା ରାଜ୍ୟ ମହାସଚିବ ଅନୀଲ ଦଳାଇଙ୍କ ସମେତ ବୌଦ୍ଧ, ସୋନପୁର, ବଲାଙ୍ଗିର ଓ ବରଗଡ଼ର କ୍ଷତ୍ରିୟ ଖଣ୍ଡାୟତ ଜାତିର ସଭାପତିମାନେ ଯୋଗ ଦେଇଥିଲେ। ଶ୍ରୀ ଦଳାଇ କ୍ଷତ୍ରିୟ ଖଣ୍ଡାୟତ ଭବିଷ୍ୟତ ଉପରେ ନିଜର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବରେଣ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଭାର ଏକ ମହିଳା ମୋର୍ଚ୍ଚା ଗଠନ କରାଯାଇ ନମିତା ପରିଡ଼ାଙ୍କୁ ସଭାନେତ୍ରୀ ଦାୟିତ୍ୱ ଦିଆଯାଇଥିଲା। ସାଂଗଠନିକ ସଭାପତି ସୁର କୁମାର ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରୋକ୍ଟୋଲୋଜି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୧।୬ (ସମିସ)**

ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍) ପକ୍ଷରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଇଁଠାପାଲିସ୍ଥିତ ସ୍ୱାଗତ କନ୍‌ଭେନ୍‌ସେନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରୋକ୍ଟୋଲୋଜି (ମଳାଶୟ ରୋଗ ଚିକିତ୍ସା ବିଜ୍ଞାନ) ଆଗ୍ରହୀ ଏମ୍‌ବିବିଏସ୍, ବିଏଏମ୍‌ଏସ୍, ବିଏଚ୍‌ଏମ୍‌ଏସ୍ ପ୍ରାକ୍ଟିସନର୍‌ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜୟ କୁମାର ବେହେରା ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗଙ୍ଗାଧର ମହାନନ୍ଦଙ୍କ ସହ ପ୍ରୋକ୍ଟୋଲୋଜି ଏଡୁକେଶନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶକ ଡା. ଚତୁର୍ଭୁଜ ଭୂୟାଁ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନ ପରେ ପ୍ରୋକ୍ଟୋଲୋଜି, ଗ୍ୟାଷ୍ଟ୍ରୋ ଏଣ୍ଟରଲୋଜିର




ସୁପର ସ୍ପେସିଆଲିଷ୍ଟ ବିଭାଗର ରୂପ ନେଇ ବର୍ତ୍ତମାନ ମଳାଶୟରେ ହେଉଥିବା ରୋଗ ପାଇଲ୍ସ, ଫିସ୍ଟୁଲା, ଫିସର, ଷ୍ଟ୍ରିକ୍ଚର, ପ୍ରୋଲାପସ୍, ସାଇନ୍‌ସ, ପ୍ରୋକ୍ଟାଇଟିସ୍ ପ୍ରାୟତଃ ୪୦ ପ୍ରକାର ରୋଗର ସମନ୍ୱିତ ଚିକିତ୍ସା କରାଯିବା ବିଷୟରେ ଆଲୋଚନା ହୋଇଥିଲା। ଅତ୍ୟାଧୁନିକ ପଦ୍ଧତିମାନ ତଥା ଏହାର ସମୟ, ବିଧି, ବିଧାନ, ରୋଗ ନିଦାନ, ନିରୂପଣ ଓ ପୂର୍ଣ୍ଣ, ଭେଷଜ, ସର୍ଜରୀ, ପାରାସର୍ଜରୀ ଚିକିତ୍ସା ଇତ୍ୟାଦି ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରି ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରାକ୍ଟିସନର୍‌ମାନଙ୍କୁ ଶିକ୍ଷଣ ପାଇଁ ପ୍ରଫେସର ଭୂୟାଁଙ୍କ ମଳାଶୟ ରୋଗ ସମ୍ପର୍କିତ ପ୍ରାକ୍ଟିସ୍ ଅଫ୍ ଆନୋରେକ୍ଟମ କେୟାର ଆଣ୍ଡ ହେଲ୍‌ଥ ପୁସ୍ତକ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଦିନ ମଲ୍ଟି ସ୍ପେସିଆଲିଷ୍ଟ କ୍ଲିନିକ୍‌ରେ ପ୍ରଫେସର ଭୂୟାଁ ପ୍ରାକ୍ଟିକାଲ୍ ଟ୍ରେନିଂ ଦେଇଥିଲେ। ଆଗାମୀ ଦିନରେ ସମ୍ବଲପୁରରେ ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି ପକ୍ଷରୁ ଏକ ଆନ୍ତର୍ଜାତୀୟ କନ୍‌ଫରେନ୍ସ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଶେଷରେ ଡା. ନିତ୍ୟାନନ୍ଦ ସାହୁ, ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଡା. ନିଳାଦ୍ରି ବେହେରା, ଡା. ଦେବଦତ୍ତ ପରିଡ଼ା, ଡା. ରାମ ପଟେଲ, ଡା. ବିରେନ୍ଦ୍ର ବଡ଼ାଇ, ବିଶ୍ୱଜିତ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜନ ପ୍ରତିନିଧିଙ୍କ ଅଗୋଚରରେ ହେଉଛି ଉନ୍ନୟନ କାର୍ଯ୍ୟ

ଭେଡେନ, ୧୧।୬(ସମିସ): ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶାରେ ହେଉଥିବା ଉନ୍ନୟନ କାମ ଗୁଡିକ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟଙ୍କ ଗୋଚରରେ ହେବା ନେଇ ସରକାରୀ ମାର୍ଗଦର୍ଶିକା ଅଛି। ହେଲେ ଭେଡେନ ବ୍ଲକରେ ସରପଞ୍ଚ ସମିତି ସଭ୍ୟଙ୍କୁ ନ ପଚାରି କାମ ଗୁଡିକ କରାଯାଉଥିବା

**● ବିଡିଓଙ୍କୁ ସରପଞ୍ଚ ଓ ସମିତି ସଭ୍ୟ ସଂଘର ଦାବିପତ୍ର**



ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାର ଭେଡେନ ବ୍ଲକ ସରପଞ୍ଚ ସଂଘ ଓ ସମିତି ସଭ୍ୟ ସଂଘ ତରଫରୁ ବିଡିଓ ତ୍ରିପୁର ମହାନନ୍ଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ଆଗରୁ ଭେଡେନ ସମିତି ବୈଠକରେ ହଟ୍ଟଗୋଲ ହେବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ଲକ ଅଧିକାରୀମାନେ ଜନପ୍ରତିନିଧିଙ୍କ କଥା ଶୁଣୁ ନଥିବା ସହିତ ତାଙ୍କୁ ସହଯୋଗ ମଧ କରୁନଥିବା ନେଇ ଅଭିଯୋଗ ହୋଇଥିଲା। ତଥାପି ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଗଚରରେ କାର୍ଯ୍ୟଗୁଡିକ କରାଯାଉଛି। ଏଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ନଗଲେ ବ୍ଲକର କୌଣସି କାମରେ ସହଯୋଗ କରାଯିବ ନାହିଁ, ବ୍ଲକରେ ତାଲା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଶୁଣାଯାଇଛି।

## ଦୁର୍ନୀତି ବିରୋଧରେ ସ୍ୱର ଉଠାଇବାରୁ ପରିବାର ଲୋକଙ୍କୁ ଆକ୍ରମଣ ଘଟଣା

# ଫେରାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

ବରଗଡ଼, ୧୧।୬(ସମିସ):



ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଶେମେଲଗୁଡାରେ ଦୁର୍ନୀତି ବିରୋଧରେ ସ୍ୱର ଉଠାଇବାରୁ ଗୋଟିଏ ପରିବାରକୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଫେରାର ଥିବା ୧୦ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରି ଆକ୍ରମଣର ଶିକାର ହୋଇଥିବା ପରିବାର ବୁଧବାର ବରଗଡ଼ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, ଏହି ଗ୍ରାମର ଗାଁ ସାଥି ଦୁର୍ନୀତି କରୁଥିବା ନେଇ ଆକ୍ରମଣର ଶିକାର ହୋଇଥିବା ପରିବାର ଓ ଗାଁ ଲୋକେ ସ୍ୱର ଉତ୍ତୋଳନ କରିଥିଲେ। ଯାହାକୁ ନେଇ ସମ୍ପୃକ୍ତ ଗାଁ ସାଥି ଓ ତାଙ୍କ ସହଯୋଗୀମାନେ ଗୋଟିଏ ପରିବାରକୁ ମରଣାନ୍ତକ ଆକ୍ରମଣ କରିଥିଲେ।୧୫ ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ପରିବାରର ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉକ୍ତ ପରିବାରର ପିତାମ୍ବର ମହାନନ୍ଦ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ସୁରେନ୍ଦ୍ର ମହାନନ୍ଦ ଓ ପରିବାରର ଅନ୍ୟମାନେ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଅଭିଯୋଗ ପରେ ଗାଇସିଲେଟ ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୧୦ ଜଣ ଫେରାର ଅଛନ୍ତି। ଫେରାର ଅଭିଯୁକ୍ତମାନେ ବାହାରେ ଥାଇ ପରିବାରର ସମସ୍ତଙ୍କୁ ମାରିଦେବାକୁ ଧମକ ଦେଉଥିବା ପରିବାର ଲୋକେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ମୀନାଙ୍କୁ ଜଣାଇଛନ୍ତି। ଅନ୍ୟ ୧୦ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଅନୁରୋଧ କରିଥିଲେ। ଅଭିଯୁକ୍ତମାନେ ଖୁବ୍‌ଶୀଘ୍ର ଧରା ପଡ଼ିବେ ବୋଲି ଏସ୍‌ପି ପ୍ରହଲ୍ଲାଦ ମୀନା ପ୍ରତିଶ୍ରୁତି ଦେଇଛନ୍ତି।

# ସ୍କୁଟିକୁ ଧକ୍କା ଦେଲା ଟ୍ରକ୍; ଅଳ୍ପକେ ବର୍ତ୍ତିଲେ ବାପା-ପୁଅ





ବରଗଡ଼, ୧୧।୬(ସମିସ): ବରଗଡ଼-ସମ୍ବଲପୁର ୪୬ ନମ୍ବର ଜାତୀୟ ରାଜପଥର କଳାପାଣି ପାଖରେ ଥିବା ଦନ୍ତା ବ୍ରିଜ୍ ନିକଟରେ ଏକ ଟ୍ରକ୍ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା। ଏଥିରେ ବାପ ଓ ପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗତ ସୋମବାର ଦିନ ବରଗଡ଼ ନିବାସୀ ସିତେଶ କୁମାର ତ୍ରିପାଠୀ ନିଜର ପୁଅକୁ ସମ୍ବଲପୁର ବୈଦିକ ସ୍କୁଲରୁ ଧରି ଫେରୁଥିବା ବେଳେ କଳାପାଣି ପାଖରେ ଥିବା ଦନ୍ତା ବ୍ରିଜ୍ ନିକଟରେ ତାଙ୍କ ସ୍କୁଟି(ଓ ଡି ୧୭ଜେଡ ୫୮୦୪)କୁ ଗୋଟିଏ ଟ୍ରକ୍ ପଛପଟରୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ବାପ ପୁଅ ଛିଟିକି ପଡ଼ିଥିଲେ। ଗୁରୁତର ଆହତ ହୋଇ ଉଭୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଉକ୍ତ ଜାତୀୟ ରାଜପଥରେ ସୂଚନା ଫଳକ ନଥିବାରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିବା ନଜିର ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଜନ ସାଧାରଣ ଦାବି କରିଛନ୍ତି।

# ରିଆମାଳରେ ଦେବସ୍ନାନ ପୂର୍ଣ୍ଣିମା

ରିଆମାଳ, ୧୧।୬(ସମିସ): ରିଆମାଳ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ପୂଜକ ରାକେଶ ଦାଶ, ବିଜୟ ଦାଶ, ପ୍ରମୋଦ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମହାପ୍ରଭୁଙ୍କ ସ୍ନାନ ଯାତ୍ରାରେ ମନ୍ଦିର ପୁରୋହିତ ଧୂବେଇଧର ନନ୍ଦ



ଠାକୁରଙ୍କର ବିଧି ଅନୁସାରେ ପୂଜାର୍ଚ୍ଚନା କରିବା ପରେ ମହାସ୍ନାନ କରାଯାଇଥିଲା। ପୂଜକ ପଣ୍ଡିତ ଜଳନ୍ଧର ଦାଶ, ରଘୁମଣୀ ଦାଶ, ଅକ୍ଷୟ ଦାଶ, ମନୋଜ ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ, ଅରୁଣ ଦାଶ, ପ୍ରଫୁଲ ଦାଶ, ଜନ୍ମେଜୟ ଦାଶ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସ୍ନାନ ପରେ ଠାକୁରଙ୍କୁ ପୂଜାତର୍ପଣ କରାଯାଇଥିଲା। ଅପରାହ୍ନରେ ଠାକୁରଙ୍କୁ ଅଣସର ଘରକୁ ବିଜେ କରାଯାଇଥିଲା। ମନ୍ଦିର କମିଟି ସଭାପତି ପ୍ରକାଶ ବିଶ୍ୱାଳ, ସମ୍ପାଦକ ତୀର୍ଥବାସୀ ବିଶ୍ୱାଳ ସହଯୋଗ କରିଥିବା ବେଳେ ବହୁ ସଂଖ୍ୟକ ଭକ୍ତ ଏଥିରେ ଯୋଗଦେଇଥିଲେ।

# ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ୧୫୭ ଗ୍ରାମ ସାମିଲ

ବରଗଡ଼, ୧୧।୬(ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଉପଲବ୍ଧ ସେବା ଜନସାଧାରଣ ତଥା ଗୋଷ୍ଠୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବରଗଡ଼ ଜିଲ୍ଲାର ସର୍ବମୋଟ ୧୫୭ ଗୋଟି ଜନଜାତି ବହୁଳ ଗ୍ରାମକୁ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଅମ୍ବାଭୋନା ବ୍ଲକର ୪ଟି ଗ୍ରାମ ଥିବା ବେଳେ ଅତାବିରା ବ୍ଲକର ୭ଟି, ବରଗଡ଼ ବ୍ଲକର ୨ଟି, ବରପାଲି ବ୍ଲକର ୧ଟି, ଭଟଲି ବ୍ଲକର ୭ଟି, ଭେଡେନ୍ ବ୍ଲକର ଗୋଟିଏ, ବିଜେପୁର ବ୍ଲକର ୨ଟି, ଗାଇସିଲେଟ ବ୍ଲକର ଗୋଟିଏ, ଝାରବନ୍ଧ ବ୍ଲକର ୧୩ଟି, ପଦ୍ମପୁର ବ୍ଲକର ୪ଟି, ପାଇକମାଲ ବ୍ଲକର ୧୧୦ଟି, ସୋହେଲା ବ୍ଲକର ୫ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଆସନ୍ତା ଜୁନ ୧୨ ତାରିଖରୁ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି। ଏହି ପରିପ୍ରେକ୍ଷିରେ ଏକ ସଚେତନତା ରଥ ମାଧ୍ୟମରେ ଯୋଗ୍ୟ ଲାଭାର୍ଥୀମାନଙ୍କୁ ଆଧାର କାର୍ଡ, ରାସନ କାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଜାତି ପ୍ରମାଣ ପତ୍ର, ବାସିନ୍ଦା ପ୍ରମାଣପତ୍ର, କିଷାନ୍ କ୍ରେଡିଟ କାର୍ଡ, ଜନ ଧନ ଆକାଉଣ୍ଟ, ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ତଥା ଅନ୍ୟାନ୍ୟ ବିଭାଗଦ୍ୱାରା ପ୍ରଦତ୍ତ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ। ଏକ ସଚେତନତା ରଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଶିବିରରେ ପହଞ୍ଚି ସଙ୍ଗେ ସଙ୍ଗେ ବିଭିନ୍ନ ବିଭାଗ ଦ୍ୱାରା ଶିବିରରେ ଆବଶ୍ୟକ ସେବା ଯୋଗାଇ ଦିଆଯିବ। ଜିଲ୍ଲାର ସମସ୍ତ ଜନସାଧାରଣ ନିଜ ଗ୍ରାମ ପଞ୍ଚାୟତରେ ଆୟୋଜିତ ସଚେତନତା ଶିବିରରେ ଯୋଗ ଦେଇ ସାମୁହିକ ତଥା ବ୍ୟକ୍ତିଗତ ଆବଶ୍ୟକତାର ଦାବି ଉପସ୍ଥାପନ କରିବା ସହ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇପାରିବେ ବୋଲି ସୂଚାଯାଇଛି।

# ଅଲଟ୍ରାଟେକ୍ ସିମେଣ୍ଟ ପ୍ଲାଣ୍ଟରେ ମକ୍‌ଡ୍ରିଲ୍





ଝାରସୁଗୁଡା/କିର୍ମିରା, ୧୧।୬(ସମିସ): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଧୁତ୍ରାରେ ଥିବା ଅଲଟ୍ରାଟେକ୍ ସିମେଣ୍ଟ କାରଖାନାରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଲଟ୍ରାଟେକ ସିମେଣ୍ଟ କାରଖାନାର ୟୁନିଟ ହେଡ ପୁରୁଷୋତ୍ତମ ବେମୁରୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ସମ୍ବଲପୁର ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଡେପୁଟି ଡାଇରେକ୍ଟର ସ୍ୱରୂପ ଜେନା, ଏଚ୍‌ଆର୍ ମୁଖ୍ୟ ପିତାମ୍ବର ପୃଷେଟ, ମୁଖ୍ୟ ସୁରକ୍ଷା ଓ ପ୍ରଶାସନିକ ଅଧିକାରୀ ଦେବାନନ୍ଦ ବିଶ୍ୱାଳ, ଟେକ୍ନିକାଲ୍ ହେଡ ଜଗଦୀଶ୍ୱର ରେ‡ୀ, ବାଗଡ଼ିହି ପୁଲିସ ଏସ୍‌ଆଇ ଦଶରଥ ଟୁଡୁ, ସାମ୍ବାଦିକ ଅଜୟ କୁମାର ଶର୍ମାଙ୍କ ସହିତ କାରଖାନାର ସହାୟକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଦୂର୍ଭାଗ୍ୟବଶତଃ କୌଣସି କାରଣରୁ କାରଖାନାରେ ଅଗ୍ନିକାଣ୍ଡ ଘଟିଲେ ପ୍ରଥମତଃ ସୁରକ୍ଷା ପ୍ରତି ଗୁରୁ ଦାୟୀତ୍ୱ ସହ ଅଗ୍ନିଶମ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବା ଉଚିତ ବୋଲି କହିଥିଲେ।

# ଝିର୍ଲ୍ଲାପାଲି ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଦାବି



କୋଲାବିରା, ୧୧।୬ (ସମିସ): ଝିର୍ଲ୍ଲାପାଲି ପଞ୍ଚାୟତ ସରପଞ୍ଚ ତିଲୋତ୍ତମା ଛଛାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ନାଏବ ସରପଞ୍ଚଙ୍କ ସମେତ ୧୧ ଜଣ ଓ୍ୱାର୍ଡ ସଭ୍ୟସଭ୍ୟା ଜିଲ୍ଲାପାଳଙ୍କୁ ଆବେଦନପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ଶ୍ରୀମତୀ ଛଛାନ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିଥିବା, କୌଣସି କାର୍ଯ୍ୟରେ ଆବଶ୍ୟକ ଦସ୍ତଖତ କରୁନଥିବା, ସରପଞ୍ଚଙ୍କ ସ୍ୱାମୀ ସମସ୍ତ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଓ୍ୱାର୍ଡ ସଭ୍ୟସଭ୍ୟାଙ୍କୁ କିଛି ନ ଜଣାଇ ବେଖାତିର ଭାବରେ ସରପଞ୍ଚ କାର୍ଯ୍ୟ କରୁଥିବା ନେଇ ମଧ ଓ୍ୱାର୍ଡ ସଭ୍ୟମାନେ ଅଭିଯୋଗ କରିଛନ୍ତି। ସରପଞ୍ଚ ଏବଂ ତାଙ୍କ ସ୍ୱାମୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ୧ନଂ ଓ୍ୱାର୍ଡ ସଭ୍ୟ ମହାଦେବ କିଶାନ କିଛିଦିନ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇସାରିଛନ୍ତି। ଏପରି ବହୁ ଅଭିଯୋଗ ଦର୍ଶାଇ ସରପଞ୍ଚ କାର୍ଯ୍ୟଶୈଳୀ ଓ ପଞ୍ଚାୟତରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ସନ୍ତୋଷଜନକ ନୁହେଁ ବୋଲି ଅଭିଯୋଗ କରି ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲ୍ଲାପଳଙ୍କ ମଞ୍ଜୁରି ପାଇଁ ନାଏବ ସରପଞ୍ଚ ଦୁତିଆଚାନ୍ଦ ଭୋଇ, ୮ନଂ ଓ୍ୱାର୍ଡ ସଭ୍ୟା ମୀରା ରଣା, ୧୦ନଂ ଓ୍ୱାର୍ଡ ସଭ୍ୟା ପ୍ରମୋଦିନୀ ପଟେଲ, ୪ନଂ ଓ୍ୱାର୍ଡ ସଭ୍ୟା ହେମପ୍ରିୟା ନାଏକ, ୧୨ ନଂ ଓ୍ୱାର୍ଡ ସଭ୍ୟା ଉର୍ମିଳା ଜୟପୁରିଆ, ର୭ନମ୍ବର ଓ୍ୱାର୍ଡ ସଭ୍ୟା ସବିତା କିସାନ, ୫ନଂ ଓ୍ୱାର୍ଡ ସଭ୍ୟ ଚନ୍ଦନତୁଲା ଶର୍ଣ୍ଣ, ୩ନଂ ଓ୍ୱାର୍ଡ ସଭ୍ୟା ତୁଳସି ରଣବିଡା, ୬ନଂ ଓ୍ୱାର୍ଡ ସଭ୍ୟ ବୁଦ୍ଧଦେବ ଛତ୍ରୀଆ, ୨ ନଂ ଓ୍ୱାର୍ଡ ସଭ୍ୟା ଜସନା କିସାନ, ୧୩ ନଂ ଓ୍ୱାର୍ଡ ସଭ୍ୟ ନିମାଇଁ ଜୟପୁରିଆ ଏ ମର୍ମରେ ଏକପତ୍ର ଉପଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଉପଜିଲ୍ଲାପାଳ ଭିକ୍ଟୋରିଆ ଏକ୍କାଙ୍କୁ ଦାବିପତ୍ର ଦିଆଯାଇଥିଲା। କୋଲାବିରା ବ୍ଲକର ଝିର୍ଲ୍ଲାପାଲି ପଞ୍ଚାୟତ ୧୩ଟି ଓ୍ୱାର୍ଡକୁ ନେଇ ଗଠିତ। ଜଣେ ଓ୍ୱାର୍ଡ ସଭ୍ୟ କିଛିଦିନ ପୂର୍ବରୁ ଇସ୍ତଫା ଦେଇଥିବା ବେଳେ ଜଣେ ଓ୍ୱାର୍ଡ ସଭ୍ୟ ଅନୁପସ୍ଥିତ ରହିଥିଲେ। ଅନ୍ୟ ସମସ୍ତ ୧୧ ଜଣ ଓ୍ୱାର୍ଡ ସଭ୍ୟସଭ୍ୟା ଆଜି ଉପଜିଲ୍ଲାପଳଙ୍କ କାର୍ଯ୍ୟାଳୟକୁ ଯାଇ ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା



ଝାରସୁଗୁଡା, ୧୧।୬(ସମିସ)

ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ବୁଧବାର ମହାସମାରୋହରେ ପାଳିତ ହୋଇଛି। ଝାରସୁଗୁଡାର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର କୁକୁରଜଂଘାଠାରେ ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜ ଓ ତାଙ୍କ ଶିଷ୍ୟ ବାବା ପ୍ରେମାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ତିନିଠାକୁରଙ୍କୁ ତୁଳସୀ ଜଳରେ ସ୍ନାନ କରାଯାଇଥିଲା। ପରେ ମଣ୍ଡପରେ ପ୍ରଭୁ ଜଗନ୍ନାଥ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। କର୍ତ୍ତା ଭାବରେ ଅନିଲ ସିଂ ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଅକ୍ଷୟ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ତିନି ବିଗ୍ରହଙ୍କ ସେବା କାର୍ଯ୍ୟ ବସନ୍ତ ଦାସ, ତ୍ରିନାଥ ତିୱାରୀ, କୈଳାଶ ତ୍ରିପାଠୀ, ଶ୍ରୀପତି ମିଶ୍ର ବହୁ ବ୍ରାହ୍ମଣଙ୍କ ସହ କୁକୁରଜଙ୍ଘା ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ସରବାହାଲ ଜଗନ୍ନାଥ ମନ୍ଦିରରେ ମଧ ସ୍ନାନ ଯାତ୍ରା ପାଳିତ ହୋଇଥିଲା। ସରବାହାଲ ଜଗନ୍ନାଥ ମନ୍ଦିର କମିଟିର ସଭାପତି ହୃଷୀକେଶ ମିଶ୍ର ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ସରବାହାଲ ଜଗନ୍ନାଥ ମନ୍ଦିର କମିଟିର ସଦସ୍ୟ ପିଣ୍ଟୁ ପାଢ଼ୀ, ବାସୁଦେବ ମିଶ୍ର, କିଶୋର ପାଢ଼ୀ, ଗଙ୍ଗା ମିଶ୍ର, ରୁଦ୍ର ଶରଣ ହୋତା, ଶଶୀ ନାୟକ, ରବୀନ୍ଦ୍ର ଦୀକ୍ଷିତ, ଆଦିତ୍ୟ ପୁଝାରୀ, ଟୁକୁ ପାଢ଼ୀ, ଦିବ୍ୟ ପାଢ଼ୀଙ୍କ ସମେତ କର୍ତ୍ତା ରାଜେଶ ପାଢ଼ୀ ଓ ପୂଜକ ଅଜୟ ମିଶ୍ର ପୂଜା କାର୍ଯ୍ୟ ତୁଲାଇ ଥିଲେ। ଝାରସୁଗୁଡା ଜିଲ୍ଲାର ବିଟିଏମ, ବେଲପାହାଡ, ଗୁମାଡେରା, ମାରୱାଡି ପଡ଼ା, କାଟିକେଲା, ଲଇକେରା, କିର୍ମିରା ସ୍ଥିତ ଜଗନ୍ନାଥ ମନ୍ଦିର ଗୁଡିକରେ ମଧ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଥିଲା।

## ବ୍ରଜରାଜନଗର ଜଗନ୍ନାଥ ମନ୍ଦିର

ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଜଗନ୍ନାଥ ମନ୍ଦିରରେ ତିନି ଠାକୁର ଓ ସୁଦର୍ଶନଙ୍କ ସ୍ନାନଯାତ୍ରା ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଯାଇଛି। ବୁଧବାର ସକାଳ ସାଢେ ୮ଟା ସମୟରେ ଜୀଉମାନଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ପଣ୍ଡିତ ଅଭିମନ୍ୟୁ ଷଡ଼ଙ୍ଗୀ ରୀତିନୀତିରେ ପୂଜା ଅର୍ଚ୍ଚନା କଲାପରେ ଜୀଉମାନଙ୍କୁ ସ୍ନାନ କରାଯାଇଥିଲା। ମୁଖ୍ୟ ପଣ୍ଡିତ ଅଭିମନ୍ୟୁ ଷଡ଼ଙ୍ଗୀଙ୍କୁ ପଣ୍ଡିତ ଅନିଲ ନନ୍ଦ ଓ କଳ୍ପତରୁ ଦାଶ ସହଯୋଗ କରିଥିଲେ। ମନ୍ଦିର ପୂଜକ ଶ୍ରୀଧର ଦାଶ, ଗଦାଧର ଦାଶ ଓ ମୁରଲୀ



ପଣ୍ଡା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ତିନି ଠାକୁରଙ୍କ ଗଜାନନ ବେଶ କରାଯାଇଥିଲା। କର୍ତ୍ତା ଭାବରେ ଭକ୍ତ ତ୍ରିପାଠୀ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଯୁଧିଷ୍ଠିର ନାୟକ, ବ୍ୟାସଦେବ ପଣ୍ଡା, କୁଳମଣି ଦାଶ, ଆର୍ତ୍ତତ୍ରାଣ ବେହେରା, ଗୋପାଳ ପୁରୋହିତ, ତ୍ରିଲୋଚନ ଦାଶ, ସତ୍ୟନାରାୟଣ ପତି, ନବଘନ ରାଉତ, ରାଧାକାନ୍ତ ପଣ୍ଡା, ଚିନ୍ତାମଣି ଦାଶ, ସନତ ପଣ୍ଡା, ସୁରେଶ ବିଶ୍ୱାଳ, ପ୍ରଫୁଲ୍ଲ ପଣ୍ଡା, ରାମଦାସ ପଣ୍ଡା ଓ ବୈକୁଣ୍ଠ ଘୋଷ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



**ଇବଥର୍ମାଲ:** ଲଖନପୁର ବ୍ଲକ ବନହରପାଲି ଥାନା ଅଞ୍ଚଳରେ ଥିବା ବିଭିନ୍ନ ସ୍ଥାନର ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ସମ୍ପନ୍ନ ହୋଇଛି। ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ରରେ ସକାଳ ୪ଟା ୩୦ରେ ମଙ୍ଗଳାର୍ପଣ କବାଟ ଫିଟା କାର୍ଯ୍ୟ ପରେ ଠାକୁରଙ୍କ ମଙ୍ଗଳଆଳତି, ମଇଲମ, ତଡପଲାଗି, ଅଧରପୋଛା, ଅବକାଶ ସମ୍ପାଦନ ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ସ୍ନାନମଣ୍ଡପକୁ ଅଣାଯାଇଥିଲା। ପରେ ତମ୍ବା କଳସର ଜଳରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିଲା। ନୂତନ ଗଜପତି ହୋଇଥିବା ଲଖନପୁର କୋଇଲାକ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ ଛେରାପହରା କରିଥିଲେ। ସେହିପରି ଓପିଜିସି ଇବଥର୍ମାଲ ବନହରପାଲି ଜଗନ୍ନାଥ ମନ୍ଦିରରେ ମଧ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଡାଇରେକ୍ଟର ଅପରେସନ ଏ ଆର ଦାଶ ଗଜପତି କାର୍ଯ୍ୟ ସମ୍ପାଦନା କରିଥିଲେ। ଠାକୁରଙ୍କ ମହାସ୍ନାନ ପରେ ଗଜାନନ ବେଶ



କରାଯାଇଥିଲା। ଏଥିରେ ଓପିଜିର ବହୁ ପଦାଧିକାରୀ, କର୍ମଚାରୀ ମହିଳା ଯୋଗ ଦେଇଥିଲେ। ସେହିପରି କୁମ୍ଭାରବନ୍ଧ ସ୍ଥିତ ଜଗନ୍ନାଥ ମନ୍ଦିରରେ ମଧ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

**କୋଲାବିରା:** କୋଲାବିରା ଜଗନ୍ନାଥ ମନ୍ଦିରରେ ଦେବସ୍ନାନପୂର୍ଣ୍ଣିମା ସମ୍ପନ୍ନ ହୋଇଯାଇଛି। ମଙ୍ଗଳାର୍ପଣ, ମଙ୍ଗଳ ଆରତି, ମଇଲମ, ତଡପଲାଗି, ଅଧର ପୋଛା, ଅବକାଶ, ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଜଳ ବିଜେ, ପୂଜା, ସ୍ନାନ ଅଦି ନିତିକାନ୍ତି ହୋଇଥିଲା। କୋଲାବିରା ଜମିଦାର ବଂଶଜ ଭେଙ୍କଟେଶ ପ୍ରତାପ ସିଂ କର୍ତ୍ତା ରୂପେ ଯୋଗଦେଇଥିଲେ। ପୂଜକ ବିଜୟ କୁମାର ପୂଜାରୀ ଏବଂ ଓମ ପ୍ରକାଶ ପୂଝାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ବୀରେନ୍ଦ୍ର କୁମାର ପହାପାତ୍ର, ଅଶୋକ ବେହେରା, ଜଜାତି କେଶରୀ ବେହେରା, ବୁଲୁ ଟଣକାର, ଶଙ୍କର ମରାଇ, ଶୁଭେନ୍ଦୁ ଦାସ, ଦ୍ୱିବେନ୍ଦୁ ଦାସ, ଗୋକୁଲ ମିଶ୍ର, ଅଙ୍କିତ ବହିଦାର, ଅଦ୍ୟାସା ବହିଦାର, ଆୟସ ଅସ୍ମିତ ବିହିଦାର, ଅର୍ଥର୍ବ ଆୟୁସ୍ମାନ ବହିଦାର, ମିନି ଟଣ୍ଡକାର, ପଦ୍ମିନି ହୋତା, ଦଶରଥ ରାଏ, କୀର୍ତ୍ତିର୍ ଚନ୍ଦ୍ର ବହିଦାର, ଇଭାଙ୍ଗଳି ହୋତା, ଜ୍ୟୋସ୍ନା ନାଏକ, ପ୍ରଦ୍ୟୁମ୍ନ ପୁରୋହିତ, ଆନନ୍ଦ କୁମାର ମହାପାତ୍ର, ଭଦ୍ରି ରଣାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

**ମେଲଛାମୁଣ୍ଡା :** ଘେଁସ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ପୂର୍ବାହ୍ନରେ ମନ୍ଦିର ପୂଜକ ଅଶୋକ ପୂଝାରୀଙ୍କ ଦ୍ୱାରା ନୀତିକାନ୍ତି ସହ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ହୋଇଥିଲା। ପରେ ସିଂହାସନରୁ ମହାପ୍ରଭୁଙ୍କୁ ସ୍ନାନମଣ୍ଡପକୁ ଅଣାଯାଇ ମଙ୍ଗଳ ଆଳତୀ କରାଯାଇଥିଲା। ପରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଏହି ଅବସରରେ ଘେଁସ ତଥା ଆଖପାଖ ଗ୍ରାମରୁ ବହୁସଂଖ୍ୟାରେ ଭକ୍ତ



ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ଥିଲା। ମନ୍ଦିର ପୂଜକ ଅଶୋକ ପୂଝାରୀଙ୍କ ସମେତ ସହିଦ ଦେବତା, ମିନିକେତନ ପାଣିଗ୍ରାହୀ, ଶ୍ୟାମଲାଲ ସାହୁ, ଡୋଲାମଣି ପଟେଲ, ସୁଦାମା ବାରିକ, ଗୋକୁଳାନନ୍ଦ ମହାପାତ୍ର, ଗିରିଧାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ସୁପରହିରୋ ଭୂମିକାରେ ଅମିର୍

ଦୀର୍ଘଦିନର ବ୍ରେକ୍ ପରେ ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍ 'ସିତାରେ ଜମିନ ପର' ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଏହି ଫିଲ୍ମକୁ ହିଟ୍ କରାଇବା ପାଇଁ ଅମିର୍ ଜୋରସୋରରେ ପ୍ରଚାର ମଧ୍ୟ କରୁଛନ୍ତି। ଜୁନ୍ ୨୦ରେ ଏହା ରିଲିଜ୍ ହେବ। ଅମିର୍‌ଙ୍କ ଗୋଟିଏ ଫିଲ୍ମ ଏବେ ରିଲିଜ୍ ହେବାକୁ ବସିଥିବାବେଳେ ଇତିମଧ୍ୟରେ ତାଙ୍କର ଆଉ ଏକ ଫିଲ୍ମ ମଧ୍ୟ ଘୋଷଣା ହୋଇ ସାରିଛି। ଭାରତୀୟ ସିନେମାର ଜନକ ଦାଦା ସାହେବ ଫାଲ୍‌କେଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରାଯାଉଛି। ଏଥିରେ ଅମିର୍ ଦାଦା ସାହେବ ଫାଲ୍‌କେଙ୍କ ଭୂମିକାରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ରାଜ୍‌କୁମାର ହିରାନୀ ଅଛନ୍ତି। ଅମିର୍ ସାଉଥ୍‌ର ଲୋକପ୍ରିୟ ନିର୍ଦ୍ଦେଶକ ଲୋକେଶ କନଗରାଜଙ୍କ ସହ ମଧ୍ୟ ଏକ ସୁପରହିରୋଙ୍କ ଫିଲ୍ମରେ କାମ କରିବା ପାଇଁ ପ୍ରୟାସ ଚଳାଇଛନ୍ତି। ନିକଟରେ ଏକ ସାକ୍ଷାତକାରରେ ଅମିର୍ କହିଛନ୍ତି ଯେ, 'ଲୋକେଶ ଓ ମୁଁ ଗୋଟିଏ ଫିଲ୍ମରେ କାମ କରୁଛୁ। ଏହା ସୁପରହିରୋ ଉପରେ ଆଧାରିତ ହେବ। ୨୦୨୬ ମଝି ଆଡ଼କୁ ଏହା ମୁକ୍ତିଲାଭ କରିବ।' ଏହାବାଦ୍ ସେ 'ମହାଭାରତ' ଉପରେ ଏକ ଫିଲ୍ମ ନିର୍ମାଣ କରିବେ ବୋଲି କହିଥିଲେ।

# କ୍ୟାଣ୍ଟିନ୍ ମ୍ୟାନେଜର ହେବା ପାଇଁ ପିଏଚ୍‌ଡି ଡିଗ୍ରୀ

ଚୀନ୍‌ର ଏକ ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ୍ ମ୍ୟାନେଜର ପଦବୀ ଲାଗି ପିଏଚ୍‌ଡି ଡିଗ୍ରୀ ଅନିବାର୍ଯ୍ୟ କରି ଏବେ ସମାଲୋଚନାର ଶିକାର ହୋଇଛି। ନାନ୍‌ଜିଙ୍ଗ ସହର ସ୍ଥିତ ସାଉଥ୍‌ଇଷ୍ଟ ବିଶ୍ୱବିଦ୍ୟାଳୟରେ କ୍ୟାଣ୍ଟିନ ମ୍ୟାନେଜର ପଦବୀ ଖାଲି ଅଛି। ଏହି ପଦବୀ ଲାଗି ବିଜ୍ଞାପନ ପ୍ରକାଶ ପାଇଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପଦବୀ ଲାଗି ପ୍ରାର୍ଥୀଙ୍କୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଦରକାର। କେବଳ ସେତିକି ନୁହେଁ, ଆବେଦନକାରୀଙ୍କର ଇଂରାଜୀରେ ଭଲ ଦକ୍ଷତା ଥିବା ସହ ଅଫିସ୍ ସଫ୍ଟୱେର ଜାଣିଥିବା ଆବଶ୍ୟକ। ଏହାସହ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ହୋଇଥିଲେ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ତେବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ମେ ୨୨ରେ ଏହାର ୱେବ୍‌ସାଇଟ୍‌ରେ ଏହି ବିଜ୍ଞାପନ ଜାରି କରାଯାଇଥିଲା। ସେହିପରି ଏହି ପଦବୀ ଲାଗି ଖାଦ୍ୟ ପ୍ରସ୍ତୁତି



ନେଇ ତଦାରଖ, କ୍ୟାଣ୍ଟିନ ଠିକାଦାରମାନଙ୍କ କାର୍ଯ୍ୟକୁ ତଦାରଖ କରିବା, ସୁରକ୍ଷିତ ଖାଦ୍ୟ ସୁନିଶ୍ଚିତ କରିବା ତଥା ପ୍ରଶାସନିକ କାର୍ଯ୍ୟର ତଦାରଖ କରିବାକୁ ପଡ଼ିବ ବୋଲି କୁହାଯାଇଛି। ଏହାବାଦ୍ ଖାଦ୍ୟ ସମ୍ବନ୍ଧିତ କ୍ଷେତ୍ରରେ ଅଭିଜ୍ଞତା କିମ୍ବା ରୋଷେଇ ପ୍ରମାଣପତ୍ର ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କୁହାଯାଇଛି। ସେହିପରି ଏହି ପଦ ଲାଗି ବର୍ଷକୁ ଦରମା ୨୦ ଲକ୍ଷ ଅଛି। ହେଲେ ଏ ପଦବୀ ଲାଗି ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବା ଦେଖି ବିବାଦ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ଏକଥା ସାମ୍ନାକୁ ଆସିବାରୁ କିଛି ଲୋକ ବିଶ୍ୱବିଦ୍ୟାଳୟର ଏଭଳି ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

# ୬୧୦ କେଜିରୁ ୬୩ କେଜି



ଆଜିକାଲି ମେଦବୃଦ୍ଧି ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ଅନିୟନ୍ତ୍ରିତ ଜୀବନଚର୍ଯ୍ୟା ଓ ଅସନ୍ତୁଳିତ ଖାଦ୍ୟ ଗ୍ରହଣ ଯୋଗୁଁ ଅଧିକାଂଶ ଲୋକେ ମେଦବୃଦ୍ଧିରେ ଆକ୍ରାନ୍ତ ହେଉଥିବାର ଦେଖାଯାଉଛି। ଥରେ ଓଜନ ବୃଦ୍ଧି ହେଲେ ଏହାକୁ ହ୍ରାସ କରିବା ମଧ୍ୟ ଏକ କଷ୍ଟକର ବ୍ୟାପାର। କିଛି ଲୋକ ଶୀଘ୍ର ଓଜନ ହ୍ରାସ ପାଇଁ ଔଷଧ ଏବଂ ଇଞ୍ଜେକ୍ସନର ସାହାରା ନେଇ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବାର ମଧ୍ୟ ନଜିର ରହିଛି। ସେହିଭଳି କିଛି ଲୋକ ସର୍ଜରୀ ମାଧ୍ୟମରେ ୧୦୦, ୧୫୦ କିଲୋ ହ୍ରାସ କରି ମଧ୍ୟ ଚର୍ଚ୍ଚାକୁ ଆସିଛନ୍ତି। ହେଲେ ୫୪୭ କିଲୋ ଓଜନ କମ୍ କରିବାର ଯାତ୍ରା ଆଦୌ ସହଜ ନୁହେଁ। ଅବଶ୍ୟ ଏ ଲାଗି କେବଳ ଜୀବନଶୈଳୀରେ ପରିବର୍ତ୍ତନ ନୁହେଁ, ବରଂ ଆହୁରି ଅନେକ କିଛି କରିବାକୁ ପଡ଼ିଥିବ, ଯାହା ଅନେକେ ଜାଣି ନ ଥିବେ। ଏକଦା ବିଶ୍ୱର ସବୁଠୁ ଓଜନିଆ ବା ମୋଟା ବ୍ୟକ୍ତି ଭାବେ ପରିଚିତ ଥିଲେ ସାଉଦି ଆରବର ଖାଲିଦ୍ ବିନ୍ ମୋହସେନ। ୨୦୧୩ ମସିହାରେ ତାଙ୍କ ଓଜନ ଥିଲା ୬୧୦ କେଜି। ସେତେବେଳେ ସେ କୌଣସି କାର୍ଯ୍ୟ କରିପାରୁ ନ ଥିଲେ। ଏପରିକି ଛୋଟ ଛୋଟ କାର୍ଯ୍ୟ ପାଇଁ ତାଙ୍କୁ ପରିବାର ଲୋକଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ସେତେବେଳେ ସାଉଦି ଆରବର ପୂର୍ବତନ ରାଜା ଅବଦୁଲ୍ଲା, ଖାଲିଦ୍ ଅତ୍ୟଧିକ ମେଦବୃଦ୍ଧିରେ ଆକ୍ରାନ୍ତ ହୋଇ ବିଛଣାରେ ଜୀବନ କାଟୁଥିବା କଥା ଜାଣିବାକୁ ପାଇଥିଲେ। ରାଜା ଖାଲିଦ୍‌ଙ୍କୁ ସ୍ୱାଭାବିକ ଜୀବନ ଦେବାକୁ ନିଷ୍ପତ୍ତି ନେଲେ। ଖାଲିଦ୍‌ଙ୍କ ପାଇଁ ଡାକ୍ତରଙ୍କ ସମେତ ୩୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନିଯୁକ୍ତି ପ୍ରଦାନ କରାଗଲା। ଏହି ଟିମ୍‌ରେ ସର୍ଜନ, ପୋଷଣ ବିଶେଷଜ୍ଞ ଏବଂ ଫିଟନେସ୍ ଟ୍ରେନର ସାମିଲ ଥିଲେ। ଖାଲିଦ୍ ଏତେ ବେଶି ମୋଟା ଥିଲେ ଯେ, ଚଲାବୁଲା କରିପାରୁ ନ ଥିଲେ। କେବଳ ଖଟରେ ହିଁ ଶୋଇ ରହୁଥିଲେ। ଏପରିକି ତାଙ୍କୁ ନେବା ଲାଗି ୫ ଜଣ ଲୋକ ଦରକାର ପଡ଼ନ୍ତି। ବହୁ କଷ୍ଟରେ ଖାଲିଦ୍‌ଙ୍କୁ ତାଙ୍କ ଘର ରିଆଦରୁ କିଙ୍ଗ୍ ଫହଦ ମେଡିକାଲ ସିଟି ନିଆଯାଇଥିଲା। ସେଠାରେ ତାଙ୍କ ପାଇଁ ଓଜନ ହ୍ରାସ ପାଇଁ ଡାକ୍ତରୀ ଟିମ୍ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କଲେ। ବିଶେଷକରି ଗ୍ୟାଷ୍ଟ୍ରିକ୍ ବାଇପାସ୍ ସର୍ଜରି ସମେତ ତାଙ୍କର ସ୍ୱତନ୍ତ୍ର ଡାଏଟ୍ ଚାଟ୍ ପ୍ରସ୍ତୁତ କରାଗଲା। ପ୍ରତ୍ୟେକ ଦିନ ସେ ବ୍ୟାୟାମ କଲେ। ୨୦୧୬ ମସିହାରେ ସେ ଆଶାବାଡ଼ି ଧରି ଚାଲିବା ଆରମ୍ଭ କଲେ। ୨୦୧୮ ମସିହାରେ ତାଙ୍କର ଅନେକ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ୨୦୨୩ ମସିହା ଶେଷ ଆଡ଼କୁ ତାଙ୍କ ଓଜନ ୬୩.୫ କେଜିରେ ପହଞ୍ଚିଗଲା। ଏକଦା ଦିନେ ସାଙ୍ଗ ଓ ପରିବାର ଉପରେ ନିର୍ଭରଶୀଳ ଥିବା ଖାଲିଦ୍ ଏବେ ଆତ୍ମନିର୍ଭର ହୋଇପାରିଛନ୍ତି। ତା'ସହ ତାଙ୍କୁ 'ଦ ସ୍ମାଇଲିଂ ମ୍ୟାନ୍'ର ପରିଚୟ ମିଳିଛି। ଏହି ଟ୍ୟାଗ୍ ତାଙ୍କୁ ଚିକିତ୍ସା କରିଥିବା ମେଡିକାଲ କର୍ମଚାରୀମାନେ ଦେଇଥିଲେ, ଯେଉଁମାନେ ତାଙ୍କ ଓଜନ ୬୧୦ କେଜିରୁ ୬୩ କେଜି ହେବା ଯାତ୍ରା ଦେଖିଥିଲେ।

# ଏଠି ମହିଳାଙ୍କ ପ୍ରବେଶ ନିଷେଧ



ବିଶ୍ୱରେ ଏପରି ଅନେକ ସ୍ଥାନ ରହିଛି, ଯାହା ଭିନ୍ନ କାରଣ ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ଏହି କ୍ରମରେ ଜାପାନରେ ଥିବା ଓକିନୋସୀମା ଦ୍ୱୀପକୁ ମହିଳାଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ଏଠାରେ ପୁରୁଷଙ୍କ ପ୍ରବେଶ ପାଇଁ ମଧ୍ୟ କଡ଼ା ନିୟମ ଲାଗୁ କରାଯାଇଛି। ଏହି ଦ୍ୱୀପକୁ ୟୁନେସ୍କୋଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳ ଭାବରେ ଘୋଷଣା କରାଯାଇଛି। ଏହା ୭୦୦ ବର୍ଗ ଫୁଟ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି। ସେହିପରି ଏହି ଦ୍ୱୀପକୁ ଧାର୍ମିକ ଦୃଷ୍ଟିକୋଣରୁ ଖୁବ୍ ପବିତ୍ର ବୋଲି ବିବେଚନା କରାଯାଏ। ପ୍ରାଚୀନ ସମୟରୁ ଥିବା ଧାର୍ମିକ କଟକଣାକୁ ଲୋକେ ଏବେ ବି ପାଳନ କରିଆସୁଛନ୍ତି। ଏଠାରେ ମହିଳାଙ୍କ ପ୍ରବେଶକୁ ନିଷେଧ କରାଯାଇଛି। ସେହିପରି ଦ୍ୱୀପକୁ ଯିବାପାଇଁ ପୁରୁଷଙ୍କୁ ମଧ୍ୟ କଡ଼ା ନିୟମ ପାଳନ କରିବାକୁ ପଡ଼ିଥାଏ। ଏହି ଦ୍ୱୀପକୁ ଯିବା ପାଇଁ ପୁରୁଷଙ୍କୁ ପ୍ରଥମେ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼ିଥାଏ। ବର୍ଷରେ ମାତ୍ର ୨୦୦ ପୁରୁଷଙ୍କୁ ଏଠାକୁ ଯିବାକୁ ଅନୁମତି ମିଳିଥାଏ। ସେହିପରି ଏଠାକୁ ଯାଉଥିବା ଲୋକେ ସାଥିରେ ଯେମିତି କିଛି ଜିନିଷ ନ ଆଣନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ସେହିପରି ଏହି ଯାତ୍ରା ବିଷୟରେ କାହାକୁ ନ ଜଣାଇବା ପାଇଁ ମଧ୍ୟ କୁହାଯାଇଥାଏ। ଯାତ୍ରାରୁ ଫେରିଲା ପରେ ବି ଏଠାରୁ ଲୋକେ ଯେମିତି ଘାସଟିଏ ମଧ୍ୟ ନେଇ ନ ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଏ। ଏହି ଦ୍ୱୀପରେ ମୁନାକାତା ତାଇଶା ଓକିତ୍ସୁ ମନ୍ଦିର ରହିଛି। ଏହି ମନ୍ଦିରରେ ସମୁଦ୍ର ଦେବୀଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ୧୭୦୦ ଶତାବ୍ଦୀରୁ ଏହି ମନ୍ଦିରରେ ଜାହାଜ ସୁରକ୍ଷା ପାଇଁ ପୂଜାର୍ଚ୍ଚନା ହୋଇଆସୁଛି।

# ଭାସମାନ ଗାଁ



ପଶ୍ଚିମ ଆଫ୍ରିକାରେ ଥିବା ବେନିନ ଦେଶରେ ଏକ ନିଆରା ଗାଁ ଅଛି। ଏହାର ନାଁ ଗାନଭି। ଗାଁଟି ନୋକୋଇ ହ୍ରଦ ଭିତରେ ଅବସ୍ଥିତ। ତେଣୁ ପାଣି ଭିତରେ ପୂରା ଗାଁ ରହିଛି। ସେହିପରି ଏହି ଗାଁକୁ 'ଆଫ୍ରିକାର ଭେନିସ୍' ବୋଲି ମଧ୍ୟ କୁହାଯାଏ। ପ୍ରାୟ ୩୦ ହଜାର ଲୋକ ଉକ୍ତ ଗାଁରେ ରହିଥାନ୍ତି। ଅଧିକାଂଶ ଲୋକଙ୍କ ଘର ହ୍ରଦର ଠିକ୍ ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ। ସମସ୍ତ ଘର କାଠ ଓ ବାଉଁଶରେ ତିଆରି। ତେବେ ଏ ଘରଗୁଡ଼ିକ ଖମ୍ବ ସାହାରାରେ ପାଣି ଭିତରେ ଦଣ୍ଡାୟମାନ ହୋଇ ରହିଛି। ଗାଁଟି ପାଣି ଭିତରେ ଥିବାରୁ ଏଠାରେ ରାସ୍ତା ନାହିଁ। ତେଣୁ ଲୋକେ ନୌକାରେ ଆତଯାତ କରନ୍ତି। ସେହିପରି ନିତିଦିନର କାମ ବି ପାଣି ଭିତରେ ରହିକି ହିଁ ଲୋକେ କରିଥାନ୍ତି। ତେବେ ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭିଡିଓଟିରେ ଦେଖାଯାଇଛି ଯେ, 'ଗାଁଟି ସମ୍ପୂର୍ଣ୍ଣ ଭାବେ ପାଣି ଭିତରେ ଅବସ୍ଥିତ। ପାଣି ଭିତରେ କିଛି ପିଲା ଖେଳୁଛନ୍ତି ଏବଂ ପାଣି ଭିତରେ ବଜାର ମଧ୍ୟ ଅଛି। ଡଙ୍ଗାରେ ହିଁ ଲୋକେ ଜିନିଷ ବିକ୍ରି କରନ୍ତି ଓ ଲୋକେ ସେସବୁକୁ କିଣିଥାନ୍ତି। ଏହି ବଜାରରେ ହାତ ତିଆରି ଜିନିଷ, ପନିପରିବା, ମାଛ ଏବଂ ନିତ୍ୟ ବ୍ୟବହାର ଜିନିଷ ମିଳିଥାଏ।' ତେବେ ଏହି ଗାଁର ଲୋକେ ମାଛ ଧରି ଜୀବିକା ନିର୍ବାହ କରନ୍ତି। ତା'ସହ ଆଉ କିଛି ଲୋକ ପାଖରେ ଥିବା ଗାଁଗୁଡ଼ିକରୁ ଜମି ଲିଜ୍‌ରେ ନେଇ ପଶୁପକ୍ଷୀ ପାଳନ କରନ୍ତି। ଏହାବାଦ୍ ଏଠାରେ ପାଣି ଭିତରେ ରେସ୍ତୋରାଁ ଅଛି। ଏହି ସ୍ଥାନକୁ ଲୋକେ ଡଙ୍ଗାରେ ଆସି ଖାଦ୍ୟର ମଜା ନିଅନ୍ତି। ଅନ୍ୟପଟେ ଗାଁଟି ପାଣି ଭିତରେ ଥିଲେ ବି ସ୍କୁଲ, ମେଡିକାଲ, ଡାକଘର, ବ୍ୟାଙ୍କ, ଚର୍ଚ୍ଚ ଏବଂ ମସଜିଦ୍ ଆଦି ରହିଛି।



# ଲେମ୍ବୁ ସବୁଠୁ ସ୍ୱାସ୍ଥ୍ୟକର ଫଳ

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସୁସ୍ଥ ରହିବା ପାଇଁ ସବୁଜ ପନିପରିବା ଓ ଫଳ ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି। ସବୁଠୁ ସ୍ୱାସ୍ଥ୍ୟକର ଫଳ କଥା କୁହାଗଲେ, ଲୋକଙ୍କ ମନରେ ପ୍ରଥମେ ସେଓ, କଦଳୀ, ଡାଳିମ୍ବ ଇତ୍ୟାଦିର ନାମ ଆସିଥାଏ। ହେଲେ ବାସ୍ତବରେ ସବୁଠାରୁ ସ୍ୱାସ୍ଥ୍ୟକର ଫଳ ହେଉଛି ଲେମ୍ବୁ। ଆମେରିକାର ୱିଲିୟମ୍ ପ୍ୟାଟରସନ୍ ବିଶ୍ୱବିଦ୍ୟାଳୟର ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଲେମ୍ବୁକୁ ବିଶ୍ୱର ସବୁଠୁ ସ୍ୱାସ୍ଥ୍ୟକର ଫଳ ବୋଲି କୁହାଯାଇଛି। ୪୧ ପ୍ରକାରର ଫଳ ଉପରେ ଏହି ଗବେଷଣା କରାଯାଇଥିଲା। ଏଥିରେ ଲେମ୍ବୁରେ ସବୁଠୁ ଅଧିକ ପୋଷଣ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ଜଣାପଡ଼ିଛି। ଲେମ୍ବୁରେ ଭରପୁର ମାତ୍ରାର ଭିଟାମିନ୍ ସି, ଫାଇବର ଏବଂ ଫ୍ଲେବୋନଏଡ୍ ଥାଏ। ଏହି ତତ୍ତ୍ୱ କେବଳ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ ତାହା ନୁହେଁ ବରଂ ଏହା ଅନେକ ଗମ୍ଭୀର ରୋଗରୁ ସୁରକ୍ଷା ପ୍ରଦାନ କରେ। ଖାସ୍ କଥା ହେଉଛି, ଲେମ୍ବୁର କମ୍ କ୍ୟାଲୋରୀ ସମ୍ପୂର୍ଣ୍ଣ ଶରୀରକୁ ପୂରା ପୋଷଣ ଦେବାରେ ସାହାଯ୍ୟ କରେ। ଗବେଷଣାରେ ଏହା ସ୍ପଷ୍ଟ କରାଯାଇଛି ଯେ, ମାତ୍ର ୧୦୦ କ୍ୟାଲୋରୀ ବିଶିଷ୍ଟ ଏକ ଲେମ୍ବୁ ଶରୀରର ୧୦୦% ପୋଷଣ ସମ୍ପର୍କୀୟ ଆବଶ୍ୟକତାକୁ ପୂରଣ କରିପାରେ। ଲେମ୍ବୁ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ସହ ଥଣ୍ଡା-କାଶକୁ ମଧ୍ୟ ଦୂରେଇ ଦେଇଥାଏ। ରକ୍ତହୀନତା ଦୂର କରିବାରେ ଏହା ପ୍ରମୁଖ ଭୂମିକା ନିଭାଇଥାଏ। ଏହାବାଦ୍ ନିୟମିତ ଏହାକୁ ସେବନ କରିବା ଦ୍ୱାରା ପାଚନତନ୍ତ୍ର ସୁସ୍ଥ ଓ ନିରୋଗ ରହିଥାଏ। ବୈଜ୍ଞାନିକଙ୍କ କହିବାନୁସାରେ, ଲେମ୍ବୁ ଖଟାଫଳ ବା ଅମ୍ଳଯୁକ୍ତ ହୋଇଥିଲେ ହେଁ, ଏହା ଶରୀର ପାଇଁ ଲାଭଦାୟକ ହୋଇଥାଏ। ଏହାଦ୍ୱାରା ଶରୀରର ପିଏଚ୍ ସ୍ତର ସନ୍ତୁଳିତ ରହିଥାଏ। ଲେମ୍ବୁରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ପୋଷକତତ୍ତ୍ୱ କେବଳ ଶରୀରରୁ ରୋଗ ଦୂର କରେ ତାହା ନୁହେଁ, ତ୍ୱଚାରେ ଚମକ ଆଣିବା ସହ ବୟସଦାଗକୁ ଦୂର କରେ। ତେଣୁ ବୈଜ୍ଞାନିକମାନେ ଦୈନିକ ଖାଦ୍ୟରେ ଲେମ୍ବୁକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ବିଶେଷଜ୍ଞମାନେ ମାତ୍ରାଧିକ ଲେମ୍ବୁ ନ ଖାଇବାକୁ ପରାମର୍ଶ ଦେଇଛନ୍ତି। ଖାସ୍ କରି ଖାଲି ପେଟରେ ଲେମ୍ବୁ ପାଣି ପିଇବା ଦ୍ୱାରା ଦାନ୍ତ ନଷ୍ଟ ହୁଏ। କିଛି ଲୋକଙ୍କଠାରେ ଏସିଡିଟି ସମସ୍ୟା ହୋଇପାରେ। ତେଣୁ ଶରୀରର ଆବଶ୍ୟକତା ଅନୁଯାୟୀ ନିର୍ଦ୍ଦିଷ୍ଟ ପରିମାଣର ଲେମ୍ବୁ ଖାଇବା ଜରୁରି।

## ଆଜିର ଇତିହାସ

- ୧୩୮୧: ଇଂଲଣ୍ଡରେ ଚାଷୀମାନଙ୍କ ବିଦ୍ରୋହ।
- ୧୯୨୬: ବ୍ରାଜିଲ ଲିଗ୍ ଅଫ୍ ନେସନରୁ ଓହରିବା ପାଇଁ ନିଷ୍ପତ୍ତି ନେଲା।
- ୧୯୬୪: ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୋଧରେ ଆନ୍ଦୋଳନ କରୁଥିବା ନେତା ନେଲସନ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ।
- ୧୯୯୮ - ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିବାରୁ ଜି-୮ ଦେଶଗୁଡ଼ିକ ଉଭୟ ଦେଶକୁ ଋଣ ନ ଦେବା ପାଇଁ ନିଷ୍ପତ୍ତି ନେଲେ।
- ୨୦୦୨- ବାଳ ଶ୍ରମ ନିଷେଧ ଦିବସର ଆରମ୍ଭ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ଆର୍ଥିକ ସମସ୍ୟା ଦେଖା ଦେବ। ନୂତନ ଯାନବାହନ କିଣିପାରନ୍ତି।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପ୍ରେମ ବ୍ୟାପାରରେ ସଫଳତା ମିଳିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଉଧାର ଟଙ୍କା ଫେରି ପାଇବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବା ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

# ରଜ ରିଲିଜ୍

## 'ଅନନ୍ତା' ଓ 'ବୋଉ ବୁଟୁ ଭୂତ'





ରଜ ଅବସରରେ ଆଜି ମୁକ୍ତିଲାଭ କରୁଛି ଦୁଇଟି ନୂଆ ଓଡ଼ିଆ ସିନେମା 'ଅନନ୍ତା' ଓ 'ବୋଉ ବୁଟୁ ଭୂତ'। 'ଅନନ୍ତା' ସିନେମାର ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ଥିବା ବେଳେ 'ବୋଉ ବୁଟୁ ଭୂତ'ରେ ନଜର ଆସିବେ ବାବୁସାନ। ଏଥର ରଜରେ ସିନେମାକୁ ନେଇ ଏହି ଦୁଇ ନାୟକଙ୍କ ମଧ୍ୟରେ ଜବରଦସ୍ତ ଲଢ଼େଇ ହେବ। 'ଅନନ୍ତା'ର କାହାଣୀ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଦ୍ୱାରା ରଚିତ 'ରାଣ୍ଡୀ ପୁଅ ଅନନ୍ତା' ଉପରେ ଆଧାରିତ। ସିନେମାଟିର ନିର୍ଦ୍ଦେଶନାରେ ସବ୍ୟସାଚୀ ମହାପାତ୍ର ଅଛନ୍ତି। ଏହାର ସଂଳାପରେ ଡ. ରଜନୀ ରଞ୍ଜନ ଥିବା ବେଳେ ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ୍ ମଜୁମଦାର। ସବ୍ୟସାଚୀଙ୍କ ବିପକ୍ଷରେ ଏଥିରେ ନାୟିକା ଅଛନ୍ତି ସୂର୍ଯ୍ୟମୟୀ। ପୂର୍ବରୁ ସିନେମାର ନାଁକୁ ନେଇ ବିବାଦ ଦେଖା ଦେଇଥିଲା। ଏହାପରେ ନାଁ ପରିବର୍ତ୍ତନ କରାଯାଇ 'ଅନନ୍ତା' ରଖାଯାଇଛି। ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ଜ୍ୟୋତିମୟୀ, ତାପସ ସରଘରିଆ ପ୍ରମୁଖ ଅଛନ୍ତି। ତେବେ ସିନେମାଟି ରଜକୁ ଅଧିକ ମନୋରଞ୍ଜନଧର୍ମୀ କରିବା ଆଶା କରାଯାଉଛି।

ସେହିପରି ରଜକୁ ଅଧିକ ଆକର୍ଷଣୀୟ କରିବ ବାବୁସାନଙ୍କ ଅଭିନୀତ ସିନେମା 'ବୋଉ ବୁଟୁ ଭୂତ'। ଏହି ସିନେମା ମାଧ୍ୟମରେ ଦୀର୍ଘ ବର୍ଷ ପରେ ବାବୁସାନ ଏବଂ ଅର୍ଚ୍ଚିତାଙ୍କ ଯୋଡ଼ିକୁ ଦେଖିବାକୁ ମିଳିବ। 'ବାବୁସାନ ଫିଲ୍ମ' ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନାରେ ଜଗଦୀଶ ମିଶ୍ର ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ତୃପ୍ତି ଶତପଥୀ। ସିନେମାରେ ଅପରାଜିତା ଓ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ଦେଖିବାକୁ ମିଳିବ। ସିନେମାର ରିଲିଜ୍ ପୂର୍ବରୁ ବାବୁସାନ ଏବଂ କୁକିଜଙ୍କ ଅଭିନୀତ 'ଡୁଙ୍ଗୁ ଥିଲି' ଗୀତଟି ସୁପରହିଟ୍ ହୋଇଛି। ତେବେ ଏହି ଦୁଇ ସିନେମା ମଧ୍ୟରୁ ରଜରେ କେଉଁ ନାୟକଙ୍କ ସିନେମା ବାଜିମାତ୍ କରୁଛି, ତାହା ଦେଖିବାକୁ ବାକି ରହିଲା। ■

# ଜୁଲାଇ ୪ରେ 'ଶ୍ରୀଜଗନ୍ନାଥଙ୍କ ନବକଳେବର'



ଜୁଲାଇ ୪ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ସବୁଠୁ ବଡ଼ କାନ୍‌ଭାସ୍‌ର ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ବିନି ସାମଲଙ୍କ ନିର୍ଦ୍ଦେଶିତ ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର। ପ୍ରଯୋଜକ ଅଛନ୍ତି ଦିଲୀପ କୁମାର ଜେନା। ଜଗନ୍ନାଥଙ୍କ ମହିମା ଉପରେ ଏହା ଆଧାରିତ। ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବା ପାଇଁ କଳାକାର ଓ ଟେକ୍ନିସିଆନଙ୍କୁ ପ୍ରାୟ ତିନି ବର୍ଷ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଛି। ଏଥିରେ ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ,ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହା ନିର୍ମିତ। ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ଏଥିରେ କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ସତ୍ୟଜିତ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟବ୍ରତ ସାହୁ। ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବବି ଇସଲାମ ଓ ଜିତୁ ରାଉତ। ଚିତ୍ରୋତ୍ତଳନ କରିଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଦୃଶ୍ୟଗୁଡ଼ିକ ସୁକୁମାର ମଣିଙ୍କ ଦ୍ୱାରା ସମ୍ପାଦିତ ହୋଇଛି। କାର୍ଯ୍ୟକାରୀ ପ୍ରଯୋଜକର ଦାୟିତ୍ୱ ନିର୍ବାହ କରିଛନ୍ତି ପ୍ରଣୟ ଜେଠୀ। ପ୍ରଚାର ମୁଖ୍ୟ ଅଛନ୍ତି ହରପ୍ରସାଦ ମହାପାତ୍ର। ■

# 'ଲଢ଼େଇ'ରେ ପୁରୁଣା ପୋଷାକ



ସାଧାରଣତଃ ଫିଲ୍ମ ପାଇଁ କଷ୍ଟ୍ୟୁମ୍ ମ୍ୟାନ୍ ପୋଷାକ ତିଆରି କରନ୍ତି। ନଚେତ ପୋଷାକ କିଣା ହୋଇ ଆସେ। କିନ୍ତୁ ଚଳଚ୍ଚିତ୍ର 'ଲଢ଼େଇ'ରେ ଭିନ୍ନ କଥା ଦେଖିବାକୁ ମିଳିଛି। ପ୍ରାୟତଃ ପୋଷାକ ମଗା ହୋଇ ଆସିଛି। ସିନେମା ନୂଆ, ହେଲେ ଏହାର ପୋଷାକ ପୁରୁଣା। ପୂରା ସିନେମାରେ ଅଶି ଭାଗ ପୁରୁଣା ପୋଷାକକୁ ବ୍ୟବହାର କରାଯାଇଛି। ତେବେ ଏପରି କାହିଁକି ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ? 'ଲଢ଼େଇ'ର କାହାଣୀ ପ୍ରେମ ଓ ଅପରାଧର ପୃଷ୍ଠଭୂମି ଉପରେ ନିର୍ମିତ। ତେଣୁ ଚଳଚ୍ଚିତ୍ରର କାହାଣୀ ଓ ଚରିତ୍ର ଗୁଡ଼ିକର ଆବଶ୍ୟକତା ଅନୁଯାୟୀ ପୋଷାକ ଗୁଡ଼ିକକୁ ମାଗିକି ଅଣାଯାଇଛି। ଏହା ବଦଳରେ ଲୋକମାନଙ୍କୁ ନୂଆ ପୋଷାକ ଦିଆ ଯାଇଛି। ନିର୍ଦ୍ଦେଶକ ଅଶୋକ ପତି ସର୍ବଦା ବାସ୍ତବଧର୍ମୀ ଚଳଚ୍ଚିତ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଇଥାନ୍ତି। ଆଉ ଇଏ ତାହାର ସଦ୍ୟତମ ଉଦାହରଣ। ଅମିର ଖାନଙ୍କ ଅଭିନୀତ 'ପିକେ' ଫିଲ୍ମରେ ମଧ୍ୟ ଅନୁରୂପ ପନ୍ଥା ଆପଣା ଯାଇଥିଲା। ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ଅଭିନୀତ 'ଲଢ଼େଇ' ଶୀଘ୍ର ପରଦାକୁ ଆସିବାକୁ ଯାଉଛି। ଏହାର କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ଭାରଦ୍ୱାଜ ପଣ୍ଡା। ଡି.ଆର୍.ଏସ୍ ଏଣ୍ଟରପ୍ରାଇଜେସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି। ■

# ରଜରେ ଅଭିଷେକଙ୍କ ନୂଆ ଗୀତ



ଆସନ୍ତା ରଜରେ ମୁକ୍ତିଲାଭ କରିବ ଯୁବ ଗୀତିକାର ଏ.ବି. ଅଭିଷେକଙ୍କ ନୂଆ ଗୀତ 'ମୁଁ ସାଲେପୁର ନନୀ...'। ଏହି ଗୀତଟିରେ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଥିବା ବେଳେ ରୁଦ୍ର ପ୍ରସାଦ ନାୟକ ଏହାର ସଂଗୀତ ଭାର ସମ୍ଭାଳିଛନ୍ତି। ଚନ୍ଦ୍ରଶେଖର ଷ୍ଟୁଡ଼ିଓରେ ଏହାର ରେକର୍ଡିଂ ହୋଇଛି। ନିକଟ ଅତୀତରେ ରିଲିଜ୍ ହୋଇଥିବା ଅଭିଷେକଙ୍କ 'ତୁ ମୋ ନୂଆ ବୋହୂ...' ଗୀତଟି ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଏହି ଗୀତରେ କଣ୍ଠଦାନ କରିଥିଲେ ଏସ୍. ଜିତୁ ଓ ରାଜଶ୍ରୀ। ଜେ.ଏନ୍ ପଦ୍ମ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ସେଭଳି ଅଭିଷେକଙ୍କ ରଚିତ 'ଏତେ ସୁନ୍ଦରୀ କେମିତି ହେଲା', 'ମୁଁ ମରିଯାଏ କି ଆଉ', 'ମା ତୁ ମୋ ସ୍ପନ୍ଦନ', 'ଇଟିକିଲି ମିଟିକିଲି' ଆଦି ଗୀତଗୁଡ଼ିକ ମଧ୍ୟ ବେଶ୍ ଲୋକାଦୃତ ହୋଇପାରିଛି। ■

### ପରଦା ପଛର କାହାଣୀ

# ଫିଲ୍ମ ସୁଟିଂ ପାଇଁ ୫୦ ଦିନ ଥିଲେ ଅଗାଧୁଆ



ସାଧାରଣତଃ କଳାକାରଙ୍କୁ ଫିଲ୍ମ ପାଇଁ ନାନା କଷ୍ଟ ସହିବାକୁ ପଡ଼ିଥାଏ। ସେମିତି ଜଣେ କଳାକାର ହେଉଛନ୍ତି ମୁକେଶ ତିୱାରୀ। ଫିଲ୍ମ ସୁଟିଂ ପାଇଁ ସେ ୫୦ ଦିନ ପର୍ଯ୍ୟନ୍ତ ଗାଧୋଇ ନଥିଲେ। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଏତେ ଖରାପ ହୋଇଯାଇଥିଲା ଯେ, ଲୋକେ ତାଙ୍କୁ ଦେଖି ଡରୁଥିଲେ। ତେବେ ସେ ଏହି ଫିଲ୍ମରେ ହିରୋ ନୁହେଁ, ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଚାଇନା ଗେଟ୍' ବକ୍ସ ଅଫିସ୍‌ରେ ଆଶାଜନକ ସଫଳତା ହାସଲ କରି ନଥିଲେ ମଧ୍ୟ, ଖଳନାୟକଙ୍କ ଦମ୍‌ଦାର୍ ଅଭିନୟ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଥିଲା। ଫିଲ୍ମ ମୁକ୍ତିଲାଭ କରିବାର ୨୭ ବର୍ଷ ପରେ ମଧ୍ୟ 'ଜାଗିରା' ଚରିତ୍ରର ସଂଳାପ ଏବେ ମଧ୍ୟ ଲୋକଙ୍କ ମୁଖରେ ରହିଛି। ଏହି ଫିଲ୍ମରେ ଅନେକ ପ୍ରତିଷ୍ଠିତ କଳାକାର ଥିବା ସତ୍ତ୍ୱେ ମୁକେଶ ତାଙ୍କ ଅଭିନୟର ଯାଦୁରେ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରି ଅଭିନୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଏହା ଥିଲା ତାଙ୍କର ପ୍ରଥମ ଫିଲ୍ମ। ଏହି ଫିଲ୍ମର ଦୁର୍ଦ୍ଦାନ୍ତ ଡାକୁ 'ଜାଗିରା' ଚରିତ୍ରରେ ଅଭିନୟ ପାଇଁ ସେ କଠିନ ପରିଶ୍ରମ କରିଥିଲେ। 'ଜାଗିରା' ଏକ ପାହାଡ଼ରେ ରହୁଥିଲା। ଏହି ଚରିତ୍ରକୁ ପରଦାରେ ଜୀବନ୍ତ କରିବା ପାଇଁ ମୁକେଶ ୫୦ ଦିନ ଧରି ଗାଧୋଇ ନଥିଲେ। ଜାଗିରା ଚରିତ୍ରକୁ ପରଫେକ୍ଟ କରିବା ପାଇଁ ସେ ନିଜକୁ ଅପରିଷ୍କାର ରଖିଥିଲେ। ଦେହର ଦୁର୍ଗନ୍ଧକୁ ଦୂରେଇ ରଖିବା ପାଇଁ ପରଫ୍ୟୁମ୍ ବ୍ୟବହାର କରୁଥିଲେ। ସୁଟିଂ ସମୟରେ ପାହାଡ଼ ଉପରେ ଚିଲ, ଶାଗୁଣା ତାଙ୍କ ଆଖପାଖରେ ଉଡୁଥିବାର ଦେଖିବାକୁ ମିଳିଥିଲା। ତାଙ୍କର ଦାଢ଼ି ଓ ଲମ୍ବା କେଶ ଦେଖି ଲୋକମାନେ ତାଙ୍କ ପାଖକୁ ଯିବାକୁ ଭୟ କରୁଥିଲେ। ଏହି ଫିଲ୍ମର ଏକ ସଂଳାପ "ମେରେ ମନ କା ଭାୟା, ମେନେ କୁତ୍ତା କାଟ କର ଖାୟା" ସଂଳାପ ଖୁବ୍ ଲୋକପ୍ରିୟ ହୋଇଥିଲା। ■





# "କାମ ଶିଖିବାର ମନୋବୃତ୍ତି ସର୍ବଦା ରହିବା ଆବଶ୍ୟକ"

**ଅନିଷା ପଟ୍ଟନାୟକ, ଅଭିନେତ୍ରୀ**

ନୃତ୍ୟ, ଗୀତ ଓ ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରୁଥିଲେ। ଅନେକ ସୁନ୍ଦରୀ ପ୍ରତିଯୋଗିତାରେ ସେ ଭାଗ ନେଇଛନ୍ତି। 'ଅଞ୍ଜଳି' ତାଙ୍କର ପ୍ରଥମ ଧାରାବାହିକ। ସ୍ୱଳ୍ପ ସମୟ ମଧ୍ୟରେ ନିଜ ହୃଦୟସ୍ପର୍ଶୀ ଅଭିନୟ ପାଇଁ ନାଁ କମାଇଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଣପୁରର ଅନିଷା ପଟ୍ଟନାୟକ। 'କିଏ ପର କିଏ ଆପଣାର', 'ଖୁସିର ଛୁଙ୍କ', 'ସୁହାଗ ସିନ୍ଦୂର', 'ମୋ ଶାଶୂର ଶାଶୂମା' ଆଦି ଅନେକ ଧାରାବାହିକରେ ସେ କାମ କରିସାରିଛନ୍ତି। ଏବେ 'ସାଥି ସାତ ଜନ୍ମର' ଧାରାବାହିକରେ ଉପାସନା ଚରିତ୍ରରେ ଘରେ ଘରେ ପରିଚିତ। ଏଭଳି ଜଣେ ପ୍ରତିଭାମୟୀଙ୍କ ସହ କିଛି ଆଳାପ...।

**ଅଭିନୟ ଜଗତକୁ ଆସିବା ପାଇଁ କାହିଁକି ଆଗ୍ରହ ପ୍ରକାଶ କଲେ?**

କଲେଜରେ ପଢ଼ିବା ସମୟରେ ଡ୍ରାମାରେ ଭାଗ ନେଉଥିଲେ। ଏକକ ଅଭିନୟ, ନାଚ, ଗୀତରେ ମଜୁଥିବା ଝିଅଟି ଧୀରେ ଧୀରେ ଅଭିନୟ କରିବାକୁ ମନ ବଳାଇଥିଲା। ବିଭିନ୍ନ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ତନ୍ମଧ୍ୟରୁ 'ପ୍ୟାଣ୍ଟାଲୁନ୍ ମିସ୍ ରଜ୍'ରେ ମୁଁ ଶ୍ରେଷ୍ଠ ପାଞ୍ଚ ତାଲିକାରେ ଥିଲି। 'ମିସ୍ ଟିନ୍ ଇଣ୍ଡିଆ ଓଡ଼ିଶା', 'ଭୁବନେଶ୍ୱର ଫ୍ୟାଶନ ରଜ୍', ଆଦି ଶୋ'ଗୁଡ଼ିକରେ ନିଜର ପ୍ରତିଭା ପ୍ରଦର୍ଶିତ କରିଛି। ଏଥିରୁ ଲୋକସମ୍ପର୍କ ବଢ଼ିବାରୁ ସେମାନେ ଧାରାବାହିକରେ କାମ କରିବାକୁ ପରାମର୍ଶ ଦେଇଥିଲେ। ସୌଭାଗ୍ୟବଶତଃ 'ଅଞ୍ଜଳି' ଧାରାବାହିକରେ କାମ କରିବାକୁ 'ଜି ସାର୍ଥକ' ପକ୍ଷରୁ ପ୍ରଥମେ ଯୋଗାଯୋଗ କରାଯାଇଥିଲା। ସେବେଠୁ ଏହି ଯାତ୍ରା ଚାଲିଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

ପ୍ରଥମ ଦିନ କ୍ୟାମେରା ସାମ୍ନାରେ ସଂଳାପ ଠିକ୍ ଭାବେ ମନେ ପଡ଼ି ନଥିଲା। ଏଥିପାଇଁ ବହୁ ଅଭ୍ୟାସ କରିଥିଲି। ଧାରାବାହିକର ନିର୍ଦ୍ଦେଶକ ମୋତେ ହାତ ଧରି କାମ ଶିଖାଇଥିଲେ। ଆଜି ବି ମୁଁ କାମ ଶିଖୁଛି।

**'ସାଥି ସାତ ଜନ୍ମର'ରେ ଉପାସନା ଚରିତ୍ରକୁ ନେଇ କ'ଣ କହିବେ?**

ଯେତେ ବି ଧାରାବାହିକ କରିଛି, ସବୁଥିରେ ପରିବାରର ଏକ ମୁଖ୍ୟ ଚରିତ୍ର ମୋତେ ମିଳିଥାଏ। ପରିବାରରେ ଯେତେବେଳେ କୌଣସି ସମସ୍ୟା ହୁଏ, ସମାଧାନ କରିବାକୁ ମୋତେ ଖୋଜା ପଡ଼ିଥାଏ। ଠିକ୍ ଏହି ଭାବେ 'ସାଥି ସାତ ଜନ୍ମର' ସିରିଏଲ୍‌ରେ ନାୟିକାର ମଝିଆ ଭଉଣୀ (ଉପାସନା) ଚରିତ୍ର ମିଳିଛି। ଉପାସନା ମଧ୍ୟବିତ୍ତ ପରିବାରର ଜଣେ ଆଧୁନିକ ଝିଅ। ସେ ଚାକିରି କରିଛି, ଆଧୁନିକତାରେ ବଞ୍ଚିବାକୁ ଚେଷ୍ଟା କରୁଥିବାବେଳେ ଘର ଲୋକଙ୍କୁ ତାହା ପସନ୍ଦ ନୁହେଁ। ତାକୁ ବିଭିନ୍ନ କଥାରେ କଟକଣା କରାଯାଉଛି। ଧାରାବାହିକରେ ଏବେ ଉପାସନାର କାହାଣୀ ଚାଲିଛି। ଭୁଲ୍ କାମ କରି ଘର ଲୋକଙ୍କଠାରୁ ମାଡ଼ ଖାଉଛି, ରାଗି କରି ଘରୁ ପଳାଉଛି। ତେବେ ଆଗକୁ ଏଥିରେ ଅନେକ ଟୁଇଷ୍ଟ ଦେଖିବାକୁ ମିଳିବ।

**ନିଜ କାମକୁ କେତେ ଗୁରୁତ୍ୱ ଦିଅନ୍ତି?**

ପ୍ରତ୍ୟେକ ଧାରାବାହିକର ନିର୍ଦ୍ଦେଶକ ହେଉଛନ୍ତି ମୁଖ୍ୟ। ସେ ହିଁ ଚରିତ୍ରକୁ ଅଧିକ ଆଗକୁ ନେବାକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି। ଜଣେ କଳାକାରର ଦକ୍ଷତା ଅନୁସାରେ ତାକୁ ସୁଯୋଗ ମଧ୍ୟ ଦିଅନ୍ତି। ତେଣୁ ଯେତେ କାମ କଲେ ବି ନୂଆ ସ୍ଥାନ ଓ ନୂଆ ନିର୍ଦ୍ଦେଶକଙ୍କ ପାଖରୁ କାମ ଶିଖିବାର ମନୋବୃତ୍ତି ମୋର ସର୍ବଦା ରହିଥାଏ। ସବୁ ଧାରାବାହିକରୁ ନୂଆ ନୂଆ ଶିକ୍ଷା ପାଇଛି। ହୁଏତ ଏହି ଗୁଣ ଯୋଗୁଁ 'କିଏ ପର କିଏ ଆପଣାର' ଧାରାବାହିକରେ ଦୃଶ୍ୟ ସମୟ ବୃଦ୍ଧି କରା ଯାଇଥିଲା।

**ସେଟ୍ ଆଉ ପରିବାର ମଧ୍ୟରେ କିଭଳି ସମନ୍ୱୟ ରଖନ୍ତି?**

ଅନିଷା ଧାରାବାହିକରେ ଝିଅ, ହେଲେ କାହା ଘରର ସେ ବୋହୂ। ତେଣୁ ସେ ସେଟ୍‌ରେ ନିଜ ଚରିତ୍ରକୁ ଗୁରୁତ୍ୱ ଦିଏ। ଆଉ ଶାଶୂଘରେ ବୋହୂର ଭୂମିକା ନିଭାଏ। ଦୁଇଟିକୁ ତୁଲାଇବାକୁ ପଡ଼ିଥାଏ। ସୁଟିଂରେ ବ୍ୟସ୍ତତା ଭିତରୁ ଟିକେ ଫୁରସତ୍ ମିଳିଲେ ସ୍ୱାମୀଙ୍କ ସହ ସମୟ ଅତିବାହିତ କରେ।

**ଆଗାମୀ ଯୋଜନା?**

ଏହି ଧାରାବାହିକ କରିବାର ୫ ମାସ ହେଲାଣି। ଏବେର ଚରିତ୍ରକୁ ଗୁରୁତ୍ୱ ଦେଉଛି। ପରିବାର ଓ ଧାରବାହିକରୁ ବାହାରି ଅନ୍ୟ କିଛି ଭାବିବାକୁ ଏବେ ଫୁରସତ୍ ନାହିଁ। ■

**ଅନିଷାଙ୍କ ଅଭୁଲା ସ୍ମୃତି?**

'କିଏ ପର କିଏ ଆପଣାର'ର 'ପିଆଲି' ଚରିତ୍ର ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ। ଏହି ଚରିତ୍ରକୁ ଦର୍ଶକ ବହୁତ ଭଲ ପାଇବା ଦେଇଛନ୍ତି। ଏହି ଶୋ' ଶେଷ ହେବାର ଦୁଇ ଦିନ ପରେ କଟକରୁ ଟ୍ରେନ୍‌ରେ ଫେରୁଥାଏ। ଏକ ଡାକ୍ତରୀ ଦମ୍ପତ୍ତି ମୋତେ 'ପିଆଲି' ବୋଲି ସମ୍ବୋଧନ କରି ଟ୍ରେନ୍‌ରେ ଦୀର୍ଘ ସମୟ କଥା ହୋଇଥିଲେ। ସେ ଶୋ'ର ଶେଷ ଦୃଶ୍ୟ ବିଷୟରେ ପଚାରି ବୁଝିଥିଲେ। ଦର୍ଶକ ମୋତେ ମୋ ନିଜ ନାଁ ନୁହେଁ ବରଂ 'ପିଆଲି' ନାଁରେ ଚିହ୍ନୁଛନ୍ତି।

## ଏଫ୍ଆଇଏଚ୍ ପ୍ରୋ ଲିଗ୍ | ହରମନ୍‌ପ୍ରୀତ୍‌ଙ୍କ ଡବଲ୍ ଗୋଲ୍ ସତ୍ତ୍ୱେ ହ୍ୟାଟ୍ରିକ୍ ପରାଜୟ



ଆମଷ୍ଟେଲଭିନ (ନେଦରଲାଣ୍ଡସ), ୧୧।୬ (ଏଜେନ୍ସି): ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ୨୦୨୪-୨୫ ସଂସ୍କରଣରେ ଭାରତୀୟ ପୁରୁଷ ହକି ଦଳ ୟୁରୋପ୍ ପର୍ଯ୍ୟାୟରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ପରାଜୟବରଣ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଆର୍ଜେଣ୍ଟିନା ୪-୩ ଗୋଲରେ ଭାରତକୁ ପରାସ୍ତ କରିଛି। ପୂର୍ବରୁ ୟୁରୋପ୍ ପର୍ଯ୍ୟାୟର ପ୍ରଥମ ଦୁଇ ମ୍ୟାଚରେ ଘରୋଇ ନେଦରଲାଣ୍ଡସଠାରୁ କ୍ରମାଗତ ୨ଟି ମ୍ୟାଚ (୨-୧ ଓ ୩-୨ ଗୋଲ୍)ରେ ଭାରତ ହାରିଥିଲା। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୧୧ ମ୍ୟାଚ୍ ଖେଳି ୬ ପରାଜୟ ଓ ୫ ବିଜୟ ସହ ୧୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଗୁରୁବାର ପୁଣିଥରେ ଆର୍ଜେଣ୍ଟିନା ସହ ଖେଳିବ। ବୁଧବାର ଅନୁଷ୍ଠିତ ମ୍ୟାଚର ୩ୟ ମିନିଟ୍‌ରେ ମାଟିଆସ୍ ରେଙ୍କ ଗୋଲ୍ ବଳରେ ଆର୍ଜେଣ୍ଟିନା ୧-୦ରେ ଅଗ୍ରଣୀ ରହିଥିଲା। ତେବେ ସେହି ପ୍ରଥମ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ୍ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ଆକ୍ରମଣାତ୍ମକ ପ୍ରଦର୍ଶନ ଜାରି ରଖି ଦ୍ୱିତୀୟ ଗୋଲ୍ ଦେଇଥିଲା। ୧୭ତମ ମିନିଟ୍‌ରେ ଲୁକାସ ମାର୍ଟିନେଜ ଏହି ଗୋଲ୍‌ଟି ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୨-୧ରେ ଆଗୁଆ କରାଇଥିଲେ। ତେବେ ପୁଣିଥରେ ହରମନପ୍ରୀତ୍ ଭାରତ ପାଇଁ ରକ୍ଷାକର୍ତ୍ତା ସାଜି ଦ୍ୱିତୀୟ ଗୋଲ୍ ଦେଇଥିଲେ। ୩୩ତମ ମିନିଟ୍‌ରେ ପେନାଲ୍ଟି ଷ୍ଟୋକ୍ ମିଳିଥିବାବେଳେ ହରମନପ୍ରୀତ୍ ଏହି ଗୋଲ୍ ସ୍କୋର କରି ୨-୨ ସ୍ଥିତିକୁ ଆଣିଥିଲେ। କିନ୍ତୁ ଗୋଟିଏ ମିନିଟ୍ ପରେ ସାଣ୍ଟିଆଗୋ ତାରାଜୋନାଙ୍କ ଗୋଲ୍ ଆର୍ଜେଣ୍ଟିନାକୁ ୩-୨ରେ ପୁଣିଥରେ ଅଗ୍ରଣୀ ଦେଇଥିଲା। ଅଭିଷେକଙ୍କ ଗୋଲ୍ ବଳରେ ଭାରତ ପୁଣିଥରେ ମ୍ୟାଚକୁ ୩-୩ର ସମାନସ୍ଥିତିକୁ ଆଣିଥିଲା। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଲୁସିଓ ମେଣ୍ଡେଜ ଆର୍ଜେଣ୍ଟିନା ପାଇଁ ବିଜୟସୂଚକ ୪ର୍ଥ ଗୋଲ୍‌ଟି ଦେଇଥିଲେ।

## ପୁଣି ବେଲ୍‌ଜିୟମକୁ ହରାଇଲା ଭାରତ

ହକିରେ ମିଶ୍ରିତ ଫଳାଫଳ



ଅନ୍ତୱର୍ପ, ୧୧।୬ (ଏଜେନ୍ସି): ୟୁରୋପ୍ ଗସ୍ତରେ ଥିବା ଭାରତୀୟ ଜୁନିଅର ମହିଳା ହକି ଦଳ ବିଜୟଧାରା ଜାରି ରଖି ପୁଣିଥରେ ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଛି। ବୁଧବାର ଭାରତ ୨-୧ ଗୋଲରେ ବେଲ୍‌ଜିୟମ ବିପକ୍ଷରେ ବିଜୟ ହାସଲ କରିଛି। ପୂର୍ବରୁ ଏହି ଗସ୍ତର ପ୍ରଥମ ମୁକାବିଲାରେ ମଧ୍ୟ ଭାରତ ୩-୨ ଗୋଲ୍‌ରେ ବେଲ୍‌ଜିୟମକୁ ମାତ୍ ଦେଇଥିଲା। ଏହି ଗସ୍ତର ଶେଷ ମ୍ୟାଚ୍‌ରେ ଭାରତ ଗୁରୁବାର ପୁଣିଥରେ ବେଲ୍‌ଜିୟମ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ବୁଧବାର ଭାରତ ଓ ବେଲ୍‌ଜିୟମ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ପ୍ରଥମ ଦୁଇ କ୍ୱାର୍ଟର ତଥା ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ତେବେ ୩୫ତମ ମିନିଟ୍‌ରେ ଲାଲଥାଣ୍ଟଲୁଆଙ୍ଗିଙ୍କ ଗୋଲ୍ ବଳରେ ଭ୍ରମଣକାରୀ ଭାରତ ଖାତା ଖୋଲିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ବେଲ୍‌ଜିୟମ ଏହି ଗୋଲ୍‌ଟି ଶୁଝି ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲା। ୪୮ତମ ମିନିଟ୍‌ରେ ଭାନ ହେଲେମୋଣ୍ଟ ଏହି ଗୋଲ୍‌ଟି ଦେଇଥିଲେ। କିନ୍ତୁ ଏହାର ୨ ମିନିଟ୍ ପରେ ଗୀତା ଯାଦବ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତକୁ ୨-୧ରେ ଜିତାଇଥିଲେ।

## ଡବ୍ଲ୍ୟୁଟିସି ଫାଇନାଲ | ଅଷ୍ଟ୍ରେଲିଆକୁ ୨୧୨ରେ ଅଟକାଇଲେ ରାବାଡା

ଲର୍ଡ୍ସ, ୧୧।୬ (ଏଜେନ୍ସି):



ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୩ୟ ସଂସ୍କରଣର ଫାଇନାଲ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଉଥିବା ଫାଇନାଲ ମୁକାବିଲାରେ ଦ୍ରୁତ ବୋଲର କାଗିସୋ ରାବାଡାଙ୍କୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୨୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଷ୍ଟମ୍ପ ସୁଦ୍ଧା ୨୨ ଓଭରରେ ୪ ୱିକେଟ୍ ହରାଇ ୪୩ ରନ କରି ବିପର୍ଯ୍ୟୟର

### ପ୍ରଥମ ଦିନରେ ୧୪ ୱିକେଟ୍ ପତନ

ସମ୍ମୁଖୀନ ହୋଇଛି। ଅଧିନାୟକ ତେମ୍ବା ବଭୁମା ୩ ଓ ଡେଭିଡ୍ ବେଡିଂହାମ ୮ ରନରେ ଅପରାଜିତ ରହିଛନ୍ତି। ପାଳି ଅଗ୍ରଣୀ ଲାଗି ଦକ୍ଷିଣ ଆଫ୍ରିକା ଆହୁରି ୧୭୦ ରନ ଆବଶ୍ୟକ କରୁଛି।

ଏହି ଫାଇନାଲ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ କିନ୍ତୁ ୧୨ ରନ ମଧ୍ୟରେ ଓପନର୍ ଉସମାନ ଖୱାଜା ଓ କାମେରନ ଗ୍ରୀନ (୪ ରନ)ଙ୍କ ୱିକେଟ୍ ହରାଇଥିଲା। ଉଭୟଙ୍କୁ ଆଉଟ୍ କରି ରାବାଡା ଦକ୍ଷିଣ ଆଫ୍ରିକାକୁ ଦମ୍‌ଦାର ଆରମ୍ଭ ଦେଇଥିଲେ। ଖୱାଜା ୨୦ଟି ବଲ୍ ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଏହାପରେ ବାମହାତୀ ଦ୍ରୁତ ବୋଲର ମାର୍କୋ ଜାନସେନ ଅନ୍ୟତମ ଓପନର୍ ମାର୍ନସ ଲାବୁଶ୍ଚେନ (୧୭ ରନ) ଓ ଟ୍ରାଭିସ୍ ହେଡ୍ (୧୧ ରନ)ଙ୍କୁ ଆଉଟ୍ କରି କଙ୍ଗାରୁ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ତେବେ ଏହି ସମୟରେ ଅଭିଜ୍ଞ ଷ୍ଟିଭ ସ୍ମିଥ୍‌ଙ୍କ ସହ ବିଉ ୱେବଷ୍ଟର ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ। ଉଭୟ ୫ମ ୱିକେଟ୍‌ରେ ୭୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଧୈର୍ଯ୍ୟର ସହ ଖେଳୁଥିବା ସ୍ମିଥ୍‌ଙ୍କୁ ୬୬ ରନରେ ଆଉଟ୍ କରି ଆଇଡେନ ମାର୍କରାମ ଏହି ଯୋଡ଼ି ଭାଙ୍ଗିଥିଲେ। ତେବେ ନିମ୍ନକ୍ରମର ବ୍ୟାଟରଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ୫୬.୪ ଓଭରରେ ୨୧୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅଷ୍ଟ୍ରେଲିଆ ଏହାର ଶେଷ ୫ ୱିକେଟ୍ ୨୦ ରନରେ ହରାଇଥିଲା। ୱେବଷ୍ଟର ସର୍ବାଧିକ ୭୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍ସ କେରୀ ୨୩ ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କ ୧ ରନ ଲେଖାଏ କରିଥିଲେ। ବୋଲିଂରେ ରାବାଡା ସର୍ବାଧିକ ୫, ଜାନସେନ ୩ଟି ଏବଂ ମାର୍କରାମ ଓ କେଶବ ମହାରାଜ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ଡବ୍ଲ୍ୟୁଟିସି ଫାଇନାଲରେ ୫ ୱିକେଟ୍ ସଫଳତା ପାଇବାରେ ରାବାଡା ବିଶ୍ୱର ୨ୟ ବୋଲର ହୋଇଛନ୍ତି। ପୂର୍ବରୁ ୨୦୨୧ ଫାଇନାଲରେ ନ୍ୟୁଜିଲାଣ୍ଡର କାଏଲ ଜାମିସନ ଭାରତ ବିପକ୍ଷରେ ଏହି ସଫଳତା ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ପାଳି:** ୨୧୨/୧୦ (ୱେବଷ୍ଟର-୭୨, ସ୍ମିଥ- ୬୬, କେରୀ- ୨୩, ହେଡ୍ ୧୧, ଲାବୁଶ୍ଚେନ- ୧୭, ରାବାଡା- ୫/୫୧, ଜାନସେନ- ୩/୪୯)।

**ଦ.ଆଫ୍ରିକା ପ୍ରଥମ ପାଳି:** ୪୩/୪, (ମାର୍କରାଜ-୦, ର୍‌ୟାନ ରିକ୍ଲେଟନ- ୧୬, ୱିଆନ ମଲଡର- ୬, ଷ୍ଟବ୍ସ-୨, ଷ୍ଟାର୍କ- ୨/୧୦)।

### ଲର୍ଡ୍ସରେ ସ୍ମିଥ୍‌ଙ୍କ କୃତିତ୍ୱ



ଭ୍ରମଣକାରୀ ବ୍ୟାଟର୍ ଭାବେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ରନ କରିବାର ରେକର୍ଡ କରିଛନ୍ତି। ଡବ୍ଲ୍ୟୁଟିସି ଫାଇନାଲରେ ସେ ୬୬ ରନର ପାଳି ଖେଳିଥିଲେ। ଏଥିସହ ଲର୍ଡ୍ସ ଗ୍ରାଉଣ୍ଡରେ ସ୍ମିଥ ଟେଷ୍ଟରେ ୧୦ ପାଳି ଖେଳି ୫୯୧ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ଏହି ଆଇକନିକ ଗ୍ରାଉଣ୍ଡରେ ୩ଟି ଅର୍ଦ୍ଧଶତକ ଓ ୨ଟି ଶତକ ଲିପିବଦ୍ଧ ରହିଛି। ଭ୍ରମଣକାରୀ ବ୍ୟାଟର୍ ଭାବେ ସେ ଏହି ଗ୍ରାଉଣ୍ଡରେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ୱାରେନ ବାର୍ଡସଲୀ (୫୭୫ ରନ)ଙ୍କ ନାମରେ ରହିଥିଲା। ୱେଷ୍ଟଇଣ୍ଡିଜର ଗ୍ୟାରୀ ସୋବର୍ସ (୫୭୧ ରନ), ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ (୫୫୧) ଓ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପଲ (୫୧୨ ରନ) ଏହି ତାଲିକାରେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

## ■ ଆଜିଠୁ ଏମ୍‌ଏଲ୍‌ସି-୩
## ପୁରନ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ନିଯୁକ୍ତ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜର ବାମହାତୀ ବ୍ୟାଟର୍ ନିକୋଲସ ପୁରନ ସମସ୍ତଙ୍କୁ ଚକିତ କରି ମାତ୍ର ୨୯ ବର୍ଷ ବୟସରେ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। ତେବେ ଏହାର ଦିନକ ପରେ ତାଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି।



ଆମେରିକାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ର ତୃତୀୟ ସଂସ୍କରଣ ଲାଗି ପୁରନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଟିମ୍‌ର ଅଧିନାୟକ ନିଯୁକ୍ତ କରାଯାଇଛି। କାଇରନ ପୋଲାର୍ଡଙ୍କ ସ୍ଥାନରେ ପୁରନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଟିମ୍‌ର ନେତୃତ୍ୱ ଭାର ମିଳିଛି। ଏମ୍‌ଏଲ୍‌ସିର ୨୦୨୩ ସଂସ୍କରଣରେ ପୁରନ ୩୮୮ ରନ ସହ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଥିଲେ। ପୁରନଙ୍କ ବ୍ୟତୀତ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଦଳରେ ପୋଲାର୍ଡ, କ୍ୱିଣ୍ଟନ ଡିକକ୍, ରଶିଦ ଖାନଙ୍କ ଭଳି ତାରକା କ୍ରିକେଟର୍ ରହିଛନ୍ତି। ଏମ୍‌ଏଲ୍‌ସିର ୩ୟ ସଂସ୍କରଣ ଜୁଲାଇ ୧୩ରେ ଉଦ୍‌ଯାପିତ ହେବ। ଲିଗ୍ ଓ ଫାଇନାଲକୁ ମିଶାଇ ଏଥର ମୋଟ୍ ୩୪ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## କାଉଣ୍ଟି ଖେଳିବେ ତିଲକ, ଋତୁରାଜ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଦୁଇ ଭାରତୀୟ ବ୍ୟାଟର୍ ତିଲକ ବର୍ମା ଓ ଋତୁରାଜ ଗାଏକ୍ୱାଡ ଇଂଲଣ୍ଡର ଘରୋଇ ପ୍ରତିଯୋଗିତା କାଉଣ୍ଟି କ୍ରିକେଟ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି।




ଆଇପିଏଲ୍ ଦଳ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଅଧିନାୟକ ଋତୁରାଜ କାଉଣ୍ଟି ଚାମ୍ପିଅନସିପ୍‌ରେ ସେ ୟର୍କଶାୟର ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ଆସନ୍ତା ମାସରେ ସରେ ବିପକ୍ଷ ମ୍ୟାଚ୍ ଖେଳି ସେ କାଉଣ୍ଟି କ୍ରିକେଟରେ ପାଦ ଥାପିବେ। କାଉଣ୍ଟି ସିଜନ ଶେଷରେ ହେବାକୁ ଥିବା 'ୱାନ-ଡେ କପ୍' ପର୍ଯ୍ୟନ୍ତ ସେ ୟର୍କଶାୟର ପାଇଁ ଖେଳିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ବାମହାତୀ ବ୍ୟାଟର୍ ତିଲକ ହାମ୍ପଶାୟର କ୍ଲବରୁ ଖେଳିବେ ବୋଲି ଜଣାପଡ଼ିଛି। ଜୁନ ୧୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ସେ ହାମ୍ପଶାୟର ପାଇଁ ଖେଳିବେ। ଏଥିଲାଗି ବିସିସିଆଇ ଓ ତିଲକଙ୍କ ଘରୋଇ କ୍ରିକେଟ୍ ସଂଘ ହାଇଦରାବାଦ ପକ୍ଷରୁ ତାଙ୍କୁ ସବୁଜ ସଙ୍କେତ ମିଳିସାରିଛି। ଏହି ଅବଧିରେ ସେ ୪ ଦିବସୀୟ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବେ। ତେବେ ହାମ୍ପଶାୟର ପାଇଁ ସୀମିତ ଓଭର ଫର୍ମାଟ୍‌ରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

## ଆଇସିସି ଟି-୨୦ ର୍‌ୟାଙ୍କିଙ୍ଗ୍ | ସୂର୍ଯ୍ୟକୁମାର ଖସିଲେ; ବରୁଣ ସ୍ଥିର

ଦୁବାଇ, ୧୧।୬ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍‌ୟାଙ୍କିଙ୍ଗ୍‌ରେ ବ୍ୟାଟିଂ ତାଲିକାରେ ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଅବନତି ଦେଖିବାକୁ ମିଳିଛି। ସୂର୍ଯ୍ୟକୁମାର ଗୋଟିଏ ପାହାଚ ଖସି ଟପ୍-୫ରୁ ବାହାରି ୬ଷ୍ଠ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ ୧୪ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ରହିଛନ୍ତି। ସେହିଭଳି ଇଂଲଣ୍ଡର ବେନ୍ ଡକେଟ୍ ଏକାଥରକେ ୪୮ଟି ପାହାଚ ଲମ୍ଫ ପ୍ରଦାନ କରି ୬୨ରୁ ୧୬ତମ ସ୍ଥାନକୁ ଉଠିଛନ୍ତି। ଅପରପକ୍ଷରେ ଟି-୨୦ ବୋଲିଂ ତାଲିକାରେ ଶୀର୍ଷ ଭାରତୀୟ ଭାବେ ବରୁଣ ଚକ୍ରବର୍ତ୍ତୀ ୩ୟ ସ୍ଥାନରେ ସ୍ଥିର ରହିଛନ୍ତି।

## ■ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ
## କ୍ରିକେଟରେ ୬ଟି ଦଳ ଭାଗନେବା ଉପରେ ଆଇସିସିର ଗୁରୁତ୍ୱ

ଦୁବାଇ,୧୧।୬(ଏଜେନ୍ସି): ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ ଇଭେଣ୍ଟର ପୁରୁଷ ଓ ମହିଳା ପ୍ରତିଯୋଗିତାରେ ବିଶ୍ୱରେ ଶ୍ରେଷ୍ଠ ୬ଟି ଦଳ ଅଂଶଗ୍ରହଣ କରିବା ଉପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଗୁରୁତ୍ୱ ଦେଇଛି। ଯଦି ଆବଶ୍ୟକ ପଡ଼େ ଆୟୋଜକ ଆମେରିକାକୁ ଏଥିରୁ ବାଦ୍ ଦିଆଯିବାରେ କୌଣସି ସମସ୍ୟା ନାହିଁ ବୋଲି କାର୍ଯ୍ୟକାରୀ କମିଟିର ସଦସ୍ୟ ସୁମୋଦ ଦାମୋଦର କହିଛନ୍ତି। ଉଲ୍ଲେଖଥାଉ କି, ୧୯୦୦ ପରେ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ କ୍ରିକେଟ ଖେଳାଯିବ। ଟି-୨୦ ଫର୍ମାଟ୍‌ରେ ୬ଟି ଲେଖାଏ ପୁରୁଷ ଓ ମହିଳା ଦଳଗୁଡିକ ପଦକ ପାଇଁ ଅବତୀର୍ଣ୍ଣ ହେବେ। ଆୟୋଜକ ଆମେରିକାର ଆଇସିସି ଟି-୨୦ ପୁରୁଷ ମାନ୍ୟତାରେ ୧୭ ଓ ମହିଳାରେ ୨୪ତମ ସ୍ଥାନରେ ରହିଛି। ତେଣୁ ଇଭେଣ୍ଟରେ ଆମେରିକାରୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ କି ନା ସେ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି।

## ପାୱେଲଙ୍କ ଅର୍ଦ୍ଧଶତକ ବ୍ୟର୍ଥ; ଇଣ୍ଡିଜର ହ୍ୟାଟ୍ରିକ ପରାଜୟ | ଟି-୨୦ ସିରିଜରେ ଇଂଲଣ୍ଡର କ୍ଲିନ ସୁଇପ୍

ସାଉଥାମ୍ପଟନ,୧୧।୬ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ୩ୟ ଟି-୨୦ ମ୍ୟାଚକୁ ଇଂଲଣ୍ଡ ୩୭ ରନରେ ଜିତିନେଇଛି। ରୋଭମାନ ପାୱେଲ ଅପରାଜିତ ୭୪ ରନର ପାଳି ଖେଳିଥିଲେ ମଧ୍ୟ ୱେଷ୍ଟଇଣ୍ଡିଜକୁ ହ୍ୟାଟ୍ରିକ ପରାଜୟରୁ ରକ୍ଷା କରିପାରି ନ ଥିଲେ। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୨୧ ରନ ଓ ୪ ୱିକେଟରେ ଜିତିଥିବା ଘରୋଇ ଇଂଲଣ୍ଡ ଦଳ ଏଥିସହ ଟି-୨୦ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ହ୍ୟାରୀ ବ୍ରୁକ୍‌ଙ୍କ ନେତୃତ୍ୱଧିନ ଇଂଲଣ୍ଡ ମଧ୍ୟ ପୂର୍ବରୁ ଏକଦିବସୀୟ ସିରିଜକୁ ୩-୦ରେ ପୋଛିନେଇଥିଲା।



ମଙ୍ଗଳବାର ରାତିରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ଦୁଇ ଓପନ୍ ବେନ୍ ଡକେଟ୍ ଓ ଜେମି ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ବଳରେ ୩ ୱିକେଟ୍‌ରେ ୨୪୮ ରନର ବିଶାଳ ସ୍କୋର କରିଥିଲା। ଡକେଟ୍ ୪୬ ବଲରେ ସର୍ବାଧିକ ୮୪ ଓ ସ୍ମିଥ୍ ୨୬ ବଲରେ ୬୦ ରନ କରିଥିଲେ। ଅଧିନାୟକ ବ୍ରୁକ୍ ୩୫ ଓ ଜାକବ ବେଥେଲ ୩୬ ରନର ଅପରାଜିତ ପାଳି ଖେଳିଥିଲେ। ଜୋଶ୍ ବଟଲର୍ ୨୨ ରନ କରି ଆଉଟ୍ ହୋଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୮ ୱିକେଟରେ ୨୧୧ ରନ କରି ପରାଜୟବରଣ କରିଥିଲା। ରୋଭମାନ ପାୱେଲ ୯ ଚୌକା ଓ ୪ ଛକା ସହ ୪୫ ବଲରେ ୭୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସାଇ ହୋପ୍ ୪୫, ସିମରନ ହେଟ୍‌ମାୟର ୨୬, ଜାସନ ହୋଲ୍ଡର ୨୫ ରନ କରିଥିଲେ। ବିଜୟୀ ଇଂଲଣ୍ଡ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ଲ୍ୟୁକ୍ ଉଡ୍ ସର୍ବାଧିକ ୩ଟି ଓ ଆଦିଲ ରଶିଦ ୨ଟି ୱିକେଟ୍ ନେଇଥିଲେ। ଡକେଟ୍ ମ୍ୟାଚ୍‌ର ଓ ବଟଲର ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଜାତୀୟ ସିନିଅର ଉଷୁ ପାଇଁ ୪୨ ଜଣିଆ ଓଡ଼ିଶା ଦଳ



ଭୁବନେଶ୍ୱର, ୧୧।୬ (ସମିସ): ରାଜସ୍ଥାନର ଜୟପୁରଠାରେ ଚଳିତ ମାସ ୧୪ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଜାତୀୟ ସିନିଅର ଉଷୁ ଚାମ୍ପିଅନସିପ୍‌ର ୩୪ତମ ସଂସ୍କରଣ ଅନୁଷ୍ଠିତ ହେବ। ଏହି ଚାମ୍ପିଅନସିପ୍‌ରେ ୪୨ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବାକୁ ଗୁରୁବାର ରାଜସ୍ଥାନ ଗସ୍ତ କରିଛି। ଓଡ଼ିଶା ଦଳରେ ୨ଜଣ ଅଫିସିଆଲ୍ ଓ ୩ଜଣ ଟେକ୍‌ନିକାଲ ଅଫିସିଆଲ୍ ମଧ୍ୟ ରହିଛନ୍ତି। ଯୁଧିଷ୍ଠିର ଗୁରୁହାଣ୍ଡି ଓ ପ୍ରସାଦ ନାୟକ ପ୍ରଶିକ୍ଷକ ଭାବେ ଓଡ଼ିଶା ଦଳ ସହ ଗସ୍ତ କରିବେ। ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ଓ ବିକାଶ ପଟ୍ଟନାୟକ ପ୍ରମୁଖ ରାଜ୍ୟ ଦଳର ସଫଳତା କାମନା କରି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଆନ୍ତଃରାଜ୍ୟ ଦୃଷ୍ଟିହୀନ କ୍ରିକେଟ: ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୧୧।୬ (ସମିସ): ବିଶାଖାପାଟଣାରେ ଅନୁଷ୍ଠିତ ଏନ୍‌ଟିପିସି ଏମ୍ପାୱାର ଆନ୍ତଃରାଜ୍ୟ ଟି-୨୦ ମହିଳା ଦୃଷ୍ଟିହୀନ କ୍ରିକେଟ୍‌ରେ ଚାମ୍ପିଅନ ହୋଇ ଓଡ଼ିଶା ଦଳ ରାଜ୍ୟ ପାଇଁ ଗୌରବ ଆଣିଛି। ବୁଧବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲ ମୁକାବିଲାରେ ଓଡ଼ିଶା ୨୯ ରନରେ ଘରୋଇ ଆନ୍ଧ୍ର ପ୍ରଦେଶ ମହିଳା ଦଳକୁ ପରାସ୍ତ କରିଥିଲା। ବର୍ଷା ଯୋଗୁ ଫାଇନାଲ ମ୍ୟାଚକୁ ୧୫ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୬ ୱିକେଟ୍‌ରେ ୧୦୯ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଫୁଲ ସୋରେନ ସର୍ବାଧିକ ଅପରାଜିତ ୩୯ ରନ କରିଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ ୧୩.୫ ଓଭରରେ ୮୦ ରନରେ ଅଲ୍‌ଆଉଟ୍ ହୋଇ ପରାସ୍ତ ହୋଇଥିଲା। ବିଜୟୀ ଓଡ଼ିଶା ଦଳର ବାସନ୍ତୀ ହାଁସଦା ୪ଟି ରନ୍‌ଆଉଟ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ବି-୧ ବର୍ଗରେ




ଯମୁନାରାଣୀ ଟୁଡୁ, ବି-୨ରେ ସୁକାନ୍ତୀ ଦଳପତି ଓ ବି-୩ ବର୍ଗରେ ଝିଲ୍ଲୀ ବିରୁଆ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଚାମ୍ପିଅନ ଓଡ଼ିଶା ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚାମ୍ପିଅନ ଓଡ଼ିଶା ମହିଳା ଦଳକୁ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି) ସଭାପତି ମହମ୍ମଦ ଜାଫର ଇକବାଲଙ୍କ ସମେତ ସନ୍ନ୍ୟାସୀ କୁମାର ବେହେରା, ଦେବାଶିଷ ଜେନା, ସୁଖରାମ ମାଝୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସୁଖଦେବ ସୋରେନ ଓଡ଼ିଶା ମହିଳା ଦଳର ପ୍ରଶିକ୍ଷକ ଭାବେ ବିଶାଖାପାଟଣା ଗସ୍ତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS